
### ସାହିତ୍ୟପ୍ରାଣ ଖଗେଶ୍ୱର ଶେଠଙ୍କର୍

# ପଏର୍ଛା ସତୀ

## କାବ୍ୟ ଚର୍ଚ୍ଚା ବିଶେଷାଙ୍କ,୨୦୨୫

(ପହେଲା ବଛର୍, ପହେଲା ଭାଗ୍)



(ଅକ୍ଷୟ ତୃତୀୟା, ୧୯୦୬-୧୮ଫେବୃୟାରୀ ୧୯୮୭)

-ପ୍ରକାଶକ-

**ଆମର୍ ସାହିତ୍ୟ**

-: ଉପଦେଷ୍ଟା ମଣ୍ଡଳୀ :-
**କେଶରଂଜନ ପ୍ରଧାନ**
**ରସରାଜ ଅଚ୍ୟୁତ ପୁରୋହିତ**
**ଅଶୋକ କୁମାର ବହିଦାର**
**ପୁଲିସ କବି ରଂଜିତ ପଧାନ**
**ସୁଶାନ୍ତ କୁମାର ମିଶ୍ର**

-: ସଂପାଦନା :-
**ପ୍ରଶାନ୍ତ କୁମାର ମେହେର**

-: ସଂଯୋଜନା :-
**ଗୌରାଙ୍ଗ ପାଣ୍ଡେ**

-: ପ୍ରକାଶନ ସମିଆ :-
**୧୧ ଜାନୁୟାରୀ ୨୦୨୫**


-: ମୁକଲାନ୍ ଠାନ୍:-
**ଟାଉନ୍ ହଲ୍, ପଦମପୁର, ଜି.ବରଗଡ଼**

-: ଛାପାଖାନା:-
**ନୁଆଁସକାଲ୍ ପବ୍ଲିକେସନ୍ସ, ଡୁଙ୍ଗୁରିପାଲି**
**ମୋ-୯୯୩୭୯୮୬୮୯୭**

-:ମଲାଟ୍ :-
**ପ୍ରବିଣ**

-:ଦାମ୍:-
**୧୦୦/-**

# ଆମର୍ ସାହିତ୍ୟ...
# ଆମର୍ ଉଦ୍ଦ୍ୟେଶ୍



ବିଦେଶ୍ ମାଟିନୁ ସାହିତ୍ୟକେ ଭଲ୍‌ପାଇକରି ସାହିତ୍ୟ କୃତିମାନ୍‌କୁଁ ପାଇପାର୍‌ବା ଯେ ପ୍ରବଲ୍ ଇଚ୍ଛାଟେ ଥିଲା ହେଟା ଆମର୍ ସାହିତ୍ୟ ଡିଜିଟାଲ ସ୍ୱରୂପ୍ ହେଇକରି amarsahitya.org website ବନ୍‌ଲା । ଖାସ୍ କରି କୋଭିଡ୍ ସମିଆରେ ଯେନ୍ କଟ୍‌କଣାରେ ରହିକରି ସାହିତ୍ୟ କୃତି ଗୁଡ଼ାକ କୁଲ୍‌ଜି କରି ଇ ରନେଟ୍‌ରେ ବହୁତ୍ କମ୍ ପରିମାଣ୍‌ରେ ମିଲିଥିଲା । ସେନୁ ଭାଷା ସାହିତ୍ୟର୍ ଲେଖକ୍ କବିକେ ଏକଜୁଟ୍ କରି ତାକର୍ ଲେଖାମାନ୍‌କେ ଅନ୍‌ଲାଇନ୍ କେନ୍‌ତା ଆନିପାର୍‌ମା... ପୁରୁନା ଲେଖା ମାନ୍‌କୁ ଡିଜିଟାଲ୍ ବନେଇ ପାର୍‌ମା... ଦୁନିଆଁରେ କେନ୍‌ସି ଜାଗାରେ ଥିଲେ ପୁରୁନା ଲେଖକଙ୍କର୍ କୃତି ହଉ କି ନୁଆଁ ଲେଖକ୍ ମାନକର୍ ପହେଚାନ୍ କେନ୍‌ତାକରି କରି ପାର୍‌ମା ଇ ସବୁ ଉଦ୍ଦେଶ୍ କେ ନେଇ www.amarsahitya.org website ଟା ମୁଲ୍ ହେଲା । ଆମର୍ ସାହିତ୍ୟ ଗୁଟେ ୱେବସାଇଟ୍ ନୁହେ ଇଟା ଗୁଟେ ଛୋଟ୍ ଉଦ୍ୟମ୍ ଆଏ ବଡ୍ କାମ୍ କରବାର୍ ଲାଗି... ଭାଷା ସାହିତ୍ୟ ଆଉର୍ ତାର୍ କବି ଲେଖକ୍‌ମାନକୁଁ ଡିଜିଟାଲ୍ ମାଧ୍ୟମ୍‌ରେ ବିଶ୍ୱଦରବାର୍‌ରେ ପୁହୁଁଚାବାର୍ ଲାଗି ।

ସାହିତ୍ୟର୍ ବଢ଼ତି ଦିଗେଁ ବହୁତ୍‌ଟେ କାମ୍ ହେଇଛେ... ଆମର୍ ଭାଷାର୍ ମୁର୍ଧୁନି କବି ଲେଖକ୍‌ମାନେ ଆମର୍ ଭାଷା ସମ୍ବଲପୁରି-କୋଶଲୀକେ ଗୁଟେ ନୁଆଁ ପହେଚାନ୍ ଦେଇକରି ଉଜଲ୍ କରିଛନ୍ ତାର୍ ଭବିଷ୍ୟତ୍‌କେ । ଇ ହିସାବେ କବି ହେମଚନ୍ଦ୍ର ଆଚାର୍ଯ୍ୟ, କବି ସତ୍ୟନାରାୟଣ ବହିଦାର, କବି ଖଗେଶ୍ୱର ଶେଠ୍, କବି ନୀଳମାଧବ ପାଣିଗ୍ରାହୀ ଆଗ୍‌ଧାଡିରେ ଥାଇକି ଆମ୍‌କୁ ବହୁତ୍‌ଟେ ଅମୂଲ୍ୟ ଲେଖାମାନ୍ ଛାଡି ଯାଇଛନ୍ । ତାକର୍ ଇ ଲେଖାମାନ୍‌କୁ ନୁଆଁ ପୀଢ଼ିର୍ ଲୋକ୍‌କେ ଜାଗ୍ରୁତ୍ କରି ପୁହୁଁଚାବାର୍ କାମ୍‌ଟେ ଆମର୍ ସାହିତ୍ୟ ତରଫ୍‌ନୁଁ ଛୋଟ୍‌ଟେ ପ୍ରୟାସ୍ ଆଏ । ଏନ୍‌ତା ଆମର୍ ଅଂଚଲ୍‌ର ମୁର୍ଧୁନି ଲେଖକ୍, କବି, ନାଟ୍ୟକାର୍ କି ଆଉ କିଛି ପ୍ରତିଷ୍ଠିତ୍ ଲୋକ ଆର୍ ତାକର୍ ଅବଦାନ୍‌କେ ନେଇକରି ଗବେଷଣାତ୍ମକ୍ ବିଶେଷାଙ୍କଟେ ପ୍ରକାଶ କରବାର୍ ଚେଷ୍ଟା ହେବା । ଇ ହିସାବେ ଇ ବରଷ୍ ଆମେ ସାହିତ୍ୟ ପ୍ରାଣ କବି ଖଗେଶ୍ୱର ଶେଠ୍‌ଙ୍କର୍ ଜୀବନୀ ଚର୍ଚ୍ଚା ଆଉ ପରିଚୟକେ ନେଇ 'ପର୍ଏଛା ସତୀ' କାବ୍ୟ ଚର୍ଚ୍ଚା ବିଶେଷାଙ୍କ-୨୦୨୫ ପ୍ରକାଶ୍ କରିଛୁଁ...

ଗୌରାଙ୍ଗ ଭାଇକେ ବହୁତ୍ ଧନ୍ୟବାଦ୍ ଦେମି... ସେ ଇ ବହିର୍ ଲାଗି ପହେଲା ପ୍ରସ୍ତାବ୍ ଦେଇଥିଲେ । ଇ ବହିଥି ଲେଖା ଦେଇଥିବାର୍ ସବୁ ସିଆନ୍ ସୁଜନ୍, ଲେଖକ୍, ଗବେଷକ୍ ଆଗ୍ୟାଁମାନଙ୍କୁଁ ବି ଆମେ କୃତଜ୍ଞତା ଜନଉଛୁଁ... ଭାଷା ସାହିତ୍ୟର୍ ସେବା କରବାର୍ ମତେ ବହୁତ୍ ଖୁସ୍ ଲାଗ୍‌ସି... ଆଉ ଇଟା ମୋର୍ ମାଁ ମାଟିର୍ ମାତୃଭାଷାର୍ ବଢ଼ତିର୍ ଲାଗିଁ ମୋର୍ କ ର୍ବ୍ୟ ବି ଆଏ... ଭାଷାର୍ ଜଏ ହଉ... ସାହିତ୍ୟର୍ ଜଏ ହଉ... ଜେ ମାଁ ସମଲେଇ !!!

**ପ୍ରଶାନ୍ତ କୁମାର ମେହେର**

# ସଂଯୋଜକଙ୍କର୍ କଲମ୍‌ନୁ...

## ଜୟ ଖଗେଶ୍ୱର...

## ଜୟ ହୋ ପଏର୍ଚ୍ଛା ସତୀ!!



ସାହିତ୍ୟ ପ୍ରାଣ କବି ଖଗେଶ୍ୱର ଶେଠ୍‌ଙ୍କର୍ 'ପଏର୍ଚ୍ଛା ସତୀ' କାବ୍ୟଥିଁ ନାରୀ ମୁକ୍ତିର୍ ଉଲ୍‌ଗୁଲାନ୍, ନାରୀ ସଶକ୍ତିକରଣ୍‌ର ଆବାଜ୍, ନାରୀ ହକ୍ ଆର୍ ଅଧିକାର୍‌ର କଥା, ନାରୀ ସ୍ୱାଧୀନତାର୍ ଗାଥା, ନାରୀର୍ ଉପ୍ ି ସ୍ଥିତି, ଗତି, ପ୍ରଗତି ଭିନ୍‌ଭିନ୍ ଦିଗ୍, ନାରୀର୍ ମନର୍ ମରମର୍ ଗାଥା, ଛାତି ତଲର୍ ବଥା, ନାରୀର୍ ରହନ୍‌ସହନ୍, ଚାଲ୍ ଚଲନ୍ ଗୁନ୍ ଅବଗୁନ୍, ନାରୀର୍ ଜୋଶିଲା ମନ୍, ତହଁକ୍ ଧନ୍, ସତୀପନ୍, ନିରୋଲ୍ ତନ୍ ର ଝଲକ୍ ଜକ୍‌ବକ୍ ଦେଖିବାର୍‌କେ ମିଲ୍‌ସି । ଆଏଜ୍ ଯେତେବେଲେ ସାହିତ୍ୟଥିଁ ନାରୀବାଦୀ ସୁର୍ ର କଥା ଚର୍ଚ୍ଚା ଜୋର୍ ଧରୁଥିଲା ବେଲେ... ଆମର୍ ସାହିତ୍ୟଥିଁ କାହୁଁ ୭୫ ବଛର୍ ଆଘୋନୁ କବି ଖଗେଶ୍ୱର ଶେଠ୍ ୧୯୪୯ ସାଲେଁ ନାରୀବାଦୀ ବିଚାର୍‌ଧାରାକେ ନେଇ ଚର୍ଚ୍ଚିତ୍ କାବ୍ୟ 'ପଏର୍ଚ୍ଛା ସତୀ' ଲେଖି ଯାଇଛନ୍ । ଇଟା ଆମର୍ ସାହିତ୍ୟର୍ ଲାଗିଁ... ଆମର୍ ଇ ଅଂଚଲର୍ ଲାଗିଁ... ଆମର୍ ଇ ସଂସ୍କୃତିର୍ ଲାଗିଁ କବିଙ୍କର୍ ବଡ଼େଟେ ଦେନ୍ ଆଏ ।

ନାରୀ ଅଗ୍‌ବି ନିଜର୍ କଥା, ଛାତି ତଲର୍ ବଥା, ମରମ୍ ର ଗାଥାକେ ନେଇ ହାସ୍ୟ, ବ୍ୟଙ୍ଗ, କରୁଣ ରସ୍‌ଥିଁ ଆମର୍ ଭାଷାର୍ ମୌଲିକ୍ ଶବ୍ଦମାନ୍‌କୁ ନେଇ କାବ୍ୟକେ କବି ଏନ୍‌ତା ବତ୍‌ରେଁ ଉପସ୍ଥାପନା କରିଛନ୍ ଯେ ସବୁ ବର୍‌ଗର୍ ପାଠକ୍, ଦର୍ଶକ୍, ଶ୍ରୋତାମାନକର୍ ମନ୍‌କେ ମୁହିନେବା । ଇ କାବ୍ୟକେ ଗାଇ ହେବା, ଗୁଏଇ ହେବା; ପଢ଼ି ହେବା, ପଢ଼େଇ ହେବା; ଶୁନି ହେବା, ଶୁନେଇ ହେବା, କର୍ମାର୍ ସୁରେଁ ସୁରେଁ ତାଲେ ମାନେ ଗିନି ମୁରଦୁଙ୍ଗ୍ ଧରି ନାଚିହେବା... ନଚେଇ ହେବା; ଅଭିନୟ କରିହେବା, ପ୍ରବଚନ୍ ବୁଝେଇ ହେବା, କୀ ର୍ନ୍ ଧାରାର୍ ବୈଠକି ବି କରିହେବା... 'ପଏର୍ଚ୍ଛା ସତୀ' କାବ୍ୟ ସନ୍ଧ୍ୟା ମନେଇ ହେବା... 'ପଏର୍ଚ୍ଛା ସତୀ' ପାରାୟଣ ବି କରିହେବା... ଇଟା ଆମର୍ ଭାଷାର୍ ଲାଗିଁ ଗର୍ବ ଆର୍ ଗୌରବର୍ ବିଷୟ ଆଏ । ଇଥିର୍ କାଜେ ଇ କାବ୍ୟଟା ସବୁଦିନ୍ ଲାଗିଁ କାଳଜୟୀ ହେଇ ରହେବା ।

କବି ଖଗେଶ୍ୱର ଶେଠ୍‌ଙ୍କର୍ ଜୀବନୀ ଆର୍ ସୃଜନୀ ସତ୍ ଆଶ୍ରି ଥିଲା । ନିର୍ଭୀକ୍ ନିରୋଲ୍ ଥିଲା ବଲି ଏକା କବିଙ୍କୁ ବାରବୁଲା ହେବାର୍‌କେ ପଡ଼ିଥିଲା... ତହବି ଘଲେ କବି କେଭେ ହାର୍ ନାଇଁ ମାନି କି ହଟି ନାଇଁଯାଇ... ସମାଜ୍ ସୁଧାର୍ ଲାଗିଁ ଦେଶ୍ ଦେଶର୍ ହିତର୍ ଲାଗିଁ ନିଜର୍ ତାକର୍ କଲମ୍ ଚଲେଇଛନ୍... ଅସତ୍, ଅଧରମ୍, ଅଂଧବିଶ୍ୱାସ୍, ଅଚଲନ୍, ଅକରମ୍ ବିରୁଧେଁ ଜୀବନ୍ ତମାମ୍ ସାହିତ୍ୟ ସାଧନା ଜାରି ରଖିଛନ୍... କେଭେଁ କବି ମଠା , ମାଏନ୍‌ତା ପଟା ଲାଗିଁ ଲାଲାୟିତ୍ ନାଇଁଥାଇ । କବି ଖଗେଶ୍ୱର ସ୍ପଷ୍ଟବାଦୀ, ସଂସ୍କାରବାଦୀ ଆର୍ ମାନବ୍‌ବାଦୀ ଥିଲେ । ଇତାର ପ୍ରତିଫଳନ୍ ତାକର୍ କାବ୍ୟ, କବିତାଥିଁ ଜଜ୍‌ବଜ୍ ଦେଖବାର୍‌କେ ମିଲ୍‌ସି ।

ମାଇକ୍, ମଚାନ୍, ମାଏନ୍‌ତାପଟାର୍ ଲୋଭ୍ ଲାଲଚ୍‌ଥିଁ ସାହିତ୍ୟ ସାଧନା କରବାର୍ ଛାଡ଼ି ଆସୁନ୍ କବି ଖଗେଶ୍ୱର ଶେଠ୍‌ଙ୍କର୍ ବାଗିର୍ ସେ ନିରୋଲ୍ ସାହିତ୍ୟ ସାଧନାକେ ଅପ୍‌ନେଇ ନେମା... । ଆମର୍ କଲମ୍, ଆମର୍ ଦମ୍, ଆମର୍ ଲେଖନୀକେ ସମାଜ୍‌ର ହିତେଁ ସଅଁପି ଦେମା ।

ଖଗେଶ୍ୱରୀୟ ସାହିତ୍ୟର୍ ଜଏ ହଉ... ! !

ଜୟ କବି ଖଗେଶ୍ୱର ! ଜଏ ହୋ ପଏର୍ଚ୍ଛାସତୀ ! !

**ଗୌରାଙ୍ଗ**

# ସୁଚିପତର୍


| | | |
|---|---|---|
| | ପଏର୍ଚ୍ଛା ସତୀ (କାବ୍ୟ) | ୯-୨୩ |
| ୧. | 'ପଏର୍ଚ୍ଛା ସତୀ' ଆର କବି ଖଗେସ୍ୱର | |
| | ନାଟ୍ୟକାର କେଶରଞ୍ଜନ ପ୍ରଧାନ | ୨୪ |
| ୨. | "ପଏର୍ଚ୍ଛା ସତୀ" କାବ୍ୟ ନ ନାରି ସମ୍ୱେଦନସିଲତା | |
| | ଡ. ସୁବାସ ମେହେର | ୪୦ |
| ୩. | ପଏର୍ଚ୍ଛା ସତୀ | |
| | ଉତ୍ପନ୍ନ କୁମାର ଭୋଇ | ୪୭ |
| ୪. | 'ପଏର୍ଚ୍ଛା ସତୀ'ର୍ କବି ଖଗେଶ୍ୱର | |
| | ଡ.ବଭ୍ରୁବାହନ ମହାପାତ୍ର | ୫୮ |
| ୫. | ପଇରବି: ପଏର୍ଚ୍ଛା ସତୀର୍ ପଖିଆ ହେଇକରି | |
| | ଗୌରିଦାସ ପଧାନ | ୬୧ |
| ୬. | 'ପଏର୍ଚ୍ଛା ସତୀ'ର୍ ନିରମଲ୍ ଭାବ୍ | |
| | ଡ. ସତ୍ୟନାରାୟଣ ଠାକୁର | ୭୦ |
| ୭. | 'ପଏର୍ଚ୍ଛା ସତୀ'-ଗୁଟେ ଉଲଗୁଲାନ୍ | |
| | ସାଗରିକା ପାଣିଗ୍ରାହୀ | ୮୪ |
| ୮. | ଖଗେଶ୍ୱରଙ୍କ ସତୀ ଭିତ୍‌ରେ 'ପଏର୍ଚ୍ଛା ସତୀ' | |
| | ଜିତେନ୍ଦ୍ର ପର୍ଡିଆ | ୮୯ |


-୦-

# ପଏର୍ଚ୍ଛା ସତୀ

## (କର୍ମା ସୁର୍)

ଶୁନ ଗୋ ମା' ବହନେ,
ମୋର୍ ନାଆଁଟା ପଏରଚ୍ଛା ସତୀ
ମତେ ବଲ୍ସନ୍ ବାଂଝେନ୍ ଛାର୍ରୀ
ଘଏତାଖାଇ ନଟୀ ବିଛାତୀ ।।(ଘୋଷା)

ନାଇଁ ଖଟିଁ ମୁଇଁ କାଏଁ କହେବ,
ଯେନ୍ ପୋ'କେ ଦେଇଥିଲା ଦଏବ;
ସେ' ପୋ' ଆଏଜ୍ ଜୀଇଁଥିଲେ କାଏଁ
କଲ୍ଜାଫଟା କଥା ଶୁନ୍ତିଁ ? ।୧।

ମା' ବାପ୍ ଯଦି କଲେ ରିସ୍
ମତେ ଦେଇଥିତେ ମହରା ବିଷ୍;
ଛୁଆର୍ ଟେଁଟି ମାଡ଼ିନେଲେ ମୋର୍
ନାଇଁ ଶୁନ୍ଲେ ଜୁହାର୍ ବିନ୍ତି ।୨।

କାଏଁ ଦୋଷ୍ କଲିଁ ଯେ ନାଇଁ କହେତା ?
ନାଇଁ ନେଲା ମତେ ବିହେଇ ଘଏଁତା
ପଏସା ମୁଡି ପଶ୍ଲା ବାଗିର୍
ବରକସି କାଏଁ ଢୁକି ଯାଏତିଁ ? ।୩।

ବାପ୍ ଅଁଟ୍କୁରା ଟଁକା ଦେଖ୍ଲା
ଦର୍ମରାଟାକେଁ ଝଁପେଇ ନେଲା;
ବନ୍ଦ୍ନା ଲୁଗାଥିଁ କନ୍ଦ୍ନା ଲାଗ୍ଲା
ଲାଖ୍ଚୁରି କାଣା ଭାଙ୍ଗ୍ତିଁ ହେଥିଁ ? ।୪।

ଘଏତା ଖାଇ ବଏଲେଁ ହେଲେଁ
କାଏଁ କର୍‌ବେ ସହି ନେଲେଁ ?
ପଏତାପିନ୍ଧା ଝି ନୁହେତ
ରହିଗଲେ ଭାଏଲ୍ କୁହି ଯାଏତିଁ ।୫।

ବାଲୁତ୍ ରାଆଁଡି ପାପର୍ ଡରେଁ
ସଢ଼ି ଯାଉଥିବା ବାପର୍ ଘରେଁ;
ଟଁଟି ଭିଜାଲେଁ ଝିଇକେ ପାପ୍
ବାପ୍ ଚାଖୁଥିବା ନାର୍ଙ୍ଗୀ ଲେତି ! ।୬।

ଡାଲ୍‌ଖାଇ ନାଚେଁ ମୋର୍ ଦିନ୍‌କେ
ଶାଢ଼ୀ ଟଁକା ପାଇଥିଲିଁ ସିନ୍‌କେ
ହେଥିର୍ ଲାଗିଁ ମତେ ନଟୀ ବଏଲେଁ
ଯେନ୍‌ତା ଲାଗ୍‌ସି କାଏଁ କହେତିଁ ! ।୭।

ବାଜୁଥିତା ଢୁବି ତବ୍‌ଲା ଗିନି
ନାଚୁଥିତିଁ ମୁଇଁ ସାଜୋ ପିନ୍ଧିଁ
ଦେଖୁଥିତେ ଲୋକ୍ ଟିକଟ୍ ଘିନି
ନଟୀ ବଏଲେଁ ହଁ ବଲ୍‌ତିଁ ।୮।

କାର୍‌ତିକ୍ ମାସେଁ ସାଙ୍ଗର୍ ଲୋକ୍‌କୁଁ
ଉଠେଇ ଆନ୍‌ସିଁ କୁକ୍‌ରା ଡକୁଁ
ବିଛାତୀ କା'ହିଁ ହେଲିଁ ମତେ ତ
ପର୍‌ସନ୍ ହେସନ୍ ବୃନ୍ଦାବତୀ ?।୯।

ପୁଆଲ୍ ମାଡ଼ିହେଲେଁ ହେସିଁ ଛିଆଁଚି,
ଘାଟ୍‌କେ ଯାଏସିଁ କପ୍‌ଟା କାଁଚି,
ଉଦା ଦିହେଁ ଫେର୍ ବିଠୁଆ ହେଲେଁ
ଧୁଇ ହେସିଁ ମୋର୍ ସବୁ କୁତି ।୧୦।

ତବେ ଗୁଡାଖୁ ସାଗୁନ୍ ନେସିଁ
ଅଁର୍ଗା ଘାଟେଁ ରଗଡ଼ି ହେସିଁ
ଘାଟର୍ ପଖନ୍ ଜିହିଁ ଯାଏସି
ଦୁହି ରେଡ଼ିଟା ରେତି ରେତି ।୧୧।

ସଞ୍ଜ ବେଲେଁ ଗଲେଁ ବାହାର୍କେ ଭଁଟା
ଏକ୍‌ଲା ଯାଏସିଁ ଧୁବେନ୍ କଁଟା,
ପାଏନ୍ ଛିଆ ବେଲେଁ ଲୋକ୍ ଆସିଗଲେଁ
ବେଁକେ ପାନିଁ ଯାଇ ହେସିଁ ବୁଥି ।୧୨।

ଦାନ୍ ପୁଇନ୍‌କେ ନେଇଁନ ଧନ୍
ଭକ୍‌ତି ଠାନ୍‌କେ ବଡ଼ା ମନ୍,
ନାମ୍ କୀର୍‌ତନ୍ ସପ୍ତା ହେଲେଁ
ବର୍‌କସି ହେସିଁ ପାଏନ୍ ବୁହାତି ।୧୩।

ଗାଁକେ ଆସ୍‌ଲେଁ ବାବାଜୀ ମାତା
ଗିଆନ୍ ଶୁନ୍‌ସିଁ ରାଏତ୍ ସର୍‌ତା
ସାଙ୍ଗେ ନେବାର୍‌କେ କହେସନ୍ ବାବା
ଦେଖିକରି ମୋର୍ ସେବା ଭକ୍‌ତି ।୧୪।

ଗଙ୍ଗା ଗୟାଥିଁ ନାଇନ ପଛେଁ
ଇ, ଠାନେ ତ ସବୁ ଅଛେ,
'ମନ୍ ନିରମଲ୍-ଗଙ୍ଗାଜଲ୍' ବଲିଁ
କହେସନ୍ ତ ମାଁ ପଁଡାର୍ ନାତି ।୧୫।

ନାଚ୍ ହଉଥିଲେଁ ଆଘୋ ହାଜର୍
ବାସ୍‌ନା ତେଲ୍ ମୋର୍ ମୁଣେଁ ଜର୍‌ଜର୍,
ଦୂତର୍ ଚାହାନି ଚାଖି ଦେଖି
ମନ୍ ବଲ୍‌ସି ଲମି ଯାଏତିଁ ।୧୬।

ସପ୍ନେଁ ଦେଖ୍‌ଲିଁ ଡଣ୍ ପୁଞ୍ଜେ
କୃଷ୍ଣଁ ପଶ୍‌ଲେ ରାଧାର୍ କୁଞ୍ଜେଁ,
ଦୂତି ଆସି ମୋର୍ ଖଟେଁ ବସ୍‌ଲା
ଚମ୍‌କି ଉଠି ବସ୍‌ଲିଁ ଚେତି ।୧୭।

ଅଣାଲି ଦେଖଲିଁ ସବୁକୁତି
କାହିଁର୍ ଆଏତା ଡଣର୍ ଦୂତୀ,
କା'ଆଁଜେ ଚେତ୍‌ଲିଁ ପଷ୍ଟେ ହେଲିଁ
ଡାକ୍‌ଲେ କୁକ୍ରା କଜଲ୍‌ପାତି ।୧୮।

ମା' ବାପ୍ ମତେ ସୁଖେଁ ବଢ଼ାଲେ
କାଏଁ କର୍‌ମିଁ, ଥୁରେ ପଢ଼ାଲେ,
ଜହ ପଢିଥିଲେଁ ନାଟେଁ ବାହାର୍‌ତିଁ
ସୁହୁଦ୍ରା ସତୀ-ରାଧା ଦୂତୀ ।୧୯।

ଆସିଥିଲେ ଏଭେଁ କଟ୍‌କୀ ପାଲା
ଗାହାକ୍ ଥିଲା ଗୁଟେ ମାହାତି ପିଲା,
ସେ'ତ ମତେ ଘିନି ନେଇଛେ
ଶାଢ଼ୀ ଖଁଡେ ବାର ପନ୍ଦ୍ରହାଁତୀ ।୨୦।

ସବୁ ଦିନ୍‌କେ ରହୁଥିଲା
ପାଲା ଶିଖାମି କହୁଥିଲା,
ବୁଢ଼ା ଅଁଟ୍‌କୁରେ ଭାଙ୍ଗ୍‌ଲେ ନାହେଲେଁ
ଗାଁ ଯାକର୍ ମନ୍ ଥିଲା ସେଥିଁ ।୨୧।

ଗାଆଁଥି ହେନ୍ତା ଝନେ ଝନେ
ନାଇଁ ଥିଲେଁ କାଏଁ ଲାଗ୍‌ସି ବନେ,
ବୁଢ଼ାମାନେ ହେ'ଟା ବୁଝ୍‌ବେ କା'ଣା
ନାଁକେ ମୁନୁଷ୍ ନା ହେଲେଁ ପାତି ।୨୨।

ପୁରାନ୍ ବସାଲେଁ ଗାଆଁ ଯାକ
ମୋର୍ ଚିହ୍ନାର୍ ଯେତେ ଗାହାକ
ଯିଏ  ଆସୁ ବି' କାଏଁ ପଁଡ଼ା ଦାଶ୍
କାଏଁ ମିଶ୍ର, କାଏଁ ଦେବ୍‌ତା, ପତି ।୨୩।

ଦୁରିଆ ଗାଁଥିଁ  କେଭେଁ ସିଲେଁ
ବନେ ହରିହାଟ୍ ହଉଥିଲେଁ
ଦିନାଚାରେ ବାସି ନାଇଁ ଶୁଇଲେଁ
ଦେଖିଯିବାର୍ ନାଇଁ ପଡ଼େ ଭୁତି ।୨୪।

ହଇ ବସ୍‌ଲେ ଭୁତ୍‌ଭୁତିଆ
ଦେଖି ଯାଏସିଁ ରଥ୍ ଦୁତିଆ
ଲୋକ୍ ଗହଲେଁ ବୁଝି ନାଇଁ ହୁଏ
ଗାହାକ୍ ପିଲାର୍ ଗୀତ୍ ବୁର୍‌ତି ।୨୫।

ପଏସା ପାଏସିଁ ଅନା ଦନା
ପେଡ଼ା ରସଗୁଲା ଦନା ଦନା,
ଯାହିଁ ଦେଖ୍‌ଲେଁ ମିତ୍ ମାହାର୍ସାତ୍
ନାଇଁ ଲାଗେ କାହିଁ କପ୍‌ଟା ଧୁତି ।୨୬।

ଗାଁ ଗଁଡା ଯାହିଁ ଗଲେଁ ହେଲେଁ
ଛାଡ଼ିନେସନ୍ କାଏଁ ଯାଏସିଁ ବଏଲେଁ
ବଡ୍ ବଡ୍ ଲୋକ୍ ମାସେ ଦୁଇମାସ୍
ରଖି ପକାସନ୍ କାଏଁ କର୍‌ତିଁ ।୨୭।

ଧାଜ୍ ଗୁରୀ ମୁଇଁ ନାଇଁ ହେଲେବି
ବନେ ଲୁକେ ମତେ ବଲ୍‌ସନ୍ ଦେବୀ,
ଉଲ୍‌ଟି ଦେଖ୍‌ଲା ଯେନ୍ ପିଲା ମତେ
ମୋର୍‌ଠାନୁଁ ନାଇଁଯାଏ ବର୍‌ତି ।୨୮।

ନାଇଁ ହେଲେଁ ଭି କଥା ବାର୍‌ତା
ଚମ୍‌କୁଥିବା ରାଏତ୍ ସର୍‌ତା,
ପାଇଥିବା ଯଦି ବନେ କରି ମୋର୍
କଜଲ୍ ଲଗା-ବିଜ୍‌ଲିବତୀ ।୨୯।

ଦେହେ ପା’ ମୋର୍ ନଶେ ଆଗୋ
ଆଏଜ୍‌କାଏଲ୍ ମୁଇଁ ନୁହେ ଜାନେଁ ଗୋ’
ଥରେ ଥରେ ଏକା କାଏଁ ହେସି ଯେ
ଯାହା ଖାଏଲେଁ ଲାଗ୍‌ସି ବାଁତି ।୩୦।

ଗଁତ୍ୟା ଯେନ୍‌ତା ସୋର୍ ପାଏସନ୍
କାଏଁ କାଏଁ ଚେର୍ ପଠେଇ ନେସନ୍,
ବାଟିକରି ସେଟା ପିଇନେସିଁ କି
ବନେ ଲାଗ୍‌ସି ସେ ତୁର୍‌ତି ।୩୧।

ନୁହେ ଗୋ ମାଁ ମୁଇଁ ପର୍ଦାବାଲୀ
ନାଇଁ ଜାନେ ଢମି-ଗେହ୍ଲି ଚାଲି
ହେନ୍ତା ଚାଲି ନାଇଁ ଭିରେ ମତେ
ବାଆନି ନେସି ଆମର୍ ଗୁଡି ।୩୨।

ହିଟେଇ ନେଇଛେଁ ଡଁଡି ଝଲ୍‌କା
ନାଇଁ ଜାନେ ମୁଇଁ ମୁହୁଁ ମଲ୍‌କା,
ତଥାପି ତ ଅଧେ ଲୋକ୍ ବଲ୍‌ସନ୍
ମଲ୍‌ମଲୀ ମୁହିଁ କଅଲ୍‌କତୀ ।୩୩।

ଖାକେଁ ମୁଣେଁ ଥିବା ପାଏନ୍ ମଠିଆ
ବାଟେଁ ଥରେ ଥରେ ହେସିଁ ଠିଆ,
ହୁରିଆ ଲୋକେ କହି ପକାସନ୍
ଛାଏଁ ଦେଖି ମୋର୍ ରଅସବତୀ ।୩୪।

ଥୁଇନେସିଁ କି ମଠିଆୟୁରା
ଦର୍ପନ୍-ପନିଆଁ ଲାଗ୍‌ସି ନୁରା,
ନାଇଁ ଦେଲେଁ ଘାଏ ଖୁଲିଁ-ଚହରା
ଠଅରି ନାଇଁ ହୁଏ ପାଦ୍‌ଖୁଜାଥିଁ ।୩୫।

ଦିନେ ବେଲେ ଛିନା ହେଲେଁ ଘର୍
ଛିନାଲିମାନ୍‌କୁଁ କେତେ ଡର୍,
ଘର୍‌କେ ଡର୍‌ଲେଁ କାହିଁ ରହେମି ମା'
ନାଇଁ କରେଁ ମୁଇଁ କେଭେଁ ଶୁଆତୀ ।୩୬।

ଲୋକ୍ ନୁର୍‌ସନ୍ ଧନ୍‌ଜନ୍
ମୋର୍ ମନ୍‌ଟା ଭିନେ ମନ୍,
ସବୁ ଦିନେ କାଏଁ ରହେବା ଜୀବନ୍
ରହେସି ସିନେ ଭାବ୍ ପୀର୍‌ତି ।୩୭।

ଗାଏଁ ପର୍ ଗାଏଁ ଯେଏନ୍ ହେଲେଁ
ଅଏନ୍ ପିଲାଟେ ଦେଖି ନେଲେଁ
ମନ୍ ବଲ୍‌ସି ଭାଏ ହେଲେଁ ଚଲେଁ
ଘାଏ ହେଲେଁ ମୁଇଁ କଥା ହେତିଁ ।୩୮।

ହାଟେଁ ଝନେକେ ପଚ୍‌ରାଲିଁ ଘାଏ
ବନେ ବନେ ହଇଛ କାଏଁ ?
ସେତ୍‌କି ଥିଁ ମତେ ଅବ୍‌ଦି କରି
ଅଡ୍‌ଗି ନେଇଛନ୍ ଆମର୍ ଜାତିଁ ।୩୯।

ଜାଏତ୍ ଗଲା ମୋର୍ କିଏ ଦେଖିଛେ
ଇ ଯୁଗର୍ ଜାଏତ୍ କିଏ ରଖିଛେ ?
ଉପ୍‌ରେଁ ସୁନାର୍ ଫୁଲ୍ ଫୁଟିଛେ
ଭିତର୍ ଯାକ ଗୁବର୍ ଛତି ।୪୦।

ଚାଲି ଚଲନ୍ ଯା'ର୍ ନାଇଁନ ଭଲ୍
ଜାତିଁ ଥିଲେଁ ହେଲେଁ କାଏଁ ଫଲ୍ ?
ଆମର୍ ଗାଆଁର୍ ପଁଡା ବୁଢ଼ାକେ
ନାଇଁ ପାର୍‌ବେ ଗଁଡା ବାହାର୍ତି ।୪୧।

ପୁଡ଼ିଯାଉ ସେ ଚୁପ୍ରା କୁଟା
ମନେ ବଲ୍‌ସନ୍ ଛିଛି କୁଟା,
ଛିଛିକୁଟା କା'ହିଁ ହେଲିଁ
ପ୍ରେମ୍-ସେବା ଯା'ର୍ ବାଢ଼ିବୁର୍‌ତି ।୪୨।

ମୋର୍ ବାଗିର୍ ତ କେତେ ପୁତ୍ଲି
ବଡ଼ ଦେଉଲେଁ ଯୁଲିକେ ଯୁଲି,
ଠାନ୍ ପାଇଛନ୍ ଲୋକ୍ ଦେଖୁଛନ୍
ନାଇଁ ଦେଲେଁ ହେଲେଁ ପୂଜା ଆଲ୍‌ତି ।୪୩।

ବଡ଼ହେଲିଁ ମୁଇଁ ଯେନ୍ ବର୍‌ଷେଁ
ନାଟ୍ ଶିଖୁଥିଲେ ପାଶେଁ ପାଶେଁ
ସେ' ବର୍ଷୁଁ ଉଡୁଛେ ମୋର୍
'ପର୍ଏଛା ସତୀ' ନାମ୍ କୀର୍‌ତି ।୪୪।

ନାଚି ନାଚି ଯିଏ ବନେ ଗାଏସି
ତାର୍ ନିକେ ମୋର୍ ମନ୍ ଧାଏଁସି,
ମଗ୍ନି କଲେଁ ମୁର୍ଚ୍ଛିନେସିଁ
ମୁଦି ମଲିକଢ଼ି ପରଜାପତି ।୪୫।

ଗାଁର୍ ଗଜାମୁଗ ଚଁପାଫୁଲ
ସାମକଁଟା ସାଙ୍ଗ ବଉଲ,
ସହି ମକର ଗଙ୍ଗାଜଲ
ସମ୍‌କୁଁ ମୁଇଁ ଯାଇଛେଁ ଜିତି ।୪୬।

ରସିଆ ନାଗର ଅତର୍‌ମଖା
କଁଷିପାନ୍‌ଖିଆ ବତର୍ ଚଖା,
ରଖ୍‌ନୀରଖା ମନ୍ ପରଖା
ସମ୍‌କର୍ ମନ୍ ମୁହିଛେଁ ନିତି ।୪୭।

ମୋର୍ କଥା ଭାଷା ପଲେଁ କାନେଁ
ଫଁ କର୍‌ସନ୍ ଜାତିଆମାନେ,
ପଚ୍‌କଲା ମୁଇଁ ଥୁକିନେସିଁ କିଁ
ରଚ୍ କର୍‌ସି ତାକର୍ ଛାତି ।୪୮।

ଯାହା କଲେଁ ମତେ ସବୁ ସହିଛେଁ
କରମ୍ ଆଦ୍‌ରି ଜୀଇଁ ରହିଛେଁ;
ଧରମ୍ ଆଗେଁ ସବୁ କହିଛେଁ
ଜାତିଆ ମାନ୍‌କର୍ ରୀଇତି ନୀତି ।୪୯।

ଜାତିଆମାନେ ହାଁଡିଁ ଖାଏସନ୍
ଗୁଡେଁ ପଲେଁ ଗାଧି ଯାଏସନ୍,
ଜୁହାର୍ ଗୋ ମା' ଇ, ଜାଏତ୍‌କେ
ନାଇଁ ମିଲୁ ପଛେଁ ଗତି ମୁକ୍ତି ।୫୦।

ଜାତିଆ କୁଲର୍ ଭାଏ ବାପ୍
ଯାହା କଲେଁ ଭି ସବୁ ମାଫ୍,
ମାହେଝି-ଚୂନା, ଅଁର୍ରା-ସୁନା
କହିଛେ ପରେ 'ମନୁ ସ୍ମୃର୍ତି' ।୫୧।

ଜାତିଆ ଧରମେ ମାହେଜି-ଦାସୀ
ରାନ୍ଧ୍‌ବା ତପ୍‌ଲା ଖାଏବା ବାସି,
ଅଁର୍ରା ବାବୁକେ ନାଇଁନ ଫାଶୀ
କରୁ ଦାରୀ ଚୁରି ଡକାଇତି ।୫୨।

ଅଁର୍‌ରାମାନ୍‌କୁଁ କିଏ କହେବା ?
ଚାଲ୍‌ଚଲନ୍ ତାକର୍ କିଏ ସହେବା ?
ସରବ୍ ସହନୀ ବଲିଁ ସିନେ ଗୋ
କୁଲେଁ ଧରିଛେ ମା' ଧର୍‌ତୀ ।୫୩।

ଦଶମାସ୍ ମା' କେଡେ କଷ୍ଟେଁ
ଜୀଆଁବା ପେଟେଁ ଶୁଆବା ଖଟେଁ,
ବଡ୍ ହେଲେଁ ଛୁଆ ମାର୍‌ବା ଆଁଟେ
'ବୁଆର୍ ପୋ' ବଲି ମାକର୍‌ଚିତି ।୫୪।

ନିଅମ୍ ସୁକୃତ୍ କରିଥିବେ
ଗୁହୁଡା ଗୁହୁଡା ମାରିଥିବେ,
ପେଟ୍ ଦିଶ୍‌ଲେଁ ଭେଟ୍ ନାଇଁ ଇଟା
ଜାତିଆମାନ୍‌କର୍ ସତିଆ ରୀତି ।୫୫।

ଫସେଇ ବସ୍‌ଲୁ ଦୁଇ ତିନ୍‌ଟା
କିଏ ସାର୍ବା ତୋର୍ ଦିନ୍‌ଟା
ନିଜେଁ ଭାଏ ବାପ୍ କହେଲେଁ ଆରୁ
ଗରଭ୍‌ବତୀର୍ କାଇଛେ ଗତି ? ।୫୬।

ସତିଆ ଲୋକ୍ ତ ଡର୍ବା ଲାଜେଁ
ଲୁକାଚୁରା କାମ୍ କର୍‌ବା କାଞ୍ଜେଁ ?
ଯଦି କରୁଛେ ନୁହେଁ ବଲୁଛେ
ନାଇଁ ହେଲା କାଏଁ ବିଶାସ୍‌ଘାତୀ ? ୫୭।

ଅଁର୍ଁା ପିଲା ଭମର୍ ପୋକ୍
କହେସନ୍ କେତେ ନିଲଜ୍ ଲୋକ୍,
ଦିନ୍ ବେଲେଁ ସତେଁ ଡର୍‌ସି ଭମର୍
ବୁଲ୍‌ସି ଖାଲି ରାଆତିଁ ରାତିଁ ।୫୮।

ଭମର୍ ପୁକର୍ ଭମରୀ ଅଛନ୍
ଅଁର୍ରେ କାଏଁ ନାଇଁ ଚିହ୍ନିଛନ୍,
ଭମ୍‌ରୀ ନାଇଁ ହଇ ମାଏଝିମାନେ
କାଞ୍ଜେଁ ହେତେ ମଲି ମାଲ୍‌ତୀ ! ।୫୯।

ସେମାନେ ହଉନ୍ ମହକୀ ଫୁଲ୍
ଗହକି ହେବେ ମାଏଝି କୁଲ୍
ଶୁଖି ସଢ଼ିଗଲେଁ ଫିକି ମାଡ଼ିନେବେ
ଫୁଲର୍ ଛାତି ବିଡ୍‌ବା ତାତି ।୬୦।

ଅଁର୍ରେ ଯଦି ହେଲେ ସୁନା
ସୁନାରି ହେତେ ସୁ-ନାରୀ ସୁନା,
ପୁଡ଼ାବେ ବୁଡ଼ାବେ, ବିକ୍ରି ଗଲେଁ
ତଉଲି ନେବେ ମସା ରତି ।୬୧।

ମାଏଝେ ଗଢ୍‌ଲେଁ ଏନ୍ତା ଆଏନ୍
କିଏ ରଖ୍‌ବା ଅଁର୍ରା ମାଏନ୍ ?
ଛାଡ଼ିନେତେ ସେ ଅରନ୍ ପାଏନ୍
ବିନ୍ ଗର୍ଭେଁ ହେତେ ପିଲାତି ।୬୨।

ଉଷୋଖାଇ ଝନେ ପେଟ୍ ଭାଙ୍ଗ୍‌ତା
ଆର୍ ଝନେକେ ବନେ ଲାଗ୍‌ତା,
ଚିତା କାଟି ଗିଆନ୍ କାଢୁଥିତା ସେ
ଧରି ଭାଗ୍‌ବତ୍ ପୁରାନ୍ ପୁଥି ।୬୩।

ଭେଖ୍‌ଦେଖା ଯେତେ ଗିଆନୀ ସାଧୁ
ଶୁଆ ବନିଛନ୍ ଗିଧା ବାନ୍ଧୁ,
ମୁହେଁ 'ହରେ ରାମ୍' 'ରାଧେ ଶ୍ୟାମ୍'
ପେଟେଁ କହୁଛେ ଶୁଖୁଆ କାତି ।୬୪।

ଫୁସୁର୍-ଫାସର୍ ଟପା ଦାଏକା
ମୋର୍ ଠାନେ ନାଇଁ ଚଲେ ଏକା,
ନାଇଁ ଆସେ ମତେ ଲୁକା ଛପ୍‌କା
ଯିଏ ଚାହେଁତା ଦେଖେଇ ଦେତିଁ ।୬୫।

ସିନେମା ରସେ ଇ ଯେତେ ଧାଙ୍ଗ୍ରୀ
ଶହେଥିଁ ନବେ ପାପର୍ ଚାଙ୍ଗ୍ରୀ
ତାହାକୁଁ ଚାହେଁଲେ ଖଲିଚାଟି ମୁଇଁ
ସେ'ତ ସହରୀ ବିଲାତୀ କୁତୀ ।୬୬।

ପାପ୍ କର୍ କି ପୁଇନ୍ କର୍
ସତ୍ କଥେଁ କାଏଁ ଲାଜ୍ ଡର୍ ?
ପାନି ବୁଡ଼ି ପାଏନ୍ ପିଇଲେଁ ହେଲେଁ
ନାଇଁ ଜାନେ କାଏଁ ଜଲ୍‌ଦେବ୍‌ତୀ ।୬୭।

ଯେନ୍ ଠାନେ ମୁଇଁ ଯାହା କରସିଁ
ଯାହା ହଉ ପଛେଁ ସତ୍ କହେସିଁ,
ମୋର୍ ମନେ ତ ପର୍‌ତେ ଲାଗ୍‌ସି
ଧରମ୍ ଅଛେ ସତ୍ କଥାଥିଁ ? ।୬୮।

ଯେନ୍ ମାନକର୍ ଝି, ବହେନ୍
ଚାଲ୍ ଚଲ୍‌ନେ ଭାରି ଅଏନ୍
କାଏଁ ଲାଜ୍ ଡର୍ ସେ'ମାନକୁଁ
ଝି ବହ ଯାର୍ ସତର୍ 'ସତୀ' ।୬୯।

ସତ୍ କଥା ଯିଏ କହି ନାଇଁପାରେ
ସତ୍ କଥାକେ ସହି ନାଇଁପାରେ,
ହେନ୍ତା ନିଲଜ୍ ପାପୀ ମାନକର୍
କପିଲ୍ ଧାରେଁ ପାପ୍ ଛଡ଼ାତିଁ ।୭୦।

---୦୦୦୦---

## ସୂଚନା

ସୃଷ୍ଟି ପ୍ରାରମ୍ଭରୁ-ଆବହମାନ କାଳରୁ ମାନବଜାତିର ଗୋଷ୍ଠୀଗତ ଜୀବନରେ ଦିବାନିଶାବତ୍ ସତ୍ୟ-ମିଥ୍ୟା, ସାରଲ୍ୟ-କୌଟିଲ୍ୟ, ସୁକୃତି-ଦୁଷ୍କୃତିରୂପ ଦେବାସୁର ସଂଘର୍ଷ ଅବାଧଗତିରେ ବରାବର ଚାଲି ଆସୁଅଛି-ଆପ୍ରଳୟ ଏହା ଚାଲିବ ହିଁ ଚାଲିବ । ଏହାର ଅବିନଶ୍ୱର ସାକ୍ଷୀ ତ୍ରିକାଳଜ୍ଞ ତ୍ରିନେତ୍ର ସତ୍ୟ-ଶିବ-ସୁନ୍ଦରରୂପ ଦେବଦେବ ମହାଦେବଙ୍କର ଗଳବିଶୋଭିତ ମହାନାଗର ବିଷାମୃତ କାଳଜିହ୍ୱା ସ୍ୱରୂପ ବୈଦିକ ଯୁଗ ଏବଂ ପୌରାଣିକ ଯୁଗର ଉପ୍ ି । ଏହି ଉଭୟ ଯୁଗର ମାଧ୍ୟମରେ ବାସ୍ତବବାଦ ବା ବୈଜ୍ଞାନିକ ଯୁଗର ଆବିର୍ଭାବ ।


ଓଡ଼ିଆ ଭାଷାର ଆ ଳିକ ପଲ୍ଲୀ କବିତା- ଏହି 'ପଏର୍ଛା ସତୀ' ସଧବା ନୁହେଁ କିମ୍ବା ବିଧବା ନୁହେଁ-ପତିବ୍ରତା ସତୀ ନୁହେଁ ମିଥ୍ୟାଭାଷିଣୀ ଅସତୀ ନୁହେଁ । ଏ କେବଳ ମୁକ୍ତ ପଲ୍ଲୀଜୀବନ ସଂପୃକ୍ତ ବିଭିନ୍ନ ଦିଗର ଲୀଳାୟିତ ବ୍ୟଭିଚାର ସାଙ୍କେତିକା, ବହିଃପ୍ରଦର୍ଶନୀ-ପୁଣ୍ୟାନୁଷ୍ଠାନର ଚିତ୍ରପଟରେ ଗୁପ୍ତଛାୟାର ଜୀବନ୍ତମୂ ି । ସୂକ୍ଷ୍ମଦୃଷ୍ଟିରେ ପୁଣି ପରିଚୟ ଦେବାକୁ ହେଲେ ଏହି 'ପଏର୍ଛା ସତୀ'ଟି ଯୁଗୋପଯୋଗିନୀ ସମାଜ ସଂସ୍କାରିକା ମେହେନ୍ତରାଣୀ; ତାଚ୍ଛଲ୍ୟ ଦୃଷ୍ଟିରେ-ସ୍ୱାର୍ଥାନ୍ଧ ପକ୍ଷପାତୀ ସମାଜର ଆମୋଦ ପ୍ରଦାୟିନୀ କ୍ରୀଡ଼ାପୁ ଳିକା ।

କେତେକ ସାହିତ୍ୟିକ ଭାଇ 'ପଏର୍ଛା ସତୀ'ର ସମ୍ପୂର୍ଣ୍ଣ ଉତ୍କଟ ବିରୋଧୀ । କିନ୍ତୁ ସେମାନେ ଜାଣିବା ଉଚିତ ଯେ 'ପଏର୍ଛା ସତୀ' ର ଦୋଷଗୁଣ ବର୍ଣ୍ଣନା, ଗୋଷ୍ଠୀଗତ ଗେୟ ନୁହେଁ, ବ୍ୟକ୍ତିଗତ ଧେୟ; ରସସ୍ୱାଦନରେ ଉପଭୋଗ୍ୟ ନୁହେଁ-ଅନୁଭବ୍ୟ । ଅତଏବ ଏଇ 'ପଏର୍ଛା ସତୀ' ଅସଂଯତ ସମାଜର ଗୁପ୍ତପାପ ମାତ୍ରର ପ୍ରସାରିକା ନା ସଂସ୍କାରିକା, ଏହା ସେମାନଙ୍କର ଏକାନ୍ତ ପ୍ରଣିଧାନର ବିଷୟ ।

ତାଲପଦର (ଉ ।ଲଗଡ଼) ବିନୀତ
ତା.୧.୨.୧୯୫୮ ଖ୍ରୀଷ୍ଟାବ୍ଦ ଲେଖକ

# 'ପଏର୍ଚ୍ଛା ସତୀ' ଆର
# କବି ଖଗେସ୍ୱର

*ନାଟ୍ୟକାର କେଶରଞ୍ଜନ ପ୍ରଧାନ*



<u>ଏକ</u>

ବରଗଡ଼ ଜିଲ୍ଲାର ତିନହି ମହିୟାନ କବି ଗଂଗାଧର, ଖଗେସ୍ୱର ଆର ହଲଧରକରର ତୁଲନା ସ୍ୱାଭାବିକ ଆଏ । ବରପାଲି, ସରସରା ଆର ଘେଁସ କ୍ରମ ଅନସାରେଁ ଏ ତିନହି କବିଙ୍କର ଜନମ ଠାନ । ମଟରଗାଡ଼ିଥିଁ ଇ ତିନହି ପବିତ୍ର ସାରସ୍ୱତ ପିଠର ପରିକ୍ରମା ଦୁଇ ଘଂଟା ଲାଗବା । କେଭେଁ ଆଏବା ଦିନେଁ ଜନସାଧାରଣ ସାହିତ୍ୟ-ସଂସ୍କୃତି-ମନସ୍କ ହେଲେଁ ଏନ୍ତା ସାରସ୍ୱତ ତ୍ରିଭୁଜ ପର୍ଯ୍ୟଟନ ସ୍ଥଳିର ମାଏନତା ପାଏବା ।

ଗଂଗାଧରକଁର ଜନମ ୧୮୬୨ମସିହା । ତାର ୪୪ ବର୍ଷ ଉତାରୁଁ ଅର୍ଥାତ୍ ୧୯୦୬ଥିଁ ଖଗେସ୍ୱର ଆର ହେତକି ବଛର ଗଲା କି ୧୯୫୦ସାଲେଁ ହଲଧରକର ଜନମ । ଗଂଗାଧର ଓଡ଼ିଆ ଆର ହଲଧର ସମ୍ବଲପୁରୀ/କୋଶଲିଥିଁ ରଚନା କଲା ବେଲକେ ଖଗେସ୍ୱର ଦୁହି ଭାସାଥିଁ କଲମ ଚଲେଇଛନ । ଗଂଗାଧର ପଂଚମ ଆଉ ହଲଧର ତୃତୀୟ ଶ୍ରେଣୀପତେ ପଢ଼ିଥିବାର ବେଲେଁ ଖଗେଶ୍ୱର ସ୍କୁଲ ଘର ହିଁ ନାଇଁ ମାଡ଼ିଁ । ତିନହି ଝନକର ଜାଏତ କ୍ରମ ଅନସାରେଁ ଭୁଲିଆ, କେଉଁଟ ଆର୍ ଗଉଡ଼ । କବି ଖଗେସ୍ୱର ଜନମ କାଲୁଁ ଅଛବ ମା ଭୁଲକିର

କ୍ଷୀରପାନ କରିଥିଲେ ଆର ହରିଜନ ଗୁହାରୀ ବାଗିର କବିତାଥିଁ ନିଜକୁ ହରିଜନ ଭାବରେ ଜନେଇଛନ ।

ତିନହି କବିକର ପ୍ରତିଭା ଦୁଃଖ ଆର ଦାରିଦ୍ର୍ୟ ଭିତରେଁ ବିକସିତ ହଇଛେ । ଗଂଗାଧରକଁର ଚାକିରି ଆର ହଲଧରକର ପ୍ରତିସ୍ଥା ଉତାରୁଁ ସେମାନକର ଆର୍ଥିକ ସ୍ଥିତି କିଛି କିଛି ସୁଧୁରିଛେ । ଖଗେସ୍ୱର ସାରା ଜିବନ ଏନ୍ତା ଜନ୍ତ୍ରଣା ଭୁଗିଛନ । ନିଜେ ଇଥିର ସୁଚନା ଦେଇଛନ କବି ସୁରଙ୍ଗୀ କାବ୍ୟଥିଁ ; 'ଭୋଗିବାକୁ ବେଶି ଦୁଃଖ ଶୋକ ହିକ୍ନା/ ଦୁର୍ଭାଗ୍ୟ ରାଜ୍ୟଟା ଆଣିଅଛି ଠିକା ।' ଗୋପିନାଥ ମହାନ୍ତିକର ସମେତ  ବରଗଡ଼ର ଜନାସୁନା ଲୋକମାନକର ସ୍ୱାକ୍ଷରଥିଁ ୧ ୯ ୪ ୭ ସାଲେଁ ପ୍ରକାସିତ 'ନିବେଦନ'ଥିଁ କବିକର ପରିଚୟ ଏନ୍ତା ଦିଆହୋଇଛେ । "ଏ କବି ଜାତିରେ କୈବ ର୍ତ, ସାମାଜିକ ସ୍ତରରେ ଚାଷୀ ମୂଲିଆ ସ୍ତରର XXX କବି ମୂଲ ଲାଗନ୍ତି, ଜଙ୍ଗଲରୁ କାଠ କାଟିଆଣି XXX ଏବଂ ମୁଢ଼ି ଲିଆ ଭାଜନ୍ତି ।" ଭିନ ଭିନ କାରଣନୁ ଖଗେସ୍ୱର କେନସି ଗାଆଁଥିଁ ସ୍ଥିର ହୋଇକରି ବସବାସ ନାଇଁ କରି । ନାହାନ୍ତି । ଜିବନଥିଁ 'ସ୍ୱଷ୍ଟବାଦିତା ଆର ସତ୍ୟାନୁବର୍ତିତା' ଲାଗିଁ ବଲିଁ କବି ବାର ଥର ଗ୍ରାମାନ୍ତର ହଇଛନ । ସର୍ବମୋଟ ଦସ ଖଁଡ଼ ଗାଁନେ କବି ବସବାସ କରିଥିବାର ପ୍ରମାଣ ମିଳୁଛେ ।[୧]

## ଦୁଇ

'ପଏର୍ଛା ସତୀ' ଲିଖା ହଇଛେ ୧ ୯ ୪ ୨ ନୁ ୧ ୯ ୪ ୫ ଭିତରେଁ ଜନା ଜାଉଛେ[୨] । ବହି ଆକାରେଁ ପଏର୍ଛାସତୀ ପହେଲା ୧ ୯ ୪ ୯ ମସିହାଥିଁ ଛପା ହଇକରି ନାଆଁ କରିଛେ । ବଜାରେଁ ଇ ବହିର କାଟ୍ତି ଦେଖିକରି କଟକର ଝନେ ବେପାରି 'ସଚିତ୍ର ଓ ବୃହତ୍ ପଏର୍ଛାସତୀ' ନିଜର ନାଆଁଥିଁ ପ୍ରକାସ କରସନ । କବିଙ୍କର ନଜରକେ ଇ କଥା ଆଏଲା କି ସେ ନ୍ୟାୟାଳୟର ଆସରା ନେବାକେ ଚିନ୍ତା କରସନ । ତ ସେ ବ୍ୟବସାୟି କ୍ଷମା ମାଗଲା ଉତାରୁଁ ଇ ଘଟଣାର ସମାଧାନ ହେସି । ଇ ବିବାଦ ବିସେଥିଁ କବି ତାକର ଗଦ୍ୟରଚନା 'ରଚକ ଓ ସମାଲୋଚକ'ପ୍ରବନ୍ଧଥିଁ ସୁଚନା ଦେଇଛନ ।[୩] ପଏର୍ଛାସତୀର ପହେଲା ଛପାବହି ଆର କଟକନୁ ପ୍ରକାସିତ ସେ ବିବାଦଥିଁ ଘେରା ବହି ଇହାଦେ ନାଇଁ ମିଲବାର ।

'ପଏର୍ଛା ସତୀ' ପ୍ରକାସନ ସମିଆନୁ ହିଁ ମେସାମେସି ପ୍ରତିକ୍ରିୟା ପାଇଛେ । ସାଙ୍ଗିତିକ ପଦବିନ୍ୟାସ ଆର  ସାମାଜିକ ଆବେଦନ ଲାଗିଁ ସାଧାରଣ ପାଠକ ଆଉ ସ୍ରୋତା କାବ୍ୟକେ ସହରାଲା ବେଲକେ ସାହିତ୍ୟକମାନେ ତାର ଉକ୍‌ଟ ବିରୋଧି ହୋଇଯାଇଛନ । କବି ଓଡ଼ିଆ ଭାସାଥିଁ ପଏର୍ଛା ସତୀର ମୁକ୍ତାନୁବାଦ କରିଛନ; ଖାଲି ଓଡ଼ିଆ ପାଠକମାନେ ବୁଝିପାରବେ ବଲିଁ ନହେ, ପଏର୍ଛା ସତୀର ଯଥାର୍ଥତା ପ୍ରମାଣିତ କରବାର ବି ତାକର ମନଥିଁ ରହିଛେ  । ଇ ଓଡ଼ିଆ ଅନୁବାଦ ମୁଳ କୃତିର ଛାୟା ବଲିଁ ପ୍ରାୟ ଅନାଲୋଚିତ ରହିଛେ । ଦେଖବାର କଥା ଜେ ଇ କବିତା ମୁଲ କୃତିର ଆକ୍ଷରିକ ଅନୁବାଦ ନହେ । ଉଦାହରଣ ହିସାବେଁ ତଲର କେତେଟା ପଦକେ ନିଆଯାଉ ।

ପୂରୁବ ସତୀଙ୍କ ଖ୍ୟାତି ମିଳିବକି ପୂରୁବ ସୁକୃତି ବିନା ?
ପରେଚ୍ଛା ସତୀ ବି ହୋଇ ନ ପାରିବି ପରିଛା ସତୀ ମୁଁ ସିନା ।

ସମଲପୁରି 'ପଏର୍ଛା ସତୀ'ଥିଁ ପରେଚ୍ଛା ପ୍ରସଂଗ ନାଇଁ ନ । ଓଡ଼ିଆ ଅନୁବାଦଥିଁ କବି ପାଦଟିକାନ 'ପର ଇଚ୍ଛାରେ ଯେଉଁମାନେ ସତୀ, ପର୍ଦ୍ଦା ଅବରୁଦ୍ଧା ସ୍ତ୍ରୀ' ବଲିଁ ଅର୍ଥ ନିର୍ଦ୍ଦେସ କରିଛନ ।

ଫେର
ବାଜୁଥିତା ଡୁବି ତବଲା ଗିନି
ନାଚୁଥିତିଁ ମୁଇଁ ସାଜୋ ପିନ୍ଧି
ଦେଖୁଥିତେ ଲୋକ ଟିକଟ ଘିନି
ନଟୀ ବଏଲେଁ ହଁ ବଲତିଁ..

ନଟି ସମ୍ବଲପୁରିଥିଁ ଅପସବ୍ଦ ଭାବେଁ ବି ବେଭାର ହେସି । ତ ନାୟିକା ଇ ସବ୍ଦଥିଁ ଅପମାନିତ ହଇଛେ । ନାଚଗିତକେ ବେଏସା କରିଥିଲେ ସିନେ ତାକେ ନଟି କହେତେ !  ଇ ଭାବକେ କବି ବୁଝାରବାକେ ଅଏତକା ପଦ ଆର ଜୁକ୍ତି ଜୁରିଛନ, ରାଧିକା ଆଉ ସିନେମାର ନାୟିକା ମାନକର କଥାର ଅବତାରଣା କରିଛନ ।

ନଟୀ ସେହି ସିନା ନାଚେ ଯେ ନବୀନା ନାଟକୁ କରି ଜୀବିକା,
ନଟୀରାଣୀ ସେ ତ ଯାର ନୃତ୍ୟଗୀତ ଟିକଟରେ ହୁଏ ବିକା ।
ନଟବର କୃଷ୍ଣ ସଙ୍ଗେ ଗୋପୀଗଣ ନାଚୁଥିଲେ ଦିନରାତି,
ଜଟିଳା କୁଟିଳା ନଟୀ ବୋଲି ଦେଲେ ରାଧିକାକୁ ଅପଖ୍ୟାତି ।
ଟକି ସିନେମାରେ ଟୋକୀଟିଏ ଥରେ ଦେଖାଇଲା ଯେଉଁ ନାଟ,
କହୁଥିଲେ ଲୋକେ ପ୍ରାଣ ଥିଲେ ପାଇ- ଥାନ୍ତା ସେ ମେଡାଲ ପାଟ ।
ଏଥିରୁ ମୋ ନାଚେ କି ବାହାଦୂରି ବା ତଥାପି ବୋଲନ୍ତି ନଟୀ,
ମାନ ଅପମାନ ଯାହା ଥାଉ ମୋତେ ବାଧେ ଏ 'ନଟୀ' ପଦଟି ।

ଓଡ଼ିଆ 'ପଏର୍ଛା ସତୀ'ର ପାଦଟିକାଥିଁ କବି ଠାନ ଜାନିକରି ସବ୍ଦ ମାନଙ୍କର ଅର୍ଥ ନିର୍ଦ୍ଦେସ କରିଛନ । ଦୁହି କୃତିର ତୁଲନାତ୍ମକ ଅଧ୍ୟୟନ ପଏର୍ଛା ସତିକେ ବୁଝିବାର ଲାଗି ସହାୟକ ହେବା ।

୧୯୫୮ ସାଲେଁ ଏକାଡେମି ଛାପିଥିବାର ଖଗେଶ୍ୱର ଗ୍ରନ୍ଥାବଳୀଥିଁ ଦୁହି 'ପଏର୍ଛା ସତୀ' (ମୁଳ ସମ୍ବଲପୁରି ଆର ଓଡ଼ିଆ ମୁକ୍ତାନୁବାଦ) ରହିଛେ । ୧୯୭୩ ସାଲେଁ ଲେଖକ ଜେନ ଖଗେଶ୍ୱର ଗ୍ରନ୍ଥାବଳୀର ପ୍ରଥମ ଭାଗ ପ୍ରକାସିତ କରିଛନ ସେଥିଁ ମୁଳ ପଦ ସହେତେଁ ଅନୁଦିତ ପଦ ବି ଠାନେକେ ରଖିଛନ କବି । ତାର ଉତାରୁଁ ୧୯୯୫ ସାଲେଁ ମନୋହର ସାଂସ୍କୃତିକ ସଂସଦ, ଭେଡ଼େନ ତାକର ବଛରକିଆ ସ୍ମରଣିକା ମନୋହରଥିଁ ଇ କାବ୍ୟକେ ଛାପସନ । ୧୯୯୯ ସାଲେଁ ଖଗେଶ୍ୱର ଗ୍ରନ୍ଥାବଳୀର ତୃତୀୟ ଭାଗର ପ୍ରଥମ କାବ୍ୟ ଭାବେଁ ସମ୍ବଲପୁରୀ 'ପଏର୍ଛା ସତୀ' ପ୍ରକାସିତ ହଇଛେ । ଆମର ଜାନବାରେ ୨୦୦୫ ସାଲେଁ ଶିକ୍ଷ ବିକାଶ, ସୋହେଲା ଛାପିଛନ ପଏର୍ଛା ସତୀର ଗୁଟେ ସଂସ୍କରଣ । ତାର ଦ୍ୱିତୀୟ ସଂସ୍କରଣ ୨୦୧୪ ସାଲେଁ ଛପା ହଇଛେ । ସେହି ବଛରେଁ ପୂର୍ଣ୍ଣଚନ୍ଦ୍ର ସାହୁଙ୍କର ସଂସ୍କୃତ ଅନୁବାଦ 'ସ୍ୱଚ୍ଛାସତୀ' ପ୍ରକାସିତ ହଇଛେ । ଇ ବହିଥିଁ ମୁଳ 'ପଏର୍ଛା ସତୀ' ସହେତେଁ ସଂସ୍କୃତ ଭାସାନ୍ତର ବି ଦିଆ ହଇଛେ । ୨୦୧୭ ସାଲେଁ ଖଗେଶ୍ୱରକର ସବୁ ରଚନାକେ ନେଇକରି ବରଗଡ଼ନୁ ପ୍ରକାସିତ ଗ୍ରନ୍ଥାବଳିଥିଁ ଖାଲି ସମ୍ବଲପୁରି ପଏର୍ଛାସତୀ ରହିଛେ, ଓଡ଼ିଆ ମୁକ୍ତାନୁବାଦ କେନସି କାରଣନୁ ବାଦ୍ ପଡ଼ିଛେ ।

୧୯୫୮ ଗ୍ରନ୍ଥାବଳୀର ପଏର୍ଚ୍ଚାସତୀଥୁଁ ଘୁସାକେ ଛାଡ଼ିକରି ୬୪ ପଦ । ପରବର୍ତି ସବୁ ସଂସ୍କରଣଥୁଁ ରହିଛେ ୭୦ ପଦ । କାଁଜେ ଛଅ ପଦ[୪] ଏକାଡେମି ବାଦ୍ ଦେଇଛନ ତାର କାରଣ ଦିଆ ନାଇଁ ହଇଁ । ଇନ ସୁଚନା ଦିଆଜାଇ ପାରେ ଜେ ଏକାଡେମି ଚଉତିଶା ଚନ୍ଦ୍ରକଳାର 'କାଳିଆ ଠାକୁର' ଛାନ୍ଦକେ ବାଦ୍ ଦେଇକରି ସେନ ଚଉତିଶା ନାଇଁ ହେଇ ଥିଲେ ବି 'ନୃସିଂହନାଥ' କେ ମିସେଇଛନ । ଇ ପରିବର୍ତନ ଲାଗିଁ ମୁଖବନ୍ଧଥୁଁ ଗୌରୀକୁମାର ବ୍ରହ୍ମାଙ୍କ ମତ ହେଲା, "XXXଖଗେଶ୍ୱର ଚନ୍ଦ୍ରଙ୍କର ଯେଉଁ ଷୋଳକଳା ଦେଖାଇବା ପାଇଁ ଷୋଳଟି ଛାନ୍ଦ ଏଥିରେ ସମାବେଶ କରିଛନ୍ତି, ସେଗୁଡ଼ିକ ମଧ୍ୟରେ କୌଣସି ବିଷୟଗତ ସମ୍ପର୍କ ନାହିଁ । XXX ଚଉତିଶା ନିୟମରେ ରଚିତ ହୋଇଥିବା କେତୋଟି ଖଣ୍ଡକବିତା ଓ ଚଉତିରିଶ ପଦଥିବା ଅନ୍ୟ କବିତାକୁ ଏଥିରେ ଅନ୍ତର୍ଭୁକ୍ତ କରି କୌଣସି ଉପାୟରେ ଷୋଳ ସଂଖ୍ୟାର ପୂର୍ଣ୍ଣତା ସଂପାଦନ କରିବାକୁ ଶ୍ରୀ ଖଗେଶ୍ୱର ଚେଷ୍ଟା କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ପ ଆଦ୍ୟ ନିୟମରେ ରଚିତ ଚଉତିରିଶ ପଦକୁ କବି ଚଉତିଶା ବୋଲି ସ୍ଥିର କରି (ଚ.ଚ. ୧୪ଛା) ତାକୁ ଚଉତିଶା ଚନ୍ଦ୍ରକଳାରେ ଯୋଡ଼ି ଦେଇଛନ୍ତି । ଏକାଦଶ ଛାନ୍ଦରେ କବି ଯେଉଁ ଚଉତିଶାଟି ରଖିଥିଲେ, ତାହା କେତେକ କାରଣରୁ ପ୍ରକାଶେଯାଗ୍ୟ ବିବେଚିତ ନ ହେବାରୁ ଅନ୍ୟ ଏକ କବିତା ଦ୍ୱାରା ତାହାର ସ୍ଥାନ ପୂରଣ କରାଯାଇଛି । ଚଉତିଶା ନ ହୋଇଥିବା କବିତାକୁ କବି ଚଉତିଶାବୋଲି ଗ୍ରହଣ କରି ନିଜେ ତାକୁ ଏଥିରେ ସ୍ଥାନ ଦେଇଥିବାରୁ ଆଉ ଏକ ସେହିଭଳି ଅଚଉତିଶା କବିତାର ସମାବେଶଦ୍ୱାରା ଶୂନ୍ୟସ୍ଥାନ ପୂରଣରେ ଆପତ୍ତିର ଅବକାଶ ନାହିଁ ।"[୫]

ଆପତ୍ତି ଅବିସ ଅଛେ । ଖଗେଶ୍ୱରକୁଁ ପରିଚିତ କରାବାକେ ଏକାଡେମୀ ତରଫୁଁ ଗ୍ରନ୍ଥାବଲିର ପ୍ରକାସନ ସାଧୁ ଉଦ୍ୟମ ଆଏ । ହେଲେଁ ମୁଖବନ୍ଧଥୁଁ ସେ ସମିଆର ସଂପାଦକ ଆର ସବୁ ସମିଆର ମହାନ ସମାଲୋଚକ ଗୌରୀକୁମାର ବ୍ରହ୍ମାଙ୍କର ଏନ୍ତା କେତେଟା ମନ୍ତବ୍ୟ କବି ପ୍ରତିଭାର ଠିକଠାକ ମୁଲ୍ୟାୟନ ଲାଗିଁ ସହାୟକ ନାଇଁ ହଇ । କବି ଇଥୁଁ ମର୍ମାହତ ଆର କବିଙ୍କର ପ୍ରଶଂସକମାନେ ଆପତ୍ତି ଉଠାବାଟା ସ୍ୱାଭାବିକ । କବି 'ରଚକ ଓ ସମାଲୋଚକ' ଥୁଁ ଏକଦେଶଦର୍ଶୀ ଆର ଧାରଣାନ୍ଧମାନଙ୍କ ଉଦାହରଣ ଦେଲାବେଲେଁ ଇ ବିସେଥୁଁ ଆଲୋଚନା

କରିଛନ । ଚଉତିଶା ଚନ୍ଦ୍ରକଳାର ଚତୁର୍ଦ୍ଦଶ ଛାନ୍ଦକେ ଅଚଉତିଶା ବିବେଚନା କରିଛନ ବଲିଁ କବି ମଙ୍ଗଳାଚରଣଥିଁ ଲିଖା"ପ-ପୂର୍ବାନୁପ୍ରାସ ଦେଇଛି ଯେ ପ୍ରାସ କବି ବିନା ତାହା କେ ବୁଝିବ ?" ପଦର ଅବତାରଣା କରିଛନ । କବିଙ୍କର ମତ ଅନସାରେ ଏନ୍ତା ସମାଲୋଚକଙ୍କର ଧାରଣାନ୍ଧତା ଧର୍ତବ୍ୟ ନହେ । ତାକର ଭାସାଥିଁ "କାରଣ ଲେଖକ ମହାଶୟ ତ କବି ନୁହନ୍ତି ।"

ହଟକିଶୋର ପାଣିଗ୍ରାହୀ ଖଗେସ୍ୱରକଁର ସବୁ କୃତିକେ ନିଜର ସୁନ୍ଦର ହସ୍ତାକ୍ଷରଥିଁ ଲିଖି କରି ଜତନ କରି ରଖିଥିଲେ । ସାହିତ୍ୟ ଲାଗିଁ ଇଟା ଗୁଟେ ବିରଲ ଉଦାହରଣ । ସ୍ରି ପାଣିଗ୍ରାହି କବିଙ୍କର ଚଉତିସା ଉପରେଁ ବିସ୍ତୃତ ଆଲୋଚନା କରିଛନ ଆର 'ମଞ୍ଜୁ ଓ ମଞ୍ଜୁଷା'ଥିଁ ୧୫ ପ୍ରକାର[୬] ଏବଂ 'ଚଉତିଶା ଚନ୍ଦ୍ରକଳା' ଥିଁ ୧୭ ପ୍ରକାର ଚଉତିଶାର[୭] ପ୍ରୟୋଗ ଦେଖେଇଛନ । ସେ ଚତୁର୍ଦ୍ଦଶ ଛାନ୍ଦର ଚଉତିସାର ପ୍ରଥମ ବର୍ଣ୍ଣ 'ପ' ଆର ଦ୍ୱିତୀୟ ବର୍ଣ୍ଣ ସବୁ ଚଉତିସା କ୍ରମଥିଁ ରଚିତ ହେଇଛେ ବଲିଁ ଆଦ୍ୟାନୁପ୍ରାସମ୍ମ ଚଉତିସା ବଲିଁ ଚିହ୍ନିତ କରିଛନ । ଗୋପାଳକୃଷ୍ଣ ମିଶ୍ର (୨୦୧୭)କଁର ଅନସାରେଁ କବି ୬୮ଟା ଉଚା ଦର୍ଜାର ଚଉତିସା ୩୭ ଟା ଭିନଭିନ ଧାରାଥିଁ ଲିଖିଛନ ବଲିଁ ହିସାବ କରିଛନ । ସେ ଭିତରୁଁ ୩୨ ଟା ଚଉତିଶା ରିତି କବିଙ୍କର ମୌଳିକ ଆର ଅଭିନବ ସୃଷ୍ଟି ଆଏ ।[୮]

'ପଏର୍ଛା ସତୀ'ର ଜେନ ଛଅ ପଦ (ପାଦଟିକାଥିଁ ଦିଆହଇଛେ) ଏକାଡେମି ବାଦ୍ ଦେଇଛନ ତାର କାରଣ ଆମେ ଖାଲି ଅନୁମାନ ହିଁ କରିପାରମା । ପଂଚମ, ଷଷ୍ଠ ଏବଂ ତ୍ରୟୋବିଂଶ ପଦ ଗୁଟେ ଜାତି ବିସେଥିଁ, ୬୬ତମ ପଦକେ ସିନେମା ଆଦ୍ୟକାଲଥିଁ ସିନେପ୍ରେମି ନାରିମାନଙ୍କୁ ଆକ୍ଷେପ ମନେ କରାଯାଇଥିବା । ସେସ ଦୁଇପଦଥିଁ କବିତାର ନିର୍ଯ୍ୟାସ ଅଛେ । ତାକେ ବାଦ୍ ଦେବାର କେନସି କାରଣ ଜନା ନାଇଁ ପଡବାର । 'ପଏର୍ଛା ସତୀ'ର ପ୍ରଥମ ସଂସ୍କରଣ ନାଇଁ ମିଲବାର, ତ ଇ ପଦମାନେ ପରେ ଲିଖା ହେଇଥିବାର ଜୁକ୍ତି ଦିଆଯାଇପାରେ । ଇ ପ୍ରସଙ୍ଗ ଅଧିକା ଗବେସଣାର ଅପେକ୍ଷା ରଖୁଛେ ।

'ପଏର୍ଛା ସତୀ' ଉପରେଁ ରାଜାରାମ ମେହେର, ହଟକିଶୋର ପାଣିଗ୍ରାହୀ, ଉପନ୍ନ କୁମାର ଭୋଇ, ମୋହନ ସାହୁ, ପ୍ରୀତିଶ ଆଚାର୍ଯ୍ୟ, ସୁବାସ ମେହେର ଭିନ ଭିନ ଦିଗୁଁ ଆଲୋଚନା କରିଛନ । 'ପଏର୍ଛା ସତୀ'ର ଭୂମିକାଥିଁ କେଶବ

ମେହେର (୧୯୫୦) ଇ କୃତି ସମ୍ବଲପୁରି ଭାସାଥିଁ 'ଅଭିନବ ଓ ସର୍ବପ୍ରଥମ କାବ୍ୟ' ବଲି କହିଛନ ।[୯] ମୁକ୍ତାନୁବାଦ ପଏର୍ଛାସତୀର 'ସୂଚନା'[୧୦]ଥିଁ (୧୯୫୮) କବି ନିଜେ ଗୁଟେ ଆଲୋଚନା କରିଛନ । "ପଏର୍ଛାସତୀ ସଧବା ନୁହେଁ କିମ୍ବା ବିଧବା ନୁହେଁ-ପତିବ୍ରତା ସତୀ ନୁହେଁ, ମିଥ୍ୟାଭାଷିଣୀ ଅସତୀ ନୁହେଁ । ସୂକ୍ଷ୍ମ ଦୃଷ୍ଟିରେ ପୁଣି ପରିଚୟ ଦେବାକୁ ହେଲେ ଏଇ ପଏର୍ଛାସତୀଟି ଯୁଗୋପଯୋଗିନୀ ସମାଜ ସଂସ୍କାରିକା ମେହେନ୍ତରାଣୀ, ତାଛଲ୍ୟ ଦୃଷ୍ଟିରେ- ସ୍ୱାର୍ଥାନ୍ଧ ପକ୍ଷପାତୀ ସମାଜର ଆମୋଦ ପ୍ରଦାୟିନୀ କ୍ରୀଡ଼ା ପୁତ୍‌ତଳିକା ।" କବି ପୁରାଣର ସାବିତ୍ରୀ, ସୀତା, ଦମୟନ୍ତୀ, ଦ୍ରୌପଦୀ ଆଦି ସତିମାନଙ୍କର ଆଲୋଚନା କରିଛନ । ତାଙ୍କର ମତ ହେଲା "ମାହାତ୍ମ୍ୟପୂର୍ଣ୍ଣ ହେଲେ ମ୍ଣ ଯେଉଁ ବିଷୟ ବା ଘଟନାଟି ସ୍ୱାଭାବିକ ନୁହେଁ- ବାସ୍ତବ ଜୀବନ ସଙ୍ଗେ ଜଡ଼ିତ ନୁହେଁ- ତାହା ଆଦର୍ଶ ଜୀବନ ଗଢ଼ିବାକୁ କଦାପି ସମର୍ଥ ହୋଇ ପାରେନା । xxx କଳ୍ପନାପ୍ରସୂତ ମହର୍ଷି, ମହାପୁରୁଷ, ସତୀସାଧ୍ୱୀଙ୍କର ମାନମର୍ଯ୍ୟାଦାରେ, ପ୍ରତିଷ୍ଠାରେ ବରଂ ବାଧା ପଡୁ, ନିର୍ବିଚାର ପୁରାଣ ବିଶ୍ୱାସର ମସ୍ତକରେ ତର୍କଣାର ଚଡ଼କ ପଛେ ପଡୁ; ସତ୍ୟର ମୃତ୍ୟୁ ନ ଘଟୁ – ଏହା ହିଁ କବିର ଆଦର୍ଶ କବିତ୍ୱ, ପଣ୍ଡିତର ପୂଜ୍ୟ ପାଣ୍ଡିତ୍ୟ ।" ଖଗେଶ୍ୱର ସ୍ପଷ୍ଟ କରିଛନ ଜେ "ପଏର୍ଛାସତୀର ଦୋଷଗୁଣ ବର୍ଣ୍ଣନା ଗୋଷ୍ଠୀଗତ ଗେୟ ନୁହେଁ, ବ୍ୟକ୍ତିଗତ ଧ୍ମେୟ; ରସାସ୍ୱାଦନରେ ଉପଭୋଗ୍ୟ ନୁହେଁ ଅନୁଭବ୍ୟ ।"

## ତିନ

ଖଗେଶ୍ୱର ସ୍ପଷ୍ଟବାଦୀ, ସଂସ୍କାରବାଦୀ ଆର ମାନବବାଦୀ ଥିଲେ । ଇତାର ପ୍ରତିଫଲନ ତାକର କାବ୍ୟ କବିତାଥିଁ ଜଜବଜ । ଦୁଇଟା ଉଦାହରଣ ପଏର୍ଛାସତୀର ମୂଲ୍ୟାୟନ ଲାଗିଁ ସହାୟକ ହେବା ବଲିଁ ଦିଆହଉଛେ ।

୧. ଖଗେଶ୍ୱରଙ୍କର ସିତା ରାମଚନ୍ଦ୍ରକର ସୁର୍ପଣଖାର ନାକକାନ ଛେଦନ ଆଦେସର ବିରୋଧଥିଁ ପ୍ରତିବାଦ କରିଛନ ।[୧୧] ଏନ୍ତା'ଅବିଚାର ଆଦେଶ' ସିତାଙ୍କର ନାରୀ ଭାବକେ ଜନ୍ତଣା ଦେଇଛେ । ସୁର୍ପଣଖା ତ ଅହଲ୍ୟା ବାଗିର ପଥର ନୁହେଁ, ସେ ତ ରକ୍ତମାଂସର ନାରି । ଏନ୍ତା ପ୍ରେମ-ଭିକାରେନକେ ମରନନୁ

ଜିତା ଲଜ୍ଜା ଅପମାନ ଉଚିତ ନାଇଁ ହେଲା ।
କାମ ଉନ୍ମାଦିନୀ ହେଲେଁ ହେଁ କେଡ଼େ ସରଳା ବାଳା,
ଛିଣ୍ଡାଇ ଦେଲ ତା ଆଶାର ମଧୁମାଳତୀମାଳା !

'ସ୍ୱାମୀ ପ୍ରତି ବ୍ୟଥିତପ୍ରାଣା ସୀତା' କବିତାଥିଁ ସୁର୍ପଣଖା ପ୍ରତି ସଂବେଦନା ଦେଖଉଥିବାର ଆର ରାମଚନ୍ଦ୍ରଙ୍କର ନିଷ୍ପତିର ଆଲୋଚନା କରୁଥିବାର ବ୍ୟଥିତପ୍ରାଣା ସୀତାଙ୍କର ପରିକଳ୍ପନା ନୁତନ ଆଉ ଆଧୁନିକ ।

୨. ନାରୀ ଉପରେ ଅନାଚାରର ଆର ଗୁଟେ ଉଦାହରଣ ଦ୍ରୌପଦୀ ବସ୍ତ୍ରହରଣ । ମହାଭାରତଥିଁ ପସା ଖେଲିକରି ପରାଜିତ ପାଣ୍ଡବ ପତିମାନକର ଆଗାଡ଼େ ହସ୍ତିନାର ରାଜସଭା ଝନେ ନାରିକେ ଜାତନା ଦେଇଛେ । ସାରଳା ମହାଭାରତଥିଁ ଇତାର ପ୍ରତିକ୍ରିୟା ହିସାବେ ସତୀ ଦ୍ରୌପଦିଙ୍କର ରିସ୍ନିର ଜୁଏଥିଁ କୌରବ ଅନ୍ତଃପୁର ଜଲବାର ପ୍ରସଂଗ ଚରଚାକେ ଆଏସି । ଅନ୍ତଃପୁରନ ରାନି ଭାନୁମତି ଜିବନ ଆକୁଲେଁ ରାଜସଭାକେ ବାହାରି ଆଏସନ । ଦ୍ରୌପଦିକୁଁ ବିବସନା କରବାରେ ମନ କରିଥିବାର କୌରବ କୁଲର ରାନି ହିଁ ସଭାନ ବିବସନା ହେସନ । କାବ୍ୟିକ ନ୍ୟାୟ ଅନସାରେଁ ଇ କଥା ଠିକ ଲାଗିପାରେ, ହେଲେଁ କଥା ହେଲା ସେସକେ ବିନା ଦୁସେଁ ନାରୀମାନେ ହିଁ ଅପମାନ ପାଇଛନ । ଖଗେସ୍ୱର ଇ ପ୍ରସଙ୍ଗଥିଁ ଭାନୁମତୀକୁଁ ଗୁଟେ ନୁତନ ଭୂମିକାଥିଁ ଦେଖେଇଛନ ।[୧୨] ଅସ୍ତ୍ରାଗାରନୁ ଅସ୍ତ୍ରଶସ୍ତ୍ର ନେଇକରି 'ଖଡ୍‌ଗଧାରିଣୀ, ମୁକ୍ତକେଶା, ସିନ୍ଦୂର ରଞ୍ଜିତା, ରକ୍ତାମ୍ବରା' କୌରବରାନିମାନେ ଭାନୁମତୀକର ପଛେଁପଛେଁ ଦ୍ରୌପଦୀଙ୍କର ମାନରଖବାକେ ରାଜସଭାକେ ଜାଇଛନ । କବିଙ୍କର ଅନ୍ତିମ ରଚନା 'ଅଗ୍ନିଶିଖା'ର ମୁଖବନ୍ଧଥିଁ ହଟକିଶୋର ପାଣିଗ୍ରାହୀ (୧୯୮୫) ଭାନିମତୀଙ୍କର ଭୂମିକାକେ "ପୁରୁଷ ଜାତିର ଅନ୍ୟାୟ ଆଚରଣର ତୀବ୍ର ପ୍ରତିବାଦ କରିବାକୁ ..ନାରୀ ମର୍ଯ୍ୟାଦା ରକ୍ଷା ଉଦ୍ଦେଶ୍ୟରେ ନାରୀଜାଗରଣ ଓ ବୈପ୍ଲବିକ ଅଭିଯାନ"ବଲିଁ ସୁଚନା ଦେଇଛନ ।

ଇନୁ ଜନା ପଡୁଛେ ଜେ ଖଗେସ୍ୱର ସମାଜଥିଁ ଗୁଟେ ନୁତନ ନାରିର କଲ୍ପନା କରିଛନ । ଇ ନାରି ପାରଂପରିକ ପୁରୁସକୈନ୍ଦ୍ରିକ ସମାଜର ନିତି ନିୟମ

ମାନୁଥିବାର ଆଦର୍ସ ପୁତଲି ନହେ । ଖଗେସ୍ୱରଙ୍କ ନାରି ବାସ୍ତବବାଦୀ ରକ୍ତମାଂସର ମୁନୁସ । ପ୍ରଣୟ ବଲ୍ଲରୀର ଚତୁର୍ଥ ସର୍ଗଥିଁ ଗଂଗାଧରଙ୍କର "ସ୍ୱାମୀ ଯା କହିବେ ଦୁଷ୍କର ହେଲେହେଁ ପାଳନେ ହେବୁ ତତ୍ପର.." ନୁଆଁ ଭୁଆସେନ ମାନକର ଲାଗିଁ ସବୁବେଲେଁ ମାନବାର ଗୁନବାର ଉପଦେସ ଆଏ । ହେଲେଁ ଖଗେସ୍ୱରକର 'ନୂଆଁ ଭୁଆଷୁଣି'ଥିଁ ଇତାର ପ୍ରତିବାଦ ରହିଛେ । ଯାହା କହେବେ ନହେ.. "ସ୍ୱାମୀର ସଦିଚ୍ଛା ପୂରଣ ଦିଗରେ ନ ଗଣିବୁ କଷ୍ଟ ଆପଦ," ହେଲେଁ "ମନା କରିଥିବୁ ଥିବ ତୋ ସ୍ୱାମୀର ଯଦ୍ୟପି ମନ୍ଦ ଆଚରଣ.. ।"[୧୩]

## ଚାଏର

'ପଏର୍ଛା ସତୀ' ଲାଗିଁ ପାଂଚଟା ଅପଶବ୍ଦ- ବାଂଝେନ, ଛାରରୀ, ଘଏତାଖାଇ, ନଟୀ ଓ ବିଛାତି । ଅବିହାରି ମାଆ ହଇଛେ ଇ ନାୟିକା ଆର ଲୋକଲଜ୍ଜା ଡରହେଁ ଛୁଆକେ ତାର ଲାଗେ ଲେସର ମାରଲାବେଲକେ ହିନତିବିନତି କରିଛେ । କେନ ଦୁସେଁ ଛାଡ଼ପତ୍ରି ହେଲା ତାକେ ଜନା ନାଇଁ । ହେଲେଁ ତାର ସ୍ୱାଭିମାନ ପଏସାମୁଡ଼ି ହଇକରି ବର ଘରକେ ଜିବାକେ ବାରନ କରିଛେ । ବୁଢ଼ା ବରକେ ବିହା ହେଲା ଉତାରୁଁ ହିଁ ବିଧବା ହୋଇଛେ, ହେଲେଁ ସାମାଜିକ ନିଅମକେ ବେଖାତିର କରିଛେ ଆର ଚୁରି ନାଇଁ ପିଟି ।

କାର୍ତିକ ବୁଡ଼ ପକାବାକେ ସାଙ୍ଗସାଥିକୁଁ ଡାକିହାକି ନଉଥିବାର ଇ ନାୟିକା ସାଜିମାଜି ହେବାକେ ଜହ ସମିଆ ଦେବାକେ ମୁନୁସ ପିଲାକର ଘାଟେଁ ଗାଧସି । ନାମ କିର୍ତନ ହେଲେଁ ଜାଚି କରି ପାଏନତି ହେସି । ବାବାଜି ମାତାଜି ଆଏଲେଁ ରାଏତ ସରତା ସେମାନକର ସେବା ଭକ୍ତି କରସି । ହେଲେଁ ସେମାନେ ସାଙ୍ଗେ ନେବାକେ କହେଲେଁ ବି ଗାଁ ଛାଡ଼ିକରି ନାଇଁ ଯାଏ । ଦୁରଗୁଣିଏନ ବଲି ଅପଜସ ଦେଇଥିଲେ ବି ତାର ଗାଆଁମାଏଟ ଗଂଗା ଗୟାନୁ ବଲିଁ ଜହ ପାବନ । ପଏର୍ଛାସତି ଗୁଟେ ଅନପାରଂପରିକ ବିଚିତ୍ର ଚରିତ୍ର । ନୈତିକତାର ସିକଲାଥିଁ ଗୁଁଥା ଚରିତ୍ରମାନେ ସୁଲହ ଅନା ଭଲ କି ଏକଦମ ମନ୍ଦ ହଇପାରସନ । ହେଲେଁ ବାସ୍ତବ ଜୀବନଥିଁ ଚରିତ୍ରମାନକେଁ ଭଲ ଅନଭଲ ମେସାମେସି । ଇ ନାୟିକା ଗାଁ

ନାଟର ଦୂତର ପ୍ରେମରେ ପଡ଼ସି, ଡଣର ଦୁତି ସାଜିଥିବାର ପୁରୁସ କଲାକାରକେ ସପନିସି, ପାଲାଗାହାକନୁ ସାଡ଼ି ନେସି । ହରିହାଟ ବେଲେଁ ଧୁରିଆ ଗାଆଁ ଯାଇକରି ଦିନଦିନ ମିତ ମାହାର୍ସାଦ ଘରେଁ ରହେସି, ବଡ଼ ବଡ଼ିଆକର ନ ମାସ ମାସ କୁନୁଆଁ ହେସି ।

ଧାଜ ଗୋରୀ ନାଇଁ ହେଲେ ବି ଦେବି ପରା ଇ ନାୟିକା, କେନସି ଜୁବାପୁରୁସ ତାର ସହେତେଁ ଭେଟ ହେଲେଁ ବର୍ତିବାର ସହଜ ନହେ । କଜଲଲଗା ବିଜଲିବତି ପାଇଗଲା ତ ସାରା ରାଏତ ଚମକୁଥିବା । ଦିହି ପାଏନ ନାଇଁ ନସେ ତାର । କେଭେଁ ବାଁତି ହେଲେ ଉସୋ ଆସବା ଗଅଁତିଆଠାନୁ । ଇ 'ମଲମଲି କଅଲକତି', 'ଛାଏଦେଖି ରସବତୀ' ର ଠାନିମାନି, ଚାଲି ଚଲନଥି ଡର ଭଏର ଲେସ ନାଇଁ ।ଏକଲା ରହେବା ସେ ନିଜର ଘରେଁ । ନିଜ ର ଘର, ଆଏ ଅଲଂକାର, ଦିହି ମନ ଉପରେଁ ନିଜର ଅଧିକାର । ଖଗେସ୍ୱରଙ୍କର କଲ୍ପନାର ଇ ନାୟିକା ସାହିତ୍ୟଥିଁ ଗୁଟେ ବିରଲ ଚରିତ୍ର ।

ଭାରତୀୟ ସାହିତ୍ୟଥିଁ ନଗରବଧୁ ଚରିତ୍ରମାନେ ବନେ ଜନାସୁନା । ବୌଦ୍ଧ ସାହିତ୍ୟଥିଁ ସମ୍ମାନଜନକ ଠାନ ପାଇଛେ ଆମ୍ରପଲ୍ଲି ଲେଖେଁ ଚରିତ୍ର । ଦେବସଭାର ଅପ୍‌ସରାଠାନୁ ମଧ୍ୟଯୁଗର ଚଉସଠି କଲା ଆଏତ କଲା ଗଣିକା, ମନ୍ଦିରର ଦେବଦାସି, ମୁସଲିମ ସାସନ ବେଲାର କୋଠେବାଲି, ଆର ଆଧୁନିକ ସମିଆନ ଭିନଭିନ ନାଆଁଥିଁ ଏନ୍ତା ଚରିତ୍ରର ଅବତାର ହୋଇଛେ । ଇ ଚରିତ୍ରମାନକୁଁ ଖାଲି ପୁରୁସର ନାରି ନିର୍ଯ୍ୟାତନା ଭାବେଁ ନହେ, ପୁରୁସର ଆଧିପତ୍ୟକୁ ଆହ୍ୱାନ ଭାବେଁ ବି ଆଲୋଚନା କରାଯାଇପାରେ । ପଏର୍ଚ୍ଛାସତୀ ଏନ୍ତା ଧାରାର ଚରିତ୍ର ମାନକର ଗୁଟେ ଆଧୁନିକ ଗ୍ରାମିଣ ସଂସ୍କରଣ କୁହାଜାଇପାରବା ।

ବଡ଼ା ଜତନ କରି କବି ପହେଲା ଇ ଚରିତ୍ରର ଉପସ୍ଥାପନା କରିଛନ ଆର ତେତକର ତାର ମୁହେଁ ସମାଜର କେତେଟା ବ୍ୟଭିଚାର ବିରୋଧଥିଁ ମନ୍ତବ୍ୟ ଖଂଜିଛନ । ଗାଆଁମାନକେଁ ଜାଏତନୁ ବାଛନ୍ଦ କରିବାର ପ୍ରଥା ସେତେବେଲେଁ ତ ଥିଲା । ପଏର୍ଚ୍ଛାସତିକେ ବି ଜାଏତ ଅଡ଼ଗି ଦେଇଥିଲେ । ତାର ସମାଲୋଚନା କରିଛେ ଆର ଇ ନାୟିକା କହିଛେ, "ଜାଏତ୍ ଗଲା ମୋର୍ କିଏ ଦେଖିଛେ/ ଇ

ଯୁଗର୍ ଜାଏତ୍ କିଏ ରଖିଛେ/ ଉପ୍‌ରେଁ ସୁନାର୍ ଫୁଲ୍ ଫୁଟିଛେ, ଭିତର୍ ଯାକର୍ ଗୁବର୍ ଛତି ।"ତାର ପ୍ରେମ ସଂପର୍କକେ ନେଇକରି ସାମାଜିକ ଛି ଛାକରର ଉତତର ଦେଇଛେ ସେ । ପ୍ରେମ ତ ସେବା ଆର ସେଟା ତାର ବାଡ଼ିବୁରତି । ମନ୍ଦିର ମାନକେ ନଗ୍ନ ମୂର୍ତିମାନକର ଭୂମିକାର ଉଦାହରଣ ଦେଇଛେ । ରସିଆ ନାଗର, ଅତରମଖା, କଷିପାନଖିଆ, ବତରଚଖା, ରଖନୀରଖା, ମନପରଖା; ଏନ୍ତା ସମସ୍ତକର ମନ ମୁହିପାରୁଥିବାର ନାୟିକା ଇ ପଏର୍ଛାସତୀ । ତାର କଥାଭାସାଥିଁ ଜାତିଆମାନଙ୍କର ପ୍ରତିକ୍ରିୟା ତ ଅଛେ । ହେଲେଁ ସେ ଫୁତ୍କାରକେ ପଏର୍ଛାସତିର ପରବାଏ ନାଇଁ ।

"ପଚ୍ କଲା ମୁଇଁ ଥୁକି ନେଲେଁ କି/ ରଚ୍ କର୍‌ସି ତାକର୍ ଛାତି ।"

ମନୁସ୍ମୃତିର ଅବତାରଣା କରିଛେ ପଏର୍ଛା ସତି । ଉଚ୍ଚ ଜାତିର ନିୟମ ଅନସାରେ ନାରି ପୁରୁସର ଅସମାନତା ଭୟଙ୍କର । ନାରି ପରିବାରଥିଁ ତତଲା ରାନ୍ଧବା ଆର ବାସି ଖାଇବା । ପୁରୁସକେ ସବୁ ମା' । ମା ଦସମାସ ଗର୍ଭ ଧାରଣ କରବା, ହେଲେଁ ସନ୍ତାନ ପିତାର ନାଆଥିଁ ପରିଚିତ ହେବା । ଜାନବାର କଥା ଜେ ନାରିର ଅଧିକାର ଲାଗିଁ ସ୍ୱର ଉତ୍ତୋଳନ କରୁଥିବାର ଇ କାବ୍ୟ ଭାରତର ସଂବିଧାନ ସଂରଚନାର ଆଘୋନୁ ପ୍ରକାସିତ ।

୧୯୪୯ ସାଲେଁ ପ୍ରକାସିତ Simon De Beauvoir ତାକର Second Sex ପୁସ୍ତକଥିଁ Myth of Eternal Feminine ଶାଶ୍ୱତ ନାରିତ୍ୱ ମିଥ୍ ର ଆଲୋଚନା କରିଛନ । ଇ ମିଥ ଅନସାରେଁ ସମାଜ ବ୍ୟବସ୍ଥା ନାରିର ଚିନ୍ତା ଚେତନାକେ ଆୟତେ ରଖିଥିସି । ନାରି ନିଜର ବ୍ୟକ୍ତିସତ୍‌ତାକେ ଉପେକ୍ଷା କରୁଥିସି ଆର ଗୁଟେ ପହୁଂଚ ବାହାରର ଆଦର୍ସର ନୁରାଖୁଜାଥିଁ ସଦାବେଳେଁ ଛନ୍ଦିହଇଜାଏସି । Simon De Beauvoir କର ବିଚାରେଁ ନାରିର ସାମର୍ଥ୍ୟ ଥିଲେ ବି ଇ ମିଥ ଲାଗିଁ ସେ ମୁକ୍ତ ଜିବନର କାର୍ଯ୍ୟଧାରାନୁ ବିରତ ରହି କରି ସିମିତ, ଘରୋଇ, ନିତିଦିନିଆ କାମମାନକେ ବନ୍ଧି ହଇଜାଏସି । ପୁରୁସ ହିଁ ମୁନୁସ, ନାରି ନହେ । Man is human, woman is not. ପୁରୁସ କର୍‌ତା ଏବଂ ନାରି ଗୁଟେ ଉପଲକ୍ଷ୍ୟ ଆଏ ।

ପାରଂପରିକ ସାହିତ୍ୟ ଆର ଲୋକମାନସଥିଁ ପୁରୁସ ଆର ନାରିର ପ୍ରେମ ସଂପର୍କକେ ଭମର ଆର ଫୁଲ ସହେତେଁ ତୁଲନା କରାହେସି । ଭମର

କର୍ତା ଆର ଫୁଲ ଉପଲକ୍ଷ୍ୟ । ଖଗେସ୍ୱର ଇନୁ ଗୁଟେ ଉଲଟା ବୈପ୍ଲବିକ ଚିତ୍ରର କଲ୍ପନା କରିଛନ । ଖାଲି ଭମର ନହେ, ଭମରି ବି ଫୁଲ ନିକେ ଜାଏସି । ତ ପୁରୁଷ ଉପଲକ୍ଷ୍ୟ ଫୁଲ ହଉ ଆର ନାରି କରତା ହେଉ ।

ଭମର୍ ପୁକର୍ ଭମ୍‌ରି ଅଛନ୍
ଅଁରରେ କାଏଁ ନାଇଁ ଚିନ୍‌ହିଛନ୍
ଭମ୍‌ରି ନେଇଁ ହଇଁ ମାଏଝିମାନେ
କାଂଜେ ହେତେ ମଲି ମାଲ୍‌ତି ?
ସେମାନେ ହେଉନ୍ ମହକୀ ଫୁଲ
ଗହକି ହେବେ ମାହେଝି କୁଲ
ଶୁଖି ସଡ଼ି ଗଲେଁ ଫିକି ମାଡ଼ିନେବେ
ଫୁଲର୍ ଛାତି ବିଡ଼ବା ତାତି ।

ପୁରୁସକେ ଇତାର ଆଘୋନୁ ସୁନା ଆର ନାରିକେ ଚୁନା ବଲିଁ କହିଥିବାର ପଏର୍ଛାସତି ସୁନାରି ହାତରେ ସୁନାର ଅବସ୍ଥାର ଅବତାରଣା କରିଛେ ।

ଅଁରରେ ଜଦି ହେଲେ ସୁନା
ସୁନାରି ହେବେ ସୁନାରୀ ସିନା
ପୁଡ଼ାବେ ବୁଡ଼ାବେ ବିକ୍ରି ଗଲେଁ
ତଉଲି ନେବେ ମସା ରତି ।

ପ୍ରଥମ ନାରୀବାଦି ସାହିତ୍ୟ ଭାବେଁ ପଏର୍ଛାସତି ଗୁଟେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରବା । ଖଗେସ୍ୱର ପଏର୍ଛାସତୀକେ ପୁରୁସକୈନ୍ଦ୍ରିକ ସମାଜର ଜେତେତେତେ ପ୍ରତାରଣା ଆର ଲାଂଛନା ସହିଥିବାର ଗୁଟେ ଚରିତ୍ର ଭାବେଁ ଖାଲି ଉପସ୍ଥାପିତ ନାଇଁ କରି, ତାକେ ନାରିସମାଜର ଲଢୁଆ ପ୍ରତିନିଧି ଭାବେଁ ଚିତ୍ରଣ କରିଛନ । ଖଗେସ୍ୱର ନିଜର ଜିବନ ଜନ୍ତ୍ରଣାକେ ପଏର୍ଛା ସତିର ସ୍ୱରଥିଁ ରୁପାୟିତ କରିଛନ । ତ ନାରିବାଦ ସହେତେଁ ଦଲିତ ଚେତନା ବି ଇ କାବ୍ୟଥିଁ ପ୍ରକଟିତ ହଇଛେ ।

କାବ୍ୟର ସିର୍ସକ ପଏର୍ଛାସତି । ପଶ୍ଚିମ ଓଡ଼ିଶାନ ଇ ସଦ୍ଧ ବି ଟାଁଚେନ ଆଏ, ଅପସଦ୍ଧ ଆଏ । ପୁରାଣର ସିତା ସାବିତ୍ରି ଲେଖେଁ ସତିତ୍ୱ ରଖୁଥିବାର ଲାଗିଁ ନହେ, କାବ୍ୟର ସେସ ପଦମାନକେ ଲିଖା ଥିବାର ସତ୍ୟର ଜୟ ଜୟକାର କରୁଛେ ବଲିଁ ଆର ସଦାବେଳେଁ ସତ କହୁଥିବାର ଲାଗଁ ବଲିଁ ଇ ଏ ନାୟିକା ସତି ।

ଯେନ ଠାନେ ମୁଇଁ ଯାହା କରସିଁ
ଯାହା ହଉ ପଛେ ସତ କହେସିଁ
ମୋର ମନେ ତ ପରତେ ଲାଗସି
ଧରମ ଅଛେ ସତ କଥାଥିଁ । ୬୮ ।
ଆରୁ ବି
ସତ କଥା ଯିଏ କହି ନାଇଁ ପାରେ
ସତ କଥାକେ ସହି ନାଇଁ ପାରେ,
ହେନ୍ତା ନିଲଜ ପାପୀମାନକର
କପିଲ ଧାରେଁ ପାପ ଛଡ଼ାତିଁ । ୭୦ ।

'ପଏର୍ଛା ସତୀ' ର ଇ ପଦମାନକେ କବିଙ୍କର ଜିବନଦର୍ସନର ଫଟିକ ଜନା ପଡୁଛେ । ଇ ବିସେଥିଁ ଖଗେଶ୍ୱର ଗ୍ରନ୍ଥାବଳୀ ( ୧୯୭୩) ନ ଗୋବିନ୍ଦଚନ୍ଦ୍ର ଉଦ୍‌ଗାତାଙ୍କ ମତ ଦେଖମା । "କାଳିଆ ଠାକୁର, ମାତା ମହନ୍ତ, ସମାଜ, ପଏର୍ଛାସତୀ ପ୍ରଭୃତିରେ ପ୍ରଚଳିତ ସମାଜର ବିବିଧ ରୀତି ପ୍ରତି ତାଙ୍କର ପ୍ରତିକ୍ରିୟାତ୍ମକ ସଚେତନତା, ସଂସ୍କାରକାମନା ମ୍ଲରେ ନୀତିବାଦିତା ଏବଂ ଆଦର୍ଶର ଯେଉଁ ନିରବଚ୍ଛିନ୍ନ ପ୍ରକାଶ ଦେଖୁଁ ତାହା କବି ଖଗେଶ୍ୱରଙ୍କ ସ୍ୱୀୟ ଜୀବନର ହିଁ ରୂପାୟନ....।"

**କେସରଞ୍ଜନ ପ୍ରଧାନ**
**ଲୁ ନାଟକ ଆଶ୍ରମ, ମହୁଲପାଲି, ପଦମପୁର**

-ପାଦଟିକା-

**୧-** **ଗ୍ରାମାନ୍ତର ପ୍ରସଂଗ**

୧୯୦୬- ସରସରା- ଜନମ
୧୯୧୯- ସୁରଙ୍ଗିପାଲି (ଫୁଲଝର)
୧୯୨୬- ପାଣିମୋରା (ମାମୁଁଘର)
୧୯୨୯-୧୯୪୬- ତାଲପଦର (ସସୁର ଘର)
୧୯୪୬-୧୯୫୭- ବୁରୋମାଲ
୧୯୫୭-୧୯୬୧- ତାଲପଦର (କୁମ୍ଭାରପଡ଼ା)
୧୯୬୧- ୧୯୭୧- ସର୍ଗିବାହାଲ
୧୯୭୧- ୧୯୭୨- ପଲସଦା
୧୯୭୨- ମିଠାପାଲି
୧୯୭୨-୧୯୭୩- ପଣଲିପାଲି
୧୯୭୩-୧୯୭୮-ବୁରୋମାଲ
୧୯୭୮-୧୯୮୭- ଝେଙ୍ଗନାଡିହି
୧୯୮୭ – ମହାପ୍ରୟାଣ

ଇ ତଥ୍ୟ ହଟକିଶୋର ପାଣିଗ୍ରାହୀଙ୍କର 'ସାହିତ୍ୟପ୍ରାଣ କବି ଖଗେଶ୍ୱର' (୧୯୯୮) ଆର ଖଗେଶ୍ୱର ଗ୍ରନ୍ଥାବଳୀ(୨୦୧୭)ର ଡ. ମାନଭଞ୍ଜନ ପ୍ରଧାନଙ୍କର 'କବି ଖଗେଶ୍ୱର ଶେଠ: ଏକ ବିସ୍ମୟ ପ୍ରତିଭା'ନୁ ନିଆହଇଛେ ।

**୨-**

୧୯୯୯ ମସିହାଥିଁ ପ୍ରକାସିତ ଖଗେଶ୍ୱର ଗ୍ରନ୍ଥାବଳୀ (ତୃତୀୟ ଭାଗ) ମୁଖବନ୍ଧଥିଁ ରାଜାରାମ ମେହେରକର ମତ ।

୩-

ଖଗେଶ୍ୱର ଗ୍ରନ୍ଥାବଳୀ ୨୦୧୭ ର ଗଦ୍ୟ ରଚନା (୭୭୪-୮୦୪) ସାହିତ୍ୟାଲୋଚନାଥିଁ ଲେଖକ ୧୦୫ ପ୍ରକାରର 'ରଚକ ଓ ସମାଲୋଚକ'ଙ୍କ ସଞ୍ଜ୍ଞା ଦେଇଛନି । ସୁଚନାଯୋଗ୍ୟ ଜେ ଚଉତିସାର କବି ଖଗେସ୍ୱର ବର୍ଣ୍ଣାନୁକ୍ରମଥିଁ ଇତାକେ ସଜେଇଛନ । 'କୁତର୍କି' ଆଲୋଚକର ଉଦାହରଣ ଦେବାବେଲେଁ 'ସଚିତ୍ର ଓ ବୃହତ ପଏର୍ଛାସତୀ' ପ୍ରସଙ୍ଗ ଉଠିଛେ ।

୪-

ବାଦ୍ ପଡ଼ିଥିବା ପଦସବୁ ତଲେଁ ଦିଆଗଲା । ପଦ କ୍ରମାଙ୍କ ୨୦୧୭ ଗ୍ରନ୍ଥାବଳୀରୁ ଅନା ହଇଛେ ।

(୫)

ଘଏତାଖାଇ ବଏଲେଁ ହେଲେଁ
କାଏଁ କରବେ ସହି ନେଲେଁ ?
ପଏତାପିନ୍ଧା ଝି ନୁହେଁ ତ
ରହିଗଲେ ଭାଏଲ୍ କୁହି ଯାଏତିଁ ।

(୬)

ବାଲୁତ୍ ରାଆଁଡ଼ି ପାପର ଡରେଁ
ସଢ଼ି ଯାଏଥିବା ବାପର ଘରେଁ;
ଟଁଟି ଭିଜାଲେ ଝିଇକେ ପାପ୍
ବାପ୍ ଚାଖୁଥିବା ନାରଙ୍ଗୀ ଲେତି ।

(୨୩)


ପୁରାନ୍ ବସାଲେଁ ଗାଆଁଯାକ
ମୋର ଚିହ୍ନାର୍ ଯେତେ ଗାହାକ,
ଯିଏ ଆସୁ ବି କାଏଁ ପଁଡ଼ା ଦାସ
କାଏଁ ମିଶ୍ର, ଦେବତା, ପତି ।

(୬୬)
ସିନେମା ରସେଇ ଯେତେ ଧାଙ୍ଗ୍ରୀ
ଶହେଥିଁ ନବେ ପାପର ଚାଙ୍ଗ୍ରୀ,
ତାହାକୁଁ ଚାହେଁଲେଁ ଖଲିଚାଟି ମୁଇଁ
ସେ ତ ସହରୀ ବିଲାତି କୁତୀ ।
(୬୯)
ଯେନ୍ ମାନ୍‌କର୍ ଝି ବହେନ୍
ଚାଲ୍ ଚଲନ୍ ଭାରି ଅଏନ୍,
କାଏଁ ଲାଜ୍ ଡର୍ ସେମାନକୁଁ
ଝି ବହ ଯାର୍ ସତର୍ ସତୀ ।
(୭୦)
ସତ୍ କଥା ଯିଏ କହି ନାଇଁ ପାରେ
ସତ୍ କଥା ଯିଏ ସହି ନାଇଁ ପାରେ,
ହେନ୍ତା ନିଲଜ୍ ପାପୀମାନକର
କପିଲ୍‌ଧାରେଁ ପାପ ଛଡ଼ାତିଁ ।

୫- ଖଗେଶ୍ୱର ଗ୍ରନ୍ଥାବଳୀ (୧୯୫୮) ମୁଖବନ୍ଧ
୬- ମଞ୍ଜୁ ଓ ମଞ୍ଜୁଷାର ଚଉତିଶା (ଖଗେଶ୍ୱର ଗ୍ରନ୍ଥାବଳୀ ୨୦୧୭)ପୃ ୨
୭- ଚଉତିଶା ଚନ୍ଦ୍ରକଳାରେ ପ୍ରଯୁକ୍ତ ଚଉତିଶା ରୀତି'(ଖଗେଶ୍ୱର ଗ୍ରନ୍ଥାବଳୀ ୨୦୧୭)ପୃ୨୯
୮- ଖଗେଶ୍ୱର ସାହିତ୍ୟ ସମୀକ୍ଷା, ଅ୍ଧାପକ ଗୋପାଳକୃଷ୍ଣ ମିଶ୍ର (୨୦୧୭), ପୃ୩୮
୯- ଖଗେଶ୍ୱର ଗ୍ରନ୍ଥାବଳୀ, ପଏର୍ଛାସତୀ, ଭୂମିକା (୧୯୫୮)
୧୦- ଖଗେଶ୍ୱର ଗ୍ରନ୍ଥାବଳୀ, ପଏର୍ଛାସତୀ, ସୂଚନା (୧୯୫୮)
୧୧- ସ୍ୱାମୀ ପ୍ରତି ବ୍ୟଥିତପ୍ରାଣା ସୀତା (ଖଗେଶ୍ୱର ଗ୍ରନ୍ଥାବଳୀ ୨୦୧୭) ପୃ ୪୧୭
୧୨- ଅଗ୍ନିଶିଖା (ଖଗେଶ୍ୱର ଗ୍ରନ୍ଥାବଳୀ ୨୦୧୭)ପୃ ୩୧୮-୩୩୪
୧୩- ନୂଆଁ ଭୁଆଷୁଣି, ଚଉତିଶା ଚନ୍ଦ୍ରକଳା ପଂଚମ ଛାନ୍ଦ (ଖଗେଶ୍ୱର ଗ୍ରନ୍ଥାବଳୀ ୨୦୧୭)ପୃ ୫୩

# “ପଏର୍ଛା ସତୀ” କାବ୍ୟ ନ ନାରି ସମ୍ବେଦନସିଲତା

*ଡ. ସୁବାସ ମେହେର*



ଆମର ଭାସା ସାହିତ୍ୟର୍ ମୁର୍ଧୁନି କବିମାନକର୍ ଭିତରୁ କବି ଖଗେସ୍ୱର ସେଠ ଝନେ ଆନ । ସେ ଉଡ଼ିଆ ଭାସା ନ ଅନେକ କାବ୍ୟ କବିତା ଲେଖିଥିଲେ ବି ନିଜର ମାଟିର ଭାସାଥିଁ ଲେଖିଥିବା ‘ପଏର୍ଛା ସତୀ’ କାବ୍ୟ ତାଁକୁ ସମକର ଆଗେ ଜହକରି ପଏଚାନ କରିଥିସି କବି ଭାବେ । ସେଠ୍ କବି ଇ ଗୁଟେ କାବ୍ୟ ଲେଖଲା ପରେ ଆରୁ କିଛି ନାଇଁ ଲେଖିଥିଲେ ବି ସେ କବି ଭାବେ ଅମର ରହିଥିତେ ସାହିତ୍ୟ ଜଗତ ନ ।

ଇ କାବ୍ୟର ନାଁଟା କାବ୍ୟ ନାଇକାର ନାଁ ଅନ୍‌ସାରେ ‘ପଏର୍ଛା ସତୀ’ ଆଏ, ଜେନଟା କି କାବ୍ୟ ନାଇକାର ଅସଲି ନାଁ ନୁହେସେ, ଗୁଟେ ଧ୍ୱନ୍ୟାତ୍ମକ ନାଁ ଆଏ । ଇ ନାଁର ଅସଲ ଅର୍ଥ ହେବା ଅସତି । ପଟ୍ ଅସତିଆ / ଅସତିକେ ଲୁକେ ବ୍ୟଙ୍ଗ କରି କହିଥିସନ ପଏର୍ଛା ସତୀ ପଏର୍ଛା ସତିଆ ବଲି, ଆର ମୁରକି ମୁରକି କଟାଖ୍ୟ ହସି ହସିଥିସନ ସେ ଚରିତ୍ରର ଚାରିତ୍ରିକ ସ୍ଖଲନ ଜାନି କରି ।

‘ପଏର୍ଛା ସତୀ’ କାବ୍ୟର ଲେଖଲା ଢଙ୍ଗଟା ଆମର ଫାଲର ଲୋକ ନାଟକ, ଡଁଡର ବାଁଡି ଗାଏଲା ଗିତ୍ ବାଗିର ଛନ୍ଦ ଆଏ । ମୁଲୁ ଟିପିକେ ଗୁଟେ ସୁର । ପହେଲା ପଦଟା ଘୁସା ଆଏ । (ହେଲେ କବି ନିଜକେ ଇ ଛନ୍ଦକେ

କରମା ସୁର ବଲି କହିଛନ) 'ପଏର୍ଛା ସତୀ' କାବ୍ୟ ନାଇକା ତାର ମୁହେଁ ତାର ନିଜକେ ଜେତେ ଚାଲିଚଲନ, ହାବଭାବ କଥା କହିଛେ, ଦୁଖ ସୁଖର ଗିତ ଗାଇଛେ । ହେଲେ ତାର କଥା ଭିତରେ ସେ ବଁଚି ରହିଥିବା ସମାଜର ନିତି ନିଅମ କଥାବି ଫୁଟି ଉଠୁଛେ । ଜେ ନ କି ତାର ପ୍ରତିବାଦର ସ୍ୱର ସାଣିତ ହେଇ ଉଠିଛେ ଆର କାବ୍ୟ ଗାରିମାକେ ଉଚ୍ଚା ଜାଗାନ ରଖବାକେ ସାମରଥ ହେଇଛେ ।

ଇ କାବ୍ୟର ମୁଖିଆ ସ୍ୱର ହେଇଛେ ଧ୍ୱନି ବା ବ୍ୟଂଗ । ଧ୍ୱନି ଇ କାବ୍ୟର ନାଁ ଠାନୁ ମୁଲ କରି ଛେଦତକ ଭରି ରହିଛେ । ଧ୍ୱନିଟା କାବ୍ୟକେ ରସ ଆର ଅଲଂକାରନୁ ଜହ ଜିବନ୍ତ ଆର ଭାବ ମଏ କରସି । ଧ୍ୱନି ବାବଦେ ପଣ୍ଡିତ ଆନନ୍ଦ ବର୍ଦ୍ଧନ କହିଛନ– କାବ୍ୟସ୍ୟାତ୍ମା ଧ୍ୱନି ।

କବି ଇ କାବ୍ୟର କଥାବସ୍ତୁକେ ଇ ମାଟିନୁଁ ସଁଖଲି କରି ଇ ମାଟିର ଭାସା ନ ଜିବନ୍ତ ରୁପ ଦେଇଛନ୍ । ହେଲେ କାବ୍ୟ ନାଇକାଟା ଇ ମାଟିର ଖାଲି ନାଇଁ ହେଇକରି ସାରା ଧରିତ୍ରିର ଗୁଟେ ସମ୍ବେଦନସିଲ ଚରିତ୍ରଟେ ହେଇ ମୁର୍ତ୍ତିମନ୍ତ ହେଇଛେ ।

କାବ୍ୟ ନାଇକା ଜେନ୍ ସମିଆ ନ ଧାଂଗରି ଟୁକେଲଟେ ହେଇଗଲା, ବିହା ହେବାର ଲାଏକ୍ ବନିଗଲା, ସେତେବେଲେ ତାର ବୁଆ ତାହାକେ ଗୁଟେ ଦୁରବଲିଆ ବୁଢ଼ା ଲୁକର ହାତେଁ ସଁପି ଦେଲା ପଏସା ଲୁଭେ ପଡ଼ିକରି ଆର ଝି ବଟା ଦୁଖ ନୁ ପାର ପାଏଲା । ଜେନଥିର୍ ଲାଗି କି ସେ ବୈବାହିକ ଜିବନର ସୁଖ ଟିକେ ନାଇଁ ପାଏଲା ବରଂ ତାର ବୁଢ଼ା ବରକେ ସଁଖଲିବାରଥି ତାର ସମିଆ କଟିଗଲା । ବଛର ଗୁଟେ ନାଇଁ ପୁରନୁ ବୁଢ଼ା ବରଟା ମରିଗଲା ପରେ ସେ ତାର ମା ଘରକେ ପଲେଇ ଆଏଲା ଆରୁ ତାର ରୁପର ପସରା ପେସରେଇ ଦେଲା । ଏଭେ ତାର ବଏସର ନଏଦ ବହେଲା ଦୁଇ ଖଏଁଣ ଖାଇ । ସେ ନଏଦ ଧାରେ ନିଜେ ସେ ଭାସଲା ଆର ଉନଝା ଲୋକକୁ ବି ଭସାଲା । ହେଲେ ସେ ହେଇଗଲା ସମକର ଆଖିର କୁଟା, ପାଦର କଁଟା । ଲୁକେ ତାହାକେ ଟପା ମାରି ବଏଲେ ବାଁଝେନ, ଛାର୍‌ରି, ଘଏତାଖାଇ, ପେଟଭାଂଗି । ହେଲେ ତାର ଅଚଲନ୍ ଲାଗି, ଅସତିର ପନ ଲାଗି, ସତ୍ ଜିବନନୁ ସ୍ଖଲନ ଲାଗି ଦାଇ କିଏ ଆଏ ? ସେ ନିଜେ କି ତାର ମାଁ ବାପା, କି

ସମାଜ ? ଇ ତାର ସୁବିଚାର ପାଏବାକେ କାବ୍ୟ ନାଇକା ନିଜର ଜିବନର ଦରଜକେ, ଅଭୁଲା ସ୍ମୃତିକେ, କରୁଣ କାହାଣିକେ ବୟାନ କରିଛେ ଆର ତାର ଇ ସତର ବୟାନ ଭିତରେ ପାଠକ ହୁରୁଦ ନ ଗୁଟେ ସ୍ୱତନ୍ତ୍ର ଠାନ ଜମେଇ ବସିଛେ ସମ୍ବେଦନସିଲ ହେଇ ।

ବିଚାର କରି ଦେଖଲେ ତାର ବୁଆର ଲାଗି ସେ ବୈବାହିକ ଜିବନର ସୁଖ ନାଇ ପାଏଲା, ବୁଢା ବରଟା ମରି ରାଆଁଡି ହେଲା । ଇ ରାଆଁଡି ହେବାରଟା ତାର ଭାଏଗର ଦୋସ କି ତାର ବୁଆର ଦୋସ ? ସେ ଜଦି ବୁଢ଼ା ବର ବଦଲା ତାର ବଏସର ଭେଁଡିଆ ବର ପାଇଥିତା, ବଏଲେ ସେ ରାଆଁଡି ନାଇ ହେଇଥିତା କି ବାଁଝେନ ଦୋସ ତାହାକେ ନାଇଁ ଲାଗିଥିତା । କେନ୍ତା ବଏଲେ ତାର ଉ  ର ବିଧବା ଜିବନ ନ ଅନେକ ଥର ଦିହେଁ ବୁହିଛେ ଆର ସାମାଜିକତା ବଜେଇ ରଖବା ଲାଗି ବାଧ୍ୟ ହେଇ ପେଟ ଭଙ୍ଗେଇ ହେଇଛେ । ଜଦି ତାର ଭାଏଗେ ରାଆଁଡି ହେବାର ଜୋଗ ଥିଲା ବଲି ଧରାଜିବା, ତେବେ ସେ ରାଆଁଡି ହେଲା ପରେ ଜେତେ ଲୋକ ତାରଠାନେ ଦୈହିକ ସଂପର୍କ ରଖିଛନ, ସେମାନେ ସଭେ ତାର ପେଟ ଟିକେ ଦିସଲେ କି ଭାଗିଛନ ଲେଂଜ ଜାକି କରି, କେହି ବି ତାହାକେ ନିଜର ନାଇ କରି । ଭାର୍ଜାର ମର୍ଯ୍ୟାଦା ନାଇ ଦେଇ । ସମାଜର କାହାରି ନୁ ସେ ସତର ସୁଖ, ସରଧା, ହୁରୁଦ ନାଇଁ ପାଇ । ବରଂ ପାଇଛେ ସବୁ ନିନ୍ଦା ଅପମାନ । କବି ସମାଜର ଗୁଟେ ଅବହେଲିତ ଘୃନ୍ୟ ଚରିତ୍ରକେ କାବ୍ୟ ନାଇକା ଭାବେ ଗ୍ରହଣ କରି ତାର କରୁଣ କାହାଣି ସର୍ଜନା କରିଛନ ଅତି ସମ୍ବେଦନସିଲ ଭାବେ ।

ଇ କାବ୍ୟର ଚରିତ୍ର ବଏଲେ ଗୁଟେ, ସେଟା ହେଇଛେ ପଏରଛା ସତି, ହେଲେ ଇ ଗୁଟେ ଚରିତ୍ର ବଲେ କବି ସମାଜ ଭିତରର ଅନେକ ଚରିତ୍ରର ମୁଖା ଖୁଲିଛନ । ତାର ସାଂଗେ ସମାଜର ପାରଂପାରିକ ଚାଲିଚଲନ, ରିତିନିତି ଉପରେ ଆଙ୍ଗଠି ନିର୍ଦ୍ଦେସ କରିଛନ । ଅସାମାଜିକତାକେ ସେ ଟିକେ ଖାତିର ନାଇ କରି । ନାଇ ସୁହାଲା କଥାକେ ସେ ବିରୋଧର ସ୍ୱର ଉଠେଇଛନ୍ । ବୁଢ଼ାବର ସାଂଗେ ତାକର କାବ୍ୟ ନାଇକାର ବିହା ଆର ବିହା ହେବା ବଛରେ ଭରନା ନାଇ ହେଉ ନୁ ସେ ମୁନୁସର ମରନଥିଁ କାବ୍ୟ

ନାଇକାର ରାଆଁଡି ଭେସକେ ସେ ସ୍ୱିକାର ନାଇ କରି । ଜେନଥିର୍ ଲାଗି କି କାବ୍ୟ ନାଇକା ତାର ହାତର ଚୁରି ନାଇ ଭାଂଗି କରି ତାର ମାଁ ଘରକେ ପଲେଇ ଆସିକରି ସଧବା ନାରି ଭାବେ ଜିବନ ଜିଇଁଲା, ହେଲେ ସମାଜ ତାକେ ଆଖ୍ୟା ଦେଲା, ଘଏତା ଖାଇ, ରାଆଁଡି ପଏରଛାସତି । ସେଠ କବିକର କାବ୍ୟ ନାଇକା ବାଗିର ଏତେ ଦାମ୍ଭିକ, ବୈପ୍ଳବିକ, ବାସ୍ତବିକ ସତ ପ୍ରବକ୍ତା ନାରି ଚରିତ୍ରଟେ ସମଗ୍ର ସାହିତ୍ୟ ଜଗତ ନ ଖୁଜଲେ ବି ମିଲବାର ମୁସକିଲ୍ ।

ମୁନୁସ ସମାଜ ବଏଲେଁ ଆମେ ମୁନୁସ (ଅଁର୍ରା) ମାହେଜି ଦୁହିଟାକୁ ବୁଝସୁ । ଇ ଦୁହିଟା ଗୁଟେ ସଗଡ ଗାଡିର ଦୁଇଟା ଚକା ବାଗିର । ଇମାନେ ସାନ୍ ବଡିଆ ହେଇଗଲେ କି କେନଟା ଖଁଡିଆ ହେଇଗଲେ ସମାଜ ଗାଡ଼ି ଠିକ୍ ସେ ଚଲବାର ଅଡୁଆ । ସମାଜର ଅଗ୍ରଗତି, ବିକାସ ବାଧା ପାଏବା ସେଥିଁ । ହେଲେ ଜିବଜଗତ ଭିତରୁ ନିଜକେ ବଡ, ସିଖତ, ଉଚ୍ଚା ବଲି ବିଚାର କରୁଥିବା ଇ ମୁନୁସ ସମାଜେ ଇ ଦୁହି ଚକାକେ ନେଇ ଅନେକ ତାରତମ୍ୟ ରହିଛେ । ସମାଜ ବ୍ୟବସ୍ଥା ନାରିକେ କରି ଦିଆଜାଇଛେ ପୁରୁସର ଗୁଟେ ଖେଲବାର ସାମଗ୍ରି । ସବୁ ଅଭାବ ଅସୁବିଧା ନ ବି ମାହେଜି ନିଜେ ନାଇଁ ଖାଇପିଇ କରି ସବୁ ସୁଖ୍ ସରଧା ଦେବା ପୁରୁସକେ । ଛୁଆଟେ ମାଁର ପେଟେ ରହେଲା ଦିନୁ ତାହାକେ ଜନମଜାତ କରି ଛୁଆକେ ଖୁଏଇ ପିଏଇ, ଜତନପାତନ କରି ବଢାବାରଥି ମାଁର ଭୂମିକା ସର୍ବାଧିକ ଥିଲା ବେଲେ ସେ ଛୁଆର ପରିଚୟ ଦେଲା ବେଲେ ମାଁକେ ଛାଡି ବାପକେ ଖୁଜା ପଡସି ପାରଂପରିକ ଧାରାଥି । ଇ ପରଂପରାକେ ବିରୋଧ କରି କବି ତାକର କାବ୍ୟ ନାଇକା ମୁହେଁ ସେଥିର ଲାଗି କହିଛନ-

ଜାତିଆ ଧରମେ ମାଏଝି ଦାସୀ<br>
ରାନ୍ଧବା ତପଲା ଖାଏବା ବାସୀ ॥<br>
ଦସ ମାସ ମାଁ କେଡେ କଷ୍ଟେଁ<br>
ଜିଆଁବା ପେଟେ ଶୁଆବା ଖଟେ<br>
ବଡ଼ ହେଲେ ଛୁଆ ମାରବା ଆଁଟେ<br>
ବୁଆର ପୁଓରେ ବଲି ମାକର ଚିତି ॥

ହେଲେ ବାପର ପରିଚୟ ନାଇଥିବାର ଏନତା କେତେ ବିନ୍ ବାପର ପୁଓ ମାନକର ଭିତରୁଁ ବି ମହାଭାରତ ରଚନାକାର ବ୍ୟାସ, ଦାନବିର କର୍ଣ୍ଣ, ମହାଜ୍ଞାନି ସତ୍ୟକାମ କି ସନ୍ଥକବି ଭିମ ଭୋଇ ବାଗିର ମହାତ୍ମା ମାନେ ସମାଜ ନ ନିଜର ସ୍ରେସ୍ଥତ୍ୱ ସୃସ୍ଟି କରି ପାରିଛନ । ହେଥିର ଲାଗି ତ୍ୟାଗ ଆର ସମର୍ପଣ ଭାବନା ଥିବା ମାଁ ଜାତିକେ ତାର ଉଚିତ ସମ୍ମାନ ତଥା ସ୍ଥାନ ଦେବାରକେ ହେବା । ଆର ସେ ସମ୍ମାନ କେତେ ପରିମାଣ ନ ପଏରଛା ସତି କାବ୍ୟ ସୃସ୍ଟିର ୫୦/୫୫ ବଛର ପରେ ଏଭେଁ ନାରି ଜାତିକେ ଦେବାରକେ ମୁନୁସ ସମାଜ ସଚେତନ ହେଉଛେ । ଛୁଆଟାର ପରିଚୟ ଲେଖଲା ବେଲେ ବାପର ନାଁ ଆଗୁଁ ମାଁର ନାଁ ଲେଖା ହେଉଛେ ଏଭର ରେକର୍ଡ ପତର ନ ।

ମୁନୁସ ମାତରକେ ସମାଜ ଭିତରେ ରହେସି, ସମାଜ ନ ଘଟୁଥିବା ଭଲମନ୍ଦ ସବୁକେ ଦେଖସି ହେଲେ ନି ଜାନଲା ବାଗିର ଅନେକ ଖରାପ କାମେ ବି ସେ ଲଟକି ରହେସି । କବି କିନ୍ତୁ ସମାଜର ସବୁ ରାଏ ରକମ ଦେଖି ସମକୁ ଦେଖାସି, ଚେତି ଚେତାସି ଜତନ କରସି ସମକୁ ଭଲ ବାଟେ ପକାବାର ଲାଗି । ସୁସ୍ଥ ସୁନ୍ଦର ସମାଜ ଗଠନ ଲାଗି ତାର କଲମର ଚାଲନା, ମୁଡର କସରତ, ବୁଦ୍ଧିଜ୍ଞାନର ପ୍ରୟୋଗ । କବି ଖଗେସ୍ୱର ସେଠ ଝନେ ସେନତା ସମାଜ ସଚେତନ ମାନବବାଦି କବି । ସେ ମାନବ ସମାଜକେ, ମୁନୁସ ଜାଏତକେ ଭଲ ପାଉଥିବାର ଲାଗି, ଭୁଲ କରୁଥିବା ସଂଗଠନ କି ବ୍ୟକ୍ତି ବିସେସକେ ତଥା ଭୁଲ ହେଉଥିବା କଥାକେ ତାକର କାବ୍ୟ କବିତା ନ ଠାନ୍ ଦେଉଥିଲେ ଆରୁ ଲୋକକୁଁ ଜାଗ୍ରତ କରବାର ଲାଗି, ଭୁଲ ନୁ ଭଲ ବାଟକେ ଆନବାର ଲାଗି ତାକର ପ୍ରୟାସ ହରୁହରଦମ ଲାଗିଥିଲା । ହେଥିର୍ ଲାଗି ସେ ଆଏଜକାଲି ଭଣ୍ଡ ସାଧୁ ମାନକର ବାବଦେ ବ୍ୟଙ୍ଗାତ୍ମକ କରି କହିଛନ-

ଭେକ ଦେଖା ଜେତେ ଜ୍ଞାନି ସାଧୁ
ସୁଆ ବନିଛନ ଗିଧା ବାନ୍ଧୁ
ମୁହେ ହରେରାମ ରାଧେଶ୍ୟାମ
ପେଟେ କୁହୁଛେ ସୁଖୁଆ କାତି ॥

ସାଧୁ ଭେସ ଧରି ରାବଣ ସିତାକୁ ଚୁରାଲା ବେଲେଁ କବି ଗଂଗାଧର ସିତାକର ମୁହେଁ ବି ଏନତା କହିଥିଲେ–

ଜାଣିଲି ବେଶ ନୁହେ ଗୁଣର ଚିହ୍ନ
ଉପରେ ସାଧୁ ବେଶ ଭିତରେ ଭିନ୍ନ ॥

କବି ଗଂଗାଧରକର ପଦର ଉପରିଆ ସାଧୁ ବେସର ଭିତରେ ଥିବା ଭିନ୍ନତାକେ କବି ସେଠ ଧ୍ୱନ୍ୟାତ୍ମକ ସବ୍ଦ ଜୁଡିକରି କହେଲେ 'ପେଟେ କୁହୁଛେ ସୁଖୁଆ କାତି' ଅର୍ଥାତ୍– ଭିତରେ ଭରି ରହିଛେ ଦୁର୍ଗନ୍ଧ ମଏ ଆଚରଣ, ମନ୍ଦ ମନୋବୃତି, ହିନ ଭାବନା, ଅସଂଗତ ଚିନ୍ତା ଆର ଚେତନା । ଏନତା ବ୍ୟଂଜନାତ୍ମକ ଭାବ ଥିବାର ଆର ଗୁଟେ ପଦ ଇ ନ ନିଆଜାଉ–

ଟଁଟି ଭିଜାଲେ ଝି'କେ ପାପ୍
ବାପ୍ ଚାଖୁଥିବା ନାର୍‌ଗି ଲେଡି ।

ଇ ପଦ ଥିଁ ସାମାଜିକ ନିତି ନିୟମର ବିସମତାକେ କଟାଖ୍ୟ କରିଛନ କବି । ନିହାତି ଦରକାର ଥିବା, ସୁସେଁ ଟଁଟି ସୁଖି ଜାଉଥିବା, ଅଦମ୍ୟ କାମ୍ ପିପାସା ନ ଛଟପଟ ହେଉଥିବା ଜୁବତି ଟୁକେଲକେ ଟଁଟି ଭିଜା ଭଲିଆ କାମନା ପୁରଣ ଲାଗି ବାଧକ ନିୟମ ଥିଲା ବେଲେଁ ଦରକାର ନାଇଁଥିବା, ଜୁବ ବଏସକେ ପୁରାପୁରି ଉପଭୋଗ କରିଥିବା, ବାପ ସମାନ ବୁଢା ଲୋକକୁଁ ନାରଗି ଲେଡି ଭଲିଆ ସ୍ୱାଦିସ୍ଟ, ରସ୍‌ଭରା ସୋଲ ବଏସି ନାରିର ସଂଗତିକେ କିଛି ବାରନ ନାଇଥିବା ସାମାଜିକ ବ୍ୟବସ୍ଥାକେ କବିର କଲମ ଗାର ପାଏନଚୋକ୍ ଥିବାର ଅସ୍ତ୍ରର ପ୍ରହାର କରିଛେ ଇଠାନେ ।

ଏନତା ରୁପେ ରସେ, ରତିଗୁନେ, ଧ୍ୱନି ଆର ବକ୍ରୋକ୍ତି ଭରି ରହିଥିବା 'ପଏରଛା ସତୀ' କାବ୍ୟ ସେଠ କବିକର ଅମର କୃତି ଆଏ ଆର ଆମର ଭାସା ସାହିତ୍ୟର ଭଦ୍‌ରି ନ ଅମୁଲ୍ୟ ସଂପଦ ଆଏ । କବି ଇ କାବ୍ୟକେ ଜେତେବେଲେ (୧୯୫୦) ଆମର ଲୁକର ମନେ ଆମର ଭାସା ପ୍ରତି ସଚେତନ ନାଇଁ ଥାଇଁ ବରଂ ଅନେକକର ମନେ ହିନ ଭାବ ଭରି ରହିଥିଲା, ସେତେବେଲେ ଲେଖିଥିଲେ ଅପୁର୍ବ ଦମ୍ଭ ଆର ସାହାସ ଧରି, ଭାସା ସାହିତ୍ୟର ବଢ୍‌ତି ଦିଗେଁ ଭବିସ୍ୟତର ଆସା ରଖି ।

ଉଡିଆ ତଥା ଉଡିଆ ପ୍ରେମି ମାନକର ବୁଝବାର ଲାଗି ସେ ସମ୍ବଲପୁରି କୁସଲି ଭାସା ନ ସୁନ୍ଦର ଭାବ ପୁରଦିଆ ମଡା ତିଆର କରବାର ସାଂଗେ ନିଜେ ତାର ଉଡିଆ ମୁକ୍ତାନୁବାଦ ଦେଇଥିଲେ କାବ୍ୟ ଫି ପଦ ନ । ହେଲେ ସେ ପଦମାନେ ସମଲପୁରି କୁସଲି ମୁଳପଦ ବାଗିର ସେତେବେଲେ ଧ୍ୱନ୍ୟାତ୍ମକ ତଥା ରସାତ୍ମକ ନାଇଁ ହେଇପାରି । ଗୁଟେ ଉଦାହରଣ ଇ'ନ ନିଆଜାଇପାରବା ଜୁଖବାର ଲାଗି-

ମୁଳପଦ-

ବାଲୁତ ରାଆଁଡି ପାପର ଡରେଁ
ସଢି ଜାଉଥିବା ବାପର ଘରେଁ
ଟଁଟି ଭିଜାଲେ ଝି କେ ପାପ
ବାପ୍ ଚାଖୁଥିବା ନାର୍‌ଗି ଲେତି ॥

ଉଡିଆ ମୁକ୍ତାନୁବାଦ-

ବାଳ ବିଧବାର ତପ୍ତ ଲୁହଧାର
ପଣନ୍ତ ତିନ୍ତାଇ ଦିଏ
ବିପତ୍ନୀକ ବୃଦ୍ଧ ଭିଡେ ବାଲା ହୃଦ
ହସୁଛନ୍ତି ତା ନାତିଏ ॥

ଇ ପଦ ଦୁଇଟାକେ ତୁଲନା କରି ଦେଖଲେ ସମଲପୁରି କୁସଲି ସାହିତ୍ୟର ବିସିସ୍ଟତା ସଫା ବାରିହେସି । ଇ'ନ ମୁଇଁ କହିଦେସିଁ ମୁଇଁ ଇ କାବ୍ୟ ଆଲୋଚନା କଲାବେଲେଁ କଥାବସ୍ତୁ ଭିତରକେ କାବ୍ୟ ନ ଥିବା ୪୪ ନମ୍ବର ପଦକେ ନାଇଁ ଆନିକରି କାବ୍ୟର ଅଏନ ଦିଗକେ ଆଲୋକିତ କରବାକେ ଚେସ୍ଟିତ ହେଇଛେଁ ।

***ଘେଁସ, ଜି.ବରଗଡ଼***
***୯୯୩୭୭୮୯୫୩***

# ପଏର୍ଛା ସତୀ

*ଉତ୍ପନ୍ନ କୁମାର ଭୋଇ*



ସାହିତ୍ୟ ପରାନ୍ କବି ଖଗେସ୍ୱର୍ ସେଠ୍ କାଏଁ ଉଡିଆ କାଏଁ ସମଲ୍‌ପୁରି ଦୁହି ଭାସାର ସାହିତ୍ୟ ରଥିଟେ ହିସାବେ ତାକର୍ ଆସନ୍‌କେ ବରକସ୍ କରି ପାରିଛନ୍ । ଉଡିଆ କାବ୍ୟ କବିତାଥିଁ ଘଲେ ସଫଲ୍ ସମଲପୁରି ପ୍ରୟୋଗ୍ ଲାଗିଁ ସେ ଜହ ଜନାସୁନା ଆନ୍ । ହେଲେଁ ବି ଇ ସମଲପୁରି ଚେତ୍‌ନା ତେଜ୍ ନାଇଁ ଧରିଥିଲା ବେଲ୍‌କେ ଭି ପଏ୍‌ରଛା ସତୀ କାବ୍ୟ ଲେଖି କରି ପହେଲା ପ୍ରକାସିତ୍ ସମଲ୍‌ପୁରି କାବ୍ୟ ଜଗତର୍ ନାହି ପକେଇଛନ୍ ବଲିଁ ତାକର୍ ପ୍ରତିଭା ଠାନେ ମୁଡ୍ ତାର୍ ସୁକେଁ ଲୁହିଁ ଜାଏସି । ଇ କାବ୍ୟର୍ ବାହାଦୁରି ଇଟା ଆଏ ଜେ ଇ ଥିଁ ନିନ୍ଦେ ତଲିଆ ଚରିତ୍ରଟେ କାବ୍ୟ-ନାୟିକା ହେବାର୍ ଗୌରବ୍ ପାଇଛେ । ଜେନ୍‌ଥିର୍ ଲାଗିଁ ବଲି କରି ପୁର୍‌ଥିର୍ କେନସି ବି ଭାସା ନ ଲେଖାହେଲା କାବ୍ୟର୍ ଅଙ୍ଗ୍ ଆରୁ ଆତ୍‌ମା ସାଙ୍ଗେଁ ଜୁଲାଲେଁ ବି ଇତାର ଠାନ୍ ଆଗ୍‌ଧାଡି ନ ରହେବା । ସବୁନୁ ଅସଲ୍ କଥା ହେଲା ଇଟା ସିରଜିନା କର୍‌ବାର୍ କାରନ୍ ସର୍‌ସରା ରାଆଁଡି ବୁଢ଼ିଟେ ରୁଝି ସଁପୁଥିବାର୍ ଲାଗି ସେନୁ ତ୍ରାହି ପାଏବାର କଉସଲ୍ ଟେ ହିସାବେଁ ସଲାର୍ ଖିଆଲି କଥାନୁ ଭେନେଇ କବି ଇ କାବ୍ୟଟା ପାନେ ଦେବାର୍ ଘତେ ଲେଖିଥିଲେ । ହେଲେଁ ସେସ୍‌କେ କବିର୍ କାରିଗରିର୍ କମାଲ୍ ଇ କାବ୍ୟକେ ସବ୍‌ସେ ଉଚା ଦର୍‌ଜା ଦେଲା ।

ପଏର୍ଛା ସତି କାବ୍ୟ ଗୁଟେ ସାମାଜିକ୍ କଥାବସ୍ତୁକେ ନେଇକରିଁ ଲେଖା ହେଇଛେ । ଆମର ସମାଜ୍ ଜିବନ୍ ନ ଦେଖାଦେଉଥିବା ପାପ୍ ସମ୍ପର୍କର୍ ପରିଣତି ଆରୁ ତାହିର୍ ଖୁଲାଖୁଲି ଚିତ୍ରକେ ଇଥିଁ ମନୋବୈଗ୍ୟାଁନିକ୍ ଦୃସ୍ଟି ନ ଥୁଆ ଜାଇଛେ । କାବ୍ୟ ନାୟିକା ସାମରତ୍ ହେବାର୍ ପହିଲ୍ ବର୍ସେଁ ଜୁଆନ୍ ପିଲା ଟାକର୍ ସାଙ୍ଗେଁ ଫସି କରି କୁଆଁରି ମାଁ ହଇଥିଲା । ହେଲେଁ ପାପ୍ ଗର୍ଭର୍ ଆଖ୍ୟା ଦେଇକରିଁ ମାଁ ବାପ୍ ତାର୍ ଛୁଆର୍ ଟଁଟି ମାଡ଼ିନେଲେ । ସେ ଜେତେ କାନ୍ଦିଥିଲେଁ ବି ତାର୍ ହାଏଲୁଟି ବାଏଲୁଟି କିହେ ନାଇଁ ସୁନ୍‌ଲେ । ଜାର୍ ଆଡ୍ତୁଁ ଛୁଆ ହେଲା ସେ ମୁନୁସ୍ ଟାକ ବି ତାହାକେ ନାଇଁ ରଖିଲା । ତେତ୍‌କେଁ ତାହାକେ ଭଞ୍ଜାବାର୍ ଉଟ୍‌ଗନେ ଉଲ୍‌ଟିଆ ତାର୍ ବାପ୍ ଟଁକାର୍ ଲୁଭେଁ ଦର୍‌ବୁଢ଼ା ଟାକର୍ ସାଙ୍ଗେଁ ଜବ୍‌ରାନ୍ ତାର୍ ବିହା କରେଇନେଲା । ବଛର୍ ନାଇଁ ପୁରୁନ୍ ପୁରୁନ୍ ସେ ରାଆଁଡି ହେଲା । ହେଲେଁ ବୁଢା ବର୍ ମଲା ବଲିଁ ତାର୍ ଧାଙ୍ଗ୍‌ରି ଦେହେ ରାଆଁଡି ଦୁଖ୍ ସହେବାର୍‌ଟାକେ ନାଇଁ ପସନ୍ଦ୍ କରି ପାରୁଥାଇଁ । ଦିହର୍ ଭୋକ୍ ଆର୍ ମନର୍ ସୋସ୍ ମେଟାବାର୍ ଲାଗିଁ ସେ ଦିନୁ ସେ ବେସୁଏନ୍ ବୁର୍‌ତି କରିଁ ଆଏଲା । 'ପଏର୍ଛା ସତୀ' ନାଁ ପାଇକରିଁ ସରବ୍ ସହନି ମାଁଟେ ଲେଖେଁ ଲୁକ୍‌କର୍ ଟପାଦାଏକା ସବୁ ସହେବାର୍‌କେ ଦେହେ କଲା । ଇନ୍ତା ଦେହେସୁହା ଘଟ୍‌ନା ଟାକେ କାବ୍ୟରୁପ୍ ଦିଆ ହଇଛେ ବଲିଁ 'ପଏର୍ଛା ସତୀ' ବିସ୍ୱ ସାହିତ୍ୟର୍ ଦରଜା ମାଡି ପାର୍‌ବା । ଅଲଂକାର ସାସ୍‌ତ୍ରର୍ ଆଠି ପ୍ରକାରର୍ ନାୟିକା ଠାନୁଁ ପଏରଛା ଭିନେ ହିସାବେଁ ସାବିତ୍ ହଇ ନଅ ନମ୍ବର୍ ନାୟିକା ବନବାର୍ ଗଉରବ୍ ମୁକୁଟ୍ ପିନ୍ଧ୍‌ବା ।

ଇଥିଁ ଜୁଆନ୍ ଟୁକେଲ୍ ଟାକର୍ ରାଆଁଡି ଜିବନର୍ ଉଦୁର୍‌ମାତ୍ କାମ୍‌ନା, ବାସ୍‌ନା ଭିତ୍‌ରେଁ ତାର୍ ମନର୍ କଥା ଗୁଟ୍ ଗୁଟ୍ କରି ଉପ୍‌କିଁ ପଡିଛେ । ଇ ନିଏ ନ କାବ୍ୟର୍ ନାୟିକା ପଏରଛା ସତି ଅଁର୍‌ରା ଚଁଡି ଲେଖେଁ ଅଁର୍‌ରା ଘାଟେଁ ଗୁଧାପୁଧା କର୍‌ସି । ସ୍ୱାଧିନ୍ ନାରି ଲେଖେଁ ବାହାର୍‌କେ ଜିବାର୍ ଉଟ୍‌ଗନେଁ ସଞ୍ଜ୍ ବେଲେଁ ଏକ୍‌ଲା ଧୁବେନ୍ କଁଟା ଜାଏସି । ଅଏନ୍ ସୁନ୍ଦର୍ ପିଲାଟେ ଦେଖିଲେଁ ତାର୍ ସାଙ୍ଗେଁ କଥା ହେବାର୍‌କେ ମଲ୍‌ମଲେଇ ଜାଏସି । ନାଟେ ବାହାର୍‌ଲା ଦୁତର୍ ଚାଖି ଚାହାନି ଦେଖିକରି ତାର୍ ପଛେଁ ଲମି ଜାଏତିଁ ବଲିଁ

ମନ୍ କରସି । ଏନ୍ତା ବତ୍‌ରେଁ ତାର୍ ମନର୍ ଭାସା ଭାବ୍‌ନା ରୁପେଁ ଆରୁ କେତେ କିସ୍‌ମେ ଚିତ୍ରି ହେସି । ରାଧାର୍ କୁସ୍ଣ ମିତାଲ୍ ଜୁଲିଟେ ନୁର୍‌ସି ବଲିଁ ଡଣେ କୁସ୍‌ଟଁ ରାଧାର୍ କୁଞ୍ଜେ ପସ୍‌ବାର୍‌ଟା ସେ ରାତିଁ ସପନ୍ ଦେଖ୍‌ସି । ଦୁରିଆ ଗାଁକେ ହରିହାଟ୍ ଦେଖିଗଲେ ଦିନାଚାରେ ବାସି ସୁଇସି । ଭୁଡ୍‌ଭୁଡିଆ ହଇ ବସ୍‌ଲେଁ ରଥ ଦୁତିଆ ଦେଖିଜାଏସି । ଏକ୍‌ଲିଆ ସୁଇବାର୍ ଲାଗିଁ ସେ କେଭେଁ ସୁଆଡି ନାଇଁ କରେ ତ ତାର୍ ନାରିତ୍ୱକେ ସାମାଜିକ୍ ସ୍ୱିକୃତି ନାଇଁ ମିଲବାର୍ କାରଣ୍ ନୁ ଉଦ୍‌ନିଦିଆ ନାରିର୍ ଆଦର୍ସ ତାହାକେ ନିନ୍ଦେ ଖରାପ୍ ଲାଗ୍‌ସି । ହେଥିର୍ ଲାଗିଁ ଆଦର୍ସ ଠାନୁ ବାସ୍ତବତାକେ ସେ ମରେଅସ୍ ଆଦ୍‌ରି ନେଇଛେ । ତାର୍ କହେଁ-

ନୁହେ ଗୋ ମାଁ ମୁଇଁ ପର୍‌ଦାବାଲି
ନାଇଁ ଜାନେ ଢମି ଗେଲେହି ଚାଲି ।

ଇ ନିଏ ନ ବିଚାର୍ କଲେ ପିଲାକର୍ ହରେକ୍ ରକମର୍ ଚାଖି ଚାହାନି କରି ଖିଆଲ୍ ଖେଚଡ୍ ହେବାର୍‌ଟା କେ ତାର୍ ଜୁଆନ୍ ବଏସର୍ ଉଦୁରମାତ୍ ସଭାବ୍ ବଲାଜାଇପାରବା । ପର୍ ଗାଁ କୁନୁଆଁ ଜିବାର୍ ଉଟ୍‌ଗନେ ମାସ୍ ମାସ୍ ବଡ୍‌ଲୁକିଆ ଘରେଁ ରହେବାର୍‌ଟା ଅବୈଧ ସମ୍ପର୍କ ଲାଗିଁ ବଲିଁ ଜନା ପଡୁଥିଲେ ଭିଲ୍ ସେ ଜୌନ ଖ୍ୟୁଧାଟା ଅପ୍ରିୟ ବାସ୍ତବତା ହିସାବେଁ ଗନାଯିବା । ଏନ୍ତା କି ଜାଣା ଖାଏଲେଁ ବି ବାଁଡି ଲାଗବାର୍‌ଟା ସେ ଦୈହିକ୍ ସମ୍ପର୍କ ରଖୁଥିବାର୍ ସୁରାକ୍ ଦେସି । ପଏରଛା ସତୀର୍ ଭାସା ନ ସେଟା – ‘ପ୍ରେମ୍ ସେବା ଜାର୍ ବାଡି ବୁର୍‌ତି’ ହେସି । ତାହିଁର୍ ଲାଗି ବଡ୍ ଦେଉଳର୍ ଜୁଲି ଜୁଲି ନଙ୍ଗ୍‌ଲା ବୁତ୍‌ଲା ପୁତ୍‌ଲି ବାଗିର୍ ତାର୍ ଜିବନ୍ ଆଏ ବଲିକରିଁ ସେ ସ୍ୱିକାର୍ ବି କରିଛେ ।

ଇ କାବ୍ୟର୍ ଅନ୍ତସ୍ୱର ବିଚିତ୍ର ଆଏ । ଗୁଟେ ଠାନେ ହାସ୍ୟ ଆର୍ କରୁଣ ରସ୍ ମେସିକରି ଏକାସାରି କାବ୍ୟାବେଗ୍ ବଢଉଥିବାର୍‌ଟା କମ୍ କଥା ନୁହେସେ । ମନର୍ ଦରଦ୍‌କେ ଫୁଟାବାର୍‌ଥିଁ ପଏରଛାସତି କାବ୍ୟର୍ ଗୁରୁତ୍ୱ ଆଏଜ୍ ଜାଏକ୍ ପାଠକର୍ ସମ୍ବେଦନାକେ ପୁଂଜି କରିଁ ବଅଁଚି ରହିଛେ । ଇଥିର୍ ଆବେଦନ୍ କେନ୍ତା ଗହରିଆ ଆଏ ତାର୍ ଟିଖିନିଖି ଚର୍‌ଚା ନୁ ଜାନି ହେସି । କାବ୍ୟର୍ ନାୟିକା ଆହା ପଦ୍ ଟିକେ ପାଏବାର୍ ଆସେଁ ତାର୍ ମରମ୍ ଭେଦା କଥା ପୁରୁସ୍ ସମାଜ୍‌କେ ନାଇଁ ସୁନେଇ କରି ନାରି ସମାଜ୍‌କେ ସୁନେଇଛେ ।

ଭାଏଲ୍ ସେ ସମାଜ୍ ପୁରୁସ ପ୍ରଧାନ୍ ସମାଜର୍ ଅନିଏ ଅନିତିର୍ ପ୍ରତିବାଦ୍ କରବାର୍ ଲାଗି ବାହାରିବାରେ ନାରି ଜିବନ୍ ନ ତ ମାତୃତ୍ୱର୍ ବିଲାପ୍ ହୁରୁଦ୍ ଫଟା ଆଏ । ପୋ ଟେ ଥିଲେଁ ଜେତେ ଅସହନ୍ ଦସା ବି ସହିଁନେସି । ନ କୁଆଁରି ବଏସେଁ ପଏରଛାସତିର୍ ପୋ ଟେ ହଇଥିଲେଁ ବି ମାଁ ପଦ୍ ନାଇଁ ସୁନି ପାରିଥିବାର୍ ଲାଗିଁ ତାର୍ ଅନ୍ତର୍ ଭାବ୍ନା ହେଁକେଇ ଉଠ୍ସି । ତାର୍ ଦେହେକେଁ ଦୁର୍ଗା ମେଘିଆ ବିପଦ୍ ବର୍ସା ଅଛ୍ରା ଅଛ୍ରା କରିଁ ବର୍ସି ଆଇଛେ । ହେଲେଁ ପରିସ୍ଥିତିର୍ ମାରେଁ ବୁପ୍ରି ସବୁକେ ଆମ୍ନା ସାମ୍ନା କରିଛେ । ତାର୍ ସେ ଦସା ଲାଗିଁ ତ ଦାଇଦାର୍ ଆନ୍ ଇ ଜାତିର୍ ଲୁକେ । ହେଥିର୍ ଲାଗି ସେ କହିଛେ–

ଜାହା କଲେ ମତେ ସବୁ ସହିଛେଁ<br>
କରମ୍ ଆଦ୍ରିଁ ଜିଇଁ ରହିଛେଁ<br>
ଧରମ୍ ଆଗେଁ ସବୁ କହିଛେଁ<br>
ଜାତିଆ ମାନକର୍ ରିଇତି ନିତି ॥

ଅକ୍‌ବି ସେ ନିଜର୍ କଥା ନାଇଁ କହିଁ । ତାର୍ ସାଙ୍ଗେ ସମାନ୍ ଦୁକ୍ ଭୁଗିଁ ଆଇଥିବା ନାରି ସମାଜ୍ ପର୍ତି ବି ତାର୍ ଧକ୍ ରହିଛେ । ଜହକରିଁ ବାମ୍ହନ୍ ଘରର୍ ବାଲୁତ୍ ରାଆଁଡିର୍ ଅନ୍ତରର୍ କାମ୍ନା ଉପ୍ରେଁ ଦରଦ୍ ରୁକି କରିଁ କହିଛେ–

ପଏତା ପିନ୍ଧା ଝି ନୁହେ ତ<br>
ରହିଗଲେଁ ଭାଏଲ୍ କୁହି ଜାଏତିଁ ।

କବିର୍ ମନ୍ ବିଦ୍ରୋହ କରି ଉଠିଛେ ତଥାକଥିତ୍ ସମାଜ୍ ବ୍ୟବସ୍ଥା ଆର୍ ତାହିଁର୍ ନିଅମ୍ ନିତିକେ ଦେଖିକରି । ହେଥିର୍ ଲାଗି ସେନ୍ତା କାରବାର୍ ଉପ୍ରେଁ ଇ କାବ୍ୟ ଟା କୁଢେର୍ ଚୋଟ୍ ପରଘାଲା ଲେଖେଁ ବିଧାନ୍ ନାଁ ନ କେନ୍‌ସି ପରକାରର୍ ବର୍କସିଁ ବାରନ୍ କରବାର୍‌ଟାକେ ବନେ କରି ପର୍‌ଘେଇଛେ । ଇ କାବ୍ୟର୍ ଘଟନାକ୍ରମ୍ ନୁ ଜନାଜଉଛେ ଜେ ଜାତିଆ ଲୋକ୍‌ମାନେ ନାୟିକାକେ ପଏରଛା ସତି ସଜେଇ କରିଁ ଅକଥନ୍ ଦସା ଦେଇଛନ୍ । ତ ହୁମ୍‌କୁଣ୍‌ଟେ ତାର୍ ଦହନ୍ କଥା କହେଲା ବାଗିର୍ କଥା

କହିଛେ ଇଥିର୍ କାବ୍ୟ ନାୟିକା, ଜେନ୍‌ଟା କି ଅଙ୍ଗ୍‌ରା ବାଗିର୍ ରଟ୍ କରିଛେ ଇ ଜାଏତ୍‌କେ । ହମ୍‌ବଡା ସମାଜ୍ ଉପ୍‌ରେଁ ସାଁପର୍ ଗରଲ୍ ମିତାଲ୍ ରିସ୍‌ମି ଉଁକ୍‌ଲେଇଛେ ସେ, ଜେନ୍‌ଥିଁ କି ଅନ୍‌ମୁନ୍‌ସିଆ ପନ୍ ବିସେଁ ଘାରି ହେଲା ବାଗିର୍ ହେସି । ପଏରଚ୍ଛା ସତିର୍ ସରସ୍ ସୁନ୍ଦର୍ ଜିବନର୍ ଗତି ପରିବର୍ତନ୍ ବେଲ୍‌କେ ପୁରୁସ୍ ଜାତିର୍ ଲେଲିଭାବ୍‌ନି କଦମ୍ ବଢେ ଲାଏଜ୍‌ଲଜ୍‌ନା ଆଏ । ତ ସରଲ୍‌ମନା କୁଆଁରି ଝି ଟାକେ ଅସତି ସଜାବାର୍‌ଥିଁ ଅଁର୍‌ରା ପିଲାମାନକର୍ ବିସାସ୍‌ଘାତି କାରବାରର୍ ହରେକ୍ କଥା କହେବାର୍ ଭିତ୍‌ରେଁ ଭିନ୍ ଭିନ୍ ଉଦାହରଣ୍ ଦେଇକରିଁ ଜୁକ୍‌ତି ଆରୁ ତର୍‌କବାଦି କବି ମାହେଜି ଜାଏତ୍‌କେ ଉଚା ଆସ୍‌ନେ ବସେଇଛନ୍ । ଜେନ୍ତା ଅର୍‌କଲେଁ ପଡ଼ିକରିଁ ମାହେଜି ଟୁକେଲ୍‌ମାନେ ଦସା ଭୁଗସନ୍ ତାକର୍ ଠାନେ ଅଁର୍‌ରା ମାନେ ଥିଲେଁ ଘଲେ ସେନ୍ତା ହେଇଥିତେ ବଲିଁ କବି ଜୋର୍ ଦେଇଛନ୍ । ଥରେ ହାତେଁ ଝନେକେ ପଏରଚ୍ଛା ସତୀ ବନେ ବନେ ହଇଛ କାଏଁ ବଲିଁ ପଚ୍‌ରେଇ ନେଇଥିଲା ଜେ ଜାତିର୍ ଲୁକେ ତାହାକେ ଅବ୍‌ଦି କରି ଅଡ୍‌ଗି ନେଇଛନ୍ । ଇ ଛାର୍ ଛିକିର୍ କଥାର୍ ଲାଗିଁ ତାହାକେ ଦିଆ ଜାଇଥିବା ମାନସିକ୍ ଆଘାତ୍‌କେ ନେଇକରି ସେ ବକ୍‌ତିଛେ–

ଜାଏତ୍ ଗଲା ମୋର୍ କିଏ ଦେଖିଛେ
ଇ ଜୁଗର୍ ଜାଏତ୍ କିଏ ରଖିଛେ ?

ଧରମ୍ ଧଜା ଧରିଥିବା ଲୋକମାନଙ୍କୁଁ ତାକର୍ ଅନ୍ଧା କରମ୍ ଲାଗିଁ ସେ ଖୁଲମ୍‌ଖୁଲା ଜେନ୍ କଏଫତ୍ ମାଗିଛେ ତାହିର ଜବାବ୍ ଇ ସମାଜ୍ ଏବତକ୍ ଦେଇ ନୁହେପାରେ କି ନାଇଁପାରେ ବି । ହେଥିର୍ ଲାଗିଁ ଦେସ୍ ସ୍ୱାଧିନ୍ ହଇ ଆଏବାର୍ ରଜ୍ ସମିଆକେ ଲେଖାହେଲା ଇ କାବ୍ୟର୍ ଭାଉ ଆଏଜ୍ ଘଲେ ଅଛେ । ତ ବୁଢା ବର୍ ମଲା କି ପଏରଚ୍ଛା ସତି ତାର୍ ଲାକ୍‌ଚୁରି ନାଇଁ ଭାଙ୍ଗ୍‌ବାର୍ କଏଫତ୍ ଦେବାର୍‌କେ ଜାଇ କରିଁ ବାମହନ୍ ସମାଜର୍ ସାମାଜିକ୍ ଆଚାର୍‌କେ ଉଘେଇଛେ । ବାଲୁତ୍ ରାଆଁଡିଟେ ଦୁହୁରି ବିହା ହେବାର୍‌ଟା କି କାର୍ ଠାନେ ଟିକେ ଖିଆଲ୍ ମସକୁଲ୍ ହେବାର୍ ଉପ୍‌ରେଁ କେତେ ବାରନ୍ ରହିଛେ । ହେଲେଁ ପୁରୁସ୍‌ଟେ ବୁଢା ବଏସେଁ ବି ଧାଙ୍ଗ୍‌ରି ଟୁକେଲ୍ ଟାକେ ଫେର୍ ବିହା ହେବାର୍‌ଟା ସାସ୍ତର୍ ନ ଜେନ୍ ବେବସ୍ତା କରା ଜାଇଛେ ହେଁ ମନ୍‌ମାନା ନିତି ନିଅମ୍‌କେ

ସେ ଆଙ୍ଗୁଟ୍ ଲମେଇଛେ । ଇଥିର୍ ନ୍ୟାୟିକ୍ ସମାଧାନ୍ ଲାଗିଁ ସେ ଜୁକ୍ତି ନୁରିଛେ । ଏନ୍ତା କି ଜାତିଆ ଲୁକର୍ ଉପ୍‌ରିଆ ବାଏଚ୍ ବିଚାର୍‌କେ ଚର୍‌ଡାଙ୍ଗ୍ ଥିଁ ଟୁଇଁଲା ବାଗିର୍ ଦାଗିଛେ । ଜହକରିଁ ପୁରୁସ୍ କେନ୍ଦ୍ରିତ୍ ସୁବିଧାବାଦି ନିଅମ୍ ସୁକୃତ୍ ନାରି ସମାଜର୍ ଅନିଏ କରୁଥିବାର୍‌ଟା ନିଘା କରିଁ ତାହିର୍ ନିତିସାସ୍ତର୍ 'ମନୁସ୍ମୃତି'କେ ବି ସେ ନାଇଁ ଛାଡିଁ । ଟାଁଚି କରିଁ କହିଛେ-

ଜାତିଆ କୁଲର୍ ଭାଏ ବାପ୍
ଜାହା କଲେଁ ଭି ସବୁ ମାପ୍
ମାହେଜି-ଚୁନା, ଅଁର୍‌ରା-ସୁନା
କହିଛେ ପରେ 'ମନ୍-ସୁର୍‌ତି' ।

ଇ ସାଙ୍ଗେ ଧରମ୍ ନାଁ ନ ଅଧର୍‌ମିଆଁ ଲଟର୍‌ପଟର୍ କାମ୍ କଲା ଲୋକ୍‌କେ ସେ ଅବ୍‌ଦିଛେ-

ଉସୋ ଖାଇ ଝନେ ପେଟ୍ ଭାଙ୍ଗ୍‌ତା
ଆର୍ ଝନେକେ ବନେ ଲାଗ୍‌ତା
ଚିତା କାଟି ଗିଆନ୍ କାଢୁଥିତା ସେ
ଧରି ଭାଗବତ୍ ପୁରାନ୍ ପୁଥି ।

ତଥାକଥିତ୍ ଭଦ୍ର ଲୋକମାନକର୍ ଭିତର୍ ବାହାର୍ ଅଲ୍‌ଗା ରହୁଥିବାର୍ ନିତିକେ ସେ ଡାଁଟିଛେ-

ଭେକ୍ ଦେଖା ଜେତେ ଗିଆନି ସାଧୁ
ସୁଆ ବନିଛନ୍ ଗିଧା, ବାନ୍ଦୁ
ମୁହେଁ ହରେ ରାମ୍, ରାଧେ ସ୍ୟାମ୍
ପେଟେଁ କୁହୁଛେ ସୁଖୁଆ କାତି ॥

ଆଧୁନିକ୍ ବାସ୍ତବତାକେ ଦେଖେଇ କରିଁ ଲୁକ୍‌କୁଁ ସଚେତନ୍ କରବାର୍‌ଟା ପଏର୍‌ଛା ସତି କାବ୍ୟର୍ ନିଦାନ୍ ଦିଗ୍ ଆଏ । ଇ ସମାଜର୍ କେତେ ଅସଲ୍ ଚିତ୍ର ଖୋଲ୍ ଭିତ୍‌ରେଁ ରହିଥିସି ଜେନ୍ତା । ହେଥିର୍ ଲାଗିଁ ସତ୍‌କଥା ଭଟାକେ ନାଇଁ ଦିସେ । ସିନାମାର୍ ବଡ୍‌ଭାଗି ନାୟିକା ଜେନ୍ତା ପାପ୍ ବୁର୍‌ତି କରସନ୍ ସେମାନ୍‌କୁ ଚାହେଁଲେଁ ପଏର୍‌ଛାସତିର୍ ଠାନ୍ ତ ବନିହାଁ ତଲ୍‌କେ । ତବି ସେମାନେ ସହରର୍

ବିଲାତି କୁତି ଲେଖେଁ ଲୁକ୍‌କର୍ ଆଦର୍ ପାଉଛନ୍, ଉଚା ଆସ୍‌ନେ ବସୁଛନ୍ । ତାକର୍ ପୁହୁର୍ ଦିଗ୍‌କେ କାହାରିର୍ ନିଘା ନାଇଁ ପଡେ । ସଭେ ଲୁକେଇଥିସନ୍ ବଲିଁ ତିନେ ଧରା ନାଇଁ ପଡନ୍ । ହେଲେଁ ଦହଦହ ଦେଖେଇ ନେଲେଁ ସେଟା ଜେ କେତେ ପରପଁଚ୍ ଆଏ ଭାସା ଥିଁ କହି ନାଇଁହେତା । ନଗ୍ନତାକେ ସଭେ ଜାନିସୁନି କରିଁ ତାର୍ ମଜା ମାରୁଛନ୍ ତିନେ ତାହିର୍ ପରତିକାର୍ ବାଟ୍ କିହେ ନାଇଁ ନୁରବାର୍ । ଇ ରକମ୍‌ିଆ ଥିତି ନ ପଏରଛାସତି ବି ତାର୍ ବୁର୍‌ତି ଲାଗିଁ ନିଜ୍‌କେ ନିହୁନ୍ ନାଇଁ ଭାବିକରି ନିଜର୍ ବଢିଆ ପଏଚାନ୍‌ଟେ ଦେଇ କହିଛେ-

ମୋର୍ ବାଗିର୍ ତ କେତେ ପୁତ୍‌ଲି
ବଡ୍ ଦେଉଲେଁ ଜୁଲିକେ ଜୁଲି
ଠାନ୍ ପାଇଛନ୍ ଲୋକ୍ ଦେଖୁଛନ୍
ନାଇଁ ଦେଲେଁ ହେଲେଁ ପୁଜା ଆଲ୍‌ତି ।

ଇନ କବିର୍ କାବ୍ୟ କୌସଲର୍ ଜୁଉଡେ ସୁରାକ୍ ମିଲ୍‌ସି । ଗୁଟେ ହେଲା ନିଜର୍ ଖୁନା ଦିଗ୍‌କେ ଦେଖାବାର୍ ଭିତ୍‌ରେଁ ସମାଜର୍ ସେନ୍ତା ଚରିତ୍ରମାନକର୍ ଲାଗିଁ ଦରଦ୍ ଠୁଲାବାର, ସେଥିର୍ କର୍‌ତାମାନ୍‌କୁଁ ସାବାଡ୍ କରବାର୍ କି ତାକର୍ ଚରିତ୍ର ସଂହାର୍ କରିଁ ସଂସ୍କାର ଆନବାର୍ । ଆରୁ ଆର ଟା ହେଲା ସତ୍ ଆରୁ ଧର୍ମର୍ ଅସଲ୍ ରୁପକେ ଜାନ୍‌କାରି ଦେବାର୍‌କେ ଲୁକ୍‌କୁଁ ପଏରଛା ଫଟିକ୍ କରିଁ ବୁଝାବାର୍‌ଟା । କବିର୍ କହତିକେ-

ସତ୍ କଥା ଜିଏ କହି ନାଇଁପାରେ
ସତ୍ କଥାକେ ସହି ନାଇଁପାରେ
ହେନ୍ତା ନିଲଜ୍ ପାପି ମାନକର୍
କପିଲ୍ ଧାରେଁ ପାପ୍ ଛଡାତିଁ ।

କାବ୍ୟର୍ ଇ ସେସ୍ ପଦ୍‌କେଁ ସତର୍ ଗୁରୁତ୍ୱକେ ନେଇକରି କବିର୍ ଠୋସ୍ କଥାଟା ତାକର୍ ସଂସ୍କାର୍ ପ୍ରୟାସ୍‌କେ ଜହ ବରକସ୍ କରିଛେ । ଏନ୍ତା କି ଜାଣା କଲେଁ ବି ଚାର୍‌ହି ଖୁନ୍ ମାପ୍ ବଲିଁ ପୁରୁସ୍ ଜାଏତ୍‌କେ ୪୮ ପଦ୍ ନୁ ସେସ୍‌ତକ୍ ପଦ୍ ପରଘା ହେଇଛେ । ଜେନ୍ତା କି-

ଜାତିଆ ଧରମେ ମାହେଜି ଦାସି
ରାନ୍ଧ୍‌ବା ତପ୍‌ଲା ଖାଏବା ବାସି

ଅଁର୍‌ରା ବାବୁକେ ନାଇଁନ ଫାସି
କରୁ ଦାରି ଚୁରି ଡଅକାଇତି ।

ନାୟିକାର୍ ଚୁଣେ ସହେ ମୁହାଁ ହଇଁ କବି ମାହେଜି ଜାତିର୍ ଜେଜେକାର୍ କରେଇଛନ୍ । ଗର୍ଭେ ଥିଲା ଦିନୁ ଜନମ୍ ହଇ ବଡ୍ ହେବାର୍ ତକ୍ ପୋ'କେ ଜତ୍‌ନେଇ ଆଇଥିବା ମାଁ ସେସ୍‌କେ ତାର୍ ପୋ 'ବୁଆର୍ ପୋ' ବଲିଁ ଲୁକେ ଚିନ୍‌ହେଇ ହେବାର୍‌ଥିଁ ମାଁର୍ ମନ୍ କମ୍ କର୍‌ତିଁ ନାଇଁ ହଏ । ଫେର୍ ବି ପୋ-ଘଏତାର୍ ସେବାକେ ବରତ୍ କରିଥିସି । ଏନ୍ତା କି ତାର୍ ଦିନ୍ କାଲ୍ ବି ସେଥିଁ ଗୁଏଁଇନେସି । ତବି ସେଥିକେ କାହାରିର୍ ଆଏଁଖ୍ ନାଇଁ ପଡେ ବଲିଁ ତାହିର୍ ମୁଲ୍ ନାଇଁ ମିଲେ । ଏନ୍ତା କେତେ ଜୁକ୍‌ତି ଆର୍ ତର୍‌କକେ ଉଧା କରି କବି ମାହେଜି ଜାତିର୍ ପଟିଆ ହଏତେଲ୍ ସୁନେଇ ନେଇଛନ୍ ଜେ ମାତୃ ଜାତିର୍ ମାନ୍ ମହତ୍ ଇ ସମାଜର୍, ଇ ଜାତିର୍ ମାନ୍ ମହତ୍ । ଇମାନକର୍ ଉନ୍ନତି ନାଇଁ ହେଲେଁ ଆମର୍ ସମାଜର୍ ଭଲ୍‌ଗତି କେବେଁ ବି ନାଇଁ ହୁଏ । ତ ନାରି ପୁରୁସ୍ ଭିତ୍‌ରେଁ ଭେଦ୍‌ଭାବ୍ ନାଇଁଥିଲା ନିତି ନିଅମ୍ ବନେଇ କରିଁ ସଂସ୍କାର୍ ହେଲା ଗୁଟେ ନୁଆଁ ସମାଜର୍ ସପନ୍ କବି ଖଗେସର୍‌କେ ମାତ୍ ଧରେଇ ନେଇଛେ ।

ପଏର୍‌ଛା ସତୀର୍ ଭାସା ଆର୍ ସଏଲି ସମ୍ପାଦନା ବି ବଡା ଜୋରଦାର୍ ହେଇଛେ । ସଙ୍ଗିତ୍ ଧରମ୍‌କେ ନେଇ ବିଚାର୍ କଲେଁ ଇ କାବ୍ୟଟା ଗାଏବାର୍ ସୁରେଁ ଲେଖାଜାଇଛେ । କବିର୍ ବତାବାର୍ ହିସାବେଁ ଇଟା କର୍‌ମା ସୁରର୍ ଗିତ୍ ଆଏ । କାବ୍ୟଟା ନିନ୍ଦେ ସୁରୁଟେ ଆଏ । ଅକ୍‌ବି ପନ୍ଦର ପୃସ୍ଥାର୍ ଲେଖାଥିଁ ସତୁର୍‌ଟା ପଦ୍‌କେ ନେଇକରିଁ ଇତାର୍ କଲେବର୍ ଆଏ । ଆତ୍ମକଥନ୍ ଭିତ୍‌ରେ ନୁଆଁଟି ସଏଲିଟେ ବେଭାର୍ କରି ପଏର୍‌ଛାସତି ନିଜର୍ ଜିବନର୍ ସତ୍ ଘଟ୍‌ନା ସବୁ ହୁରୁଦ୍ ଖୁଲି କରି ଏକେସ୍‌କଁଟି ବକି ବସିଛେ । ଇ ସମାଜ୍ ଜିବନ୍ ନ ତାର୍ ଉପ୍‌ରେଁ ଘଟି ଜାଇଥିବା ଅସହନ୍ ମରମ୍ ଭେଦା କଥା ଗୁଟ୍‌ଗୁଟ୍ କରି ଛିର୍‌କେ ଛିର୍ ଏତ୍‌କିରି ଭେଦିଛେ ଜେ ସେଟା ଦେଖିଲା ସୁନ୍‌ଲା ବାଗିର୍ କବିର୍ ବାସ୍ତବ୍‌ବାଦି କର୍‌ନି ଚିତ୍‌ରି ପକେଇଛେ । ସେ ସାଙ୍ଗେଁ ସ୍ମୃତି ଚାରଣ୍ ପ୍ରକ୍ରିୟା ନ ସାମାଜିକ୍ ଆରୁ ସାଂସ୍କୃତିର୍ ଦିଗ୍ ଉପ୍‌ରେଁ ତାର୍ ମତାମତ୍ କବି

ଚାତୁରିର୍ ପରିକଲ୍ପନା ବଲା ଜାଇପାରେ । ଖଗେସର ସେଠକର ଅପ୍ରିୟ କଥା ସତ୍ ସତ୍ କହେବାର୍ ଇ ତରିକାଟା ତାକର୍ ନୁଆଁଟି ସିର୍‌ଜିନା ଆଏ ।

ପଏର୍‌ଛାସତିକେ ଲୁକେ ବାଂଝେନ୍, ଛାର୍‌ରି, ଘଏତାଖାଇ, ନଟି ଆର୍ ବିଛାତି ବଲବାର୍ ଉପ୍‌ରେଁ ପହେଲା ପଦ୍ ନ ନିଜର୍ ମୁହେଁ ସେ ଜେନ୍ ପ୍ରତିକ୍ରିୟା ଜନେଇଛେ ସେନୁ କାବ୍ୟର୍ କଥାବସ୍ତୁ ମୁଲ୍ ହେଇଛେ । ଦିହର୍ ଇଜତ୍ ନାଇଁଥିଲେ ବି ନିର୍ମଲ୍‌ମନା ଆଏ ପଏର୍‌ଛାସତି । ବିସାସ୍‌ଘାତି ପ୍ରେମିକ ଟାକ ତାହାକେ ନାଇଁ ରଖିଲା କି ସ୍ୱାଭିମାନ୍‌କେ ଆଁଚ୍ ଆଏଲା ବଲିଁ ପଏସାମୁଡି ପସ୍‌ଲା ବାଗିର୍ ସେ ବରକସିଁ ତାର୍ ଘର୍‌କେଁ ନାଇଁ ଢୁକି ଜାଇଁ । ଉଚା ମନର୍ ଏନ୍ତା ଚରିତ୍ର ଟାକର୍ ଆଭାକେ ଫୁଟାବାର୍‌କେ ଜାଇକରି କବି ଖଗେସରକର୍ କାବ୍ୟବିଭା କାଲ୍ କାଲ୍ ତକ୍ ତାର୍ ତେଜ୍ ଆଉଛେ । ଜେନ୍‌ମାନେ ଇ କାବ୍ୟକେ ଭଣ୍ ଭେସଡ୍ କଥା କହିଛେ ବଲିଁ କହିକରିଁ ନାକ୍ ଡିଆଁସନ୍ ଇଥିର୍ ବନେ ଭିତର୍‌କେ ଗମ୍‌ଲେ ସେମାନେ ବି ସ୍ୱିକାର୍ କର୍‌ବେ ଜେ କବି ବାସ୍ତବ୍ କଥାକେ ଗହରେଇ କରି ଦେଖିଛନ୍ । ଏନ୍ତା କି ସମାଜ୍ ଜାହାକେ ଅସତି ବଲିଛେ କବି ତାହାକେ ବେସକ୍ ସତି ଆଏ ବଲିଁ ଉଆଜିବ୍ ପ୍ରମାଣ୍ ସହେତେ ଜେନ୍ତାକି ଛାତି ପିଟି କରି ବୟାନ୍ ଦେଇଛନ୍ ।

ଗୁଟେ ସଫଲ୍ ବ୍ୟଙ୍ଗ କାବ୍ୟ ହିସାବେଁ ଇଥିଁ ବିର୍‌ଝାବାର୍ ଢଙ୍ଗ୍ ଗଢା ସୁରୁତ୍ ଲାଗ୍‌ସି । ପୁରୁସ୍‌ମାନେ ଜେନ୍ତା ନିଜେଁ ନିଜର୍ ପଟିଆ ନିଅମ୍ ବନେଇଛନ୍ ନାରିମାନେ ଘଲେ ସେନ୍ତା ତାକର୍ ପଟିଆ ନିଅମ୍ ବନେଇ ପାର୍‌ଲେଁ ପୁରୁସ୍ ମାନ୍‌କୁଁ କେନ୍ତା ଲାଗ୍‌ତା ସେଟା ଜନାବାର୍‌କେ ଜାଇକରି କୁହା ଜାଇଛେ-

ଛାଡି ନେତେ ସେ ଅରନ୍ ପାଏନ୍  
ବିନ୍ ଗର୍‌ଭେଁ ହେତେ ପିଲାତି ।

କବିର୍ ସବ୍‌ଦ ଚାତୁରି ବତର୍ ଛତର୍ ଜାନି ଏନ୍ତା ସଙ୍ଗେଁ ଉପମା ଆର୍ ଜମକ୍ ଅଲଙ୍କାର୍‌ଥିଁ କାବ୍ୟ ନାୟିକାକେ ଜେ ସେଟା ବଢା ତାଲି ଆଧିକ୍ ଲାଗ୍‌ସି । ଇ ତଲର୍ ଜମକ୍ ଅଲଂକାର୍ ନୁ ତାହିର୍ ନମୁନା ମିଲ୍‌ସି-

ଅଁର୍‌ରେ ଜଦି ହେଲେ ସୁନା  
ସୁନାରି ହେତେ ସୁ-ନାରି ସିନା

ପୁଡ଼ାବେ ବୁଡ଼ାବେ, ବିକ୍ରି ଗଲେଁ
ତଉଲି ନେବେ ମସା ରତି ।

ଇଟା ଏନ୍ତା ଗୁଟେ ଉଜନଦାର୍ କାବ୍ୟ ଆଏ ଜାହିଁ ରସ, ରିତି, ଗୁଣ, ଧ୍ୱନି ଆର୍ ବକ୍ରୋକ୍ତି ଏକ୍‌ସି ବାଏସି ଲେଖେଁ ବତ୍‌ରେଁ ବତ୍‌ରେଁ ବେଭାର ହେଇଛେ । ଇ କାବ୍ୟ ନ 'ବକ୍ରୋକ୍ତି କାବ୍ୟ ଜୀବିତମ୍' କହେବାର୍ ଠାସ୍ କେର୍‌ଫେଲିଆ କରି ସଜା ହେଇଛେ । ତ ଠାନେ ଠାନ୍‌ଖେ ଧ୍ୱନିର୍ ବେଭାର କାବ୍ୟର୍ ଆତ୍ମାର୍ ଲେଖେଁ ରହିଥିବାର୍ ଲାଗି ସେଟା ଅନୁଭବ୍ କରିପାର୍‌ଲେଁ, ତାହିଁର୍ ଗହିରିଆ ଭାବେଁ ଗମି ପାରବାର୍ ସାଂଗେ କାବ୍ୟାନନ୍ଦ ପାଇପାର୍‌ସି ରସିଆ ପାଠକ୍ । ପଏରଛା ସତି ଜେତେବେଲେଁ ବାମହନ୍ ଜାତିର୍ ବାଲ୍ ବିଧବା ମାନକର୍ ଉପ୍‌ରେଁ ଲଦା ହଉଥିବା ନିଅମର୍ କଡ଼ା ଅନୁସାସନ୍ ଆର୍ ବାପ୍ ବଏସିଆ ବାମହନ୍ ଲୋକମାନକର୍‌ନୁ ଧାଙ୍ଗରି ଟାକେ ବି ବିହା ହଇପାରବାର୍ ବୈଧତାକେ ଆହ୍ୱାନ କରିଛେ ବକ୍ରୋକ୍ତିର ସଫଲ ରୁପକାର୍ କବି ନାୟିକାର୍ ମୁହେଁ କହିଛନ୍-

ବାଲୁତ ରାଆଁଡ଼ି ପାପର ଡରେଁ
ସଁଚି ଜଉଥିବା ବାପର ଘରେଁ
ଟଁଟି ଭିଜାଲେ ଝିଇକେ ପାପ୍
ବାପ୍ ଚାଖୁଥିବା ନାରଙ୍ଗି ଲେଡି ।

ଠିକ୍ ସେନ୍‌ତା ଧ୍ୱନିର୍ ମଂଜକେ ବେଉଁତ୍ କରି ଥୁଆସଂଗା କରାଯାଇଥିବାର୍ କଥା ଇଥି ପଦ୍‌ମାନ୍‌କୁ ବାଆରି ହେଇ ପଡ଼୍‌ସି । ପଏର୍ଛା ସତୀ ବୁଢ଼ା ବର୍‌କେ ବିହା ହେବାର୍ ବଛ୍‌ରେ ନାଇଁ ପୁରୁନ୍ ପୁରୁନ୍ ରାଆଁଡ଼ି ଦସା ପାଏବାର୍ ଏଡ୍‌କି ବଡ୍ କଥାକେ ଉପ୍‌ରିଆ ନାଇଁ ଜନେଇ କରିଁ ହେଁ ଭାବ୍‌କେ 'ବନ୍ଦ୍‌ନା ଲୁଗାଥିଁ କନ୍ଦ୍‌ନା ଲାଗ୍‌ଲା' ବାଗିର୍ ଗୁଟେ ସୁରୁ ବାକ୍ୟ ଭିତ୍‌ରେଁ ଅଭିବ୍ୟଞ୍ଜିତ୍ କରେଇଛନ୍ ।

ତ ଇ ହିସାବେଁ ଇ କାବ୍ୟ ନ ଇଥିର ପଦମାନକେଁ ଥୁରେ କଥା ଥି ଜହ ଭାବ୍ ଥିଲା ସବଦ୍ ଭିତରେଁ ନିନ୍ଦେ ଗହନ୍ କଥା ଗୁରଦୁ କହେବାର୍ ସାଙ୍ଗେ ଚରିତ୍ର ଚିତ୍ରଣର ନୁଆଁଟି କୌସଲଟେ ନିଆଜାଇଛେ, ଉପସ୍ଥାପନ୍ ରିତି ନ

ଚମତକାର୍ ଭରା ହଇଛେ ଘଟନା ସବୁର୍ ବଢିଆ ସନାଘଟା କରାହଇଛେ ଆର୍ ତାର୍ ଭାବ, ଆବେଗ୍ ଆରୁ ଆବେଦନର୍ ତାକତ୍‌କେ ବି ଦେଖା ହଇଛେ ସେଟା ବିଚାର କଲେ କାବ୍ୟର୍ ଗୁନ 'ପଏରଛା ସତି' ନ ରହିଛେ ବଲିଁ ଜନା ଜାଏସି ।

ସେସ୍‌କେ ଜୋର୍ ଦେଇକରି ଏତ୍‌କି କହିହେବା ଯେ  ବୌଦ୍ଧିକ୍ ବିଚାର୍ ଲାଗିଁ ହିଁ ସମର୍ପିତ୍ ସେଠ୍ ସାହିତ୍ୟ । କବି ଜିବନ୍ ନ ଘଟୁଥିବା ଘଟ୍‌ନା ହଉ କି ସେଭର୍ ପରିବେସ୍ କି ପରିସ୍ଥିତି ପ୍ରତି କବି ମନର୍ ଉଦ୍‌ଗୁରାଲା ଭାବ୍ ହଉ, ସବୁ ନ ଖଗେସ୍ୱରକର୍ ଗହରିଆ ଅନୁସିଲନର୍ ସୋର୍ ହିଁ ରାଜ୍ କରିଛେ, ତାର୍ ସାଙ୍ଗେଁ ତେଜ୍ ଆର୍ ଚମକ୍‌ଦାର୍ ବନିଛେ । କାହିଁ ବି ଉପର୍ ଠାଉରିଆ (ବିହଙ୍ଗାବଲୋକନ୍) ନୁହେ, ଫିଁ ଠାନେ ଗହରିଆ ନଜର୍ (ସିଂହାବଲୋକନ୍) କେ ହି ଜୋର୍ ଦେଇକରିଁ ମନନ୍ ଆର୍ ଚିନ୍ତନ୍ ଭିତ୍‌ରେଁ ଚର୍ଚିତ୍ ହେଇଛେ ତାକର୍ ସୁରୁସ୍ଟି । ତଥାକଥିତ୍ ବୌଦ୍ଧିକତା ବଦ୍‌ଲା ଦରଦ୍ ବତର୍‌ର ସମତା ସନ୍ଦେସ୍‌ଥିଁ ବର୍‌କସ୍ ତାକର୍ ସାହିତ୍ୟ ସଂଭାର୍ । ହେଁ ଚିରନ୍ତନ୍ ସତର୍ ସାରସ୍ୱତ୍ ସାଧକ୍‌କେ ଆମର୍ ସହେ ସଲାମ୍ ! !

*ନୁଆଁପାଲି, ଭେଡେନ*
*ଜି.ବରଗଡ଼*
*ମୋ-୮୦୧୮୦୪୯୧୨୩*

# ‘ପଏର୍ଛା ସତୀ’ର୍ କବି ଖଗେଶ୍ୱର

*ଡ. ବବ୍ରୁବାହନ ମହାପାତ୍ର*



କବି ଖଗେଶ୍ୱର ଶେଠ୍ ଉଡ଼ିଆ ଆର ସମ୍ବଲପୁରୀ ଭାଷାର ବର୍କସ ସାହିତ୍ୟିକ । ତାଙ୍କର ଲେଖା ସମାଜକେ ସୁଧରାବା ଲାଗି କେତନିକେତେ ଉପାଦେୟ ଆଏ । ବହୁତ୍ ଲେଖା ଭିତରେ ତାଙ୍କର ‘ପଏର୍ଛା ସତୀ’ ଗୁଟେ ଦମଦାର ରଚନା । ଇତାକେ କବି ପହେଲା ଉଡ଼ିଆଥିନ ଆର୍ ପଛେ ସମଲ୍‌ପୁରୀ ଥିଁ ଲେଖିକରି କବି ଚର୍ଚ୍ଚିତ ହଇଛନ । ଗୁଟେ ନାରୀ ଜୀବନ ସାରା ଯାହା ବି ଅସାମାଜିକ କାମ କରିଥିଲେ ଭିଲ ସେଟାକେ ଖୁଲମଖୁଲା ସିଉକାର କାରବାରଟା ବଡ଼େଟେ କଥା ଆଏ । ଆମେ ସଭେ ନିଜର ବାହାଦୂରୀ ମାର୍ସୁ ସିନେ, ନିଜର ଭୁଲକେ ସହଜେ ନାଇଁ ପରକାଶ କରୁଁ । ପାପ ଆର୍ ପୁଇଁନର ଇ ସଂସାରଥି ଆମେ ସଭେ ଘାଁଟି ହେବାରଟା ଶତକଡା ଶହେ ସତ୍ ଆଏ । ମାତର୍‌କ ଆମେ କିହେ ବି ମୁଇଁ ପାପି ଆଏଁ କି ଦୁସି ଆଏଁ ବଲି କହେସୁଁ ଭାଏଲ୍ ? ଉଲ୍ଟିଆ ଦୁସ ଗୁନାକେ ଢ଼ାପି ନେଇକରି ମୂଇଁ ନିର୍ଦୁସି ବଲିଁ ଢୋଲ ପିଟସୁ । ଇ ସମାଜ୍ ନୁ କିହେ ଖା ି ସୁନା ନୁହେ ଆନ । Mark Twain

କହିଛନ୍ _ Every one is a moon and has a dark side,which he never shows to anybody. ମାନେ ଆମେ ସଭେ ଗୁଟେ ଗୁଟେ ଜନ୍ ଆଉଁ, ଯାର ଧଳା ସଙ୍ଗେ କଳା ପଖ ବି ଅଛେ । ହେଲେ ମୁନସ ତାର କଳା ପଖକେ କାହାକେ ନାଇ ଦେଖେ । ଇଟା ବିଲକୁଲ ସତ୍ ନୁହେଁ ବଲିଁ କିଏ ଛାତି ନ ହାତ ଦେଇ କରି କହି ପାର୍ବା ଭାଏଲ ?

‘ପଏର୍ଛା ସତୀ’ ନ ନାୟିକା ଲେକିନ୍ ସତ୍ କହେବାର୍‌କେ ରଁଚେ ନାଇଁ ଡରି । ସେ ଧାଂଗ୍ରି କେତେ ବଜାର ବୁଲି, ବାର ଘାଟ ର ପାଏନ ପି ଆଏ, ସେଟା ତ ବୁଲି ବୁଲି କହିଛେ । ଅନିତି, ଅନ୍ୟାୟ, ଅପକରମ୍ କରି ଏନ୍ତା ସିଉକାର କାରବାରଟା ତାର ସତୀ ପନ୍ କେ ସୁଚଉଛେ । ଆମର ଶାସ୍ତ୍ର, ପୁରାଣ ଜେନ ନିଷ୍ଠା, ପତିବରତା, ସଦାଚାରକେ ନେଇକରି ସତିତ୍ୱର୍ କଥା କହିଛେ, ସେଟାଗୁଟେ ଅଲଗ କଥା ଆଏ । ଗଙ୍ଗାଧର ତାଙ୍କର ‘ପଦ୍ମିନୀ’ କାବ୍ୟ ନ କହିଛନ -

ପତିର ଚରଣ ସତୀ ଜୀବନର ଭେଳା
ତାହା ଘେନି ଭାବ ପୁଣ୍ୟ ଜଳେ ତାର ଖେଳା
ନ ବାଂଛଇ ସତୀ ସ୍ୱର୍ଗ ନ ଲୋଡେ ରତନ
ସକଳ ସମ୍ପଦ ପତି ପଦେ ତା ଯତନ ।

ସଚ୍ଚା ଭାବେ ପତିବରତା ଧରମ ନିଭାଲେ ଜାକିର ଗୁଟେ ନାରୀ କେ ସତୀ କୁହା ଯିବା । ହେଲେ ଖଗେଶ୍ୱର ସତ୍ କହୁଥିବା ଆର୍ ଯାହା ଠିକ ଭୁଲ୍ କରିଥିଲେ ବି ପବିତର ହଉ କି ନାଇଁ ହଉ ତାହାକେ ସମ୍‌କିରିର ଆଗେ ନାଇଁ ଠକି କରି ମାନିଯିବାର୍‌ଟାକେ ସତୀର ଲଏଖନ୍ ବଲି ବିଚାର କରିଛନ । ହେଥିର ଲାଗି ଇ କାବ୍ୟର ନାୟିକା ପଏର୍ଛା ସତୀ ଆଏ । ଇତାର ସଙ୍ଗେ ଆମର ସମାଜର ବଡ ପଣ୍ଡା ମାନକର ଉଲ୍‌ଟା ଆଚରନ ଆଉ ଖୁକ୍‌ଲାପନ୍‌କେ ବି ଦେଖେଇ ଦେଇଛନ । ତାକର ଭାଷା ନୁ:

ଭେକ୍ ଦେଖା ଯେତେ ଗିଆନି ସାଧୁ
ଶୁଆ ବନିଛନ ପେଚା ବାନ୍ଧୁ
ମୁହେଁ ହରେରାମ ରାଧେ ଶ୍ୟାମ
ପେଟେ କୁହୁଛେ ଶୁଖୁଆ କାତି ।

ଇଟା ତ ଆଜିର ଦୁନିଆଁ, ଯେନୁ ମୁନୁସ କହେସି ଭଲ କଥା ଆର୍ କର୍‌ସି ଯାବର୍‌ଜାତ ଖରାପ କାମ ।

ପଏର୍ଚ୍ଛା ସତୀ କାହାର ଦ୍ୱାରା ଅଚଲ୍‌ନୀ ହେଇଛେ କି ?

ଆମର ସତିଆ ବଲଉଥିବା ମୁନୁସ ଦ୍ୱାରା ତ ? ତାହେଲେନ ଲୋକକେ ସହେଖୁନ ମାପ, ଆର୍ ନାରୀ କଲେ ପାପ୍ ଇଟା କେନ୍ ପର୍‌କାରର୍ ନୀତି ଆଏ ?

ଇ ସବୁ କଥା କେ ବିଚାର କଲେ ଲାଗସି 'ପଏର୍ଚ୍ଛା ସତୀ' କବି ଖଗେଶ୍ୱର ଶେଠ୍‌ଙ୍କର୍ ଗୁଟେ ବୈପ୍ଳବିକ ଆର୍ ବର୍କସ୍ ରଚନା ଆଏ ।

*ସ୍ନାତକୋ  ର ଓଡ଼ିଆ ବିଭାଗ ମୁଖ୍ୟ*
*ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ*
*ବାରିପଦା, ମୟୂରଭଞ୍ଜ*
*୯୯୩୮୯୫୩୩୫୩*

# ପଇରବି: ପଏର୍ଛା ସତୀର୍ ପଖିଆ ହେଇକରି

*ଗୌରିଦାସ ପଧାନ*



"ମନର ମୁନୁଷ୍ ସାଂଗେ ପହିଲ୍ ଭେଟ୍ ଯୁଗ୍ ଯୁଗ୍ ଯାଏ ସୋର୍ ହେସି
ଜୁଆନ୍ ସମିଆର୍ ପହିଲ୍ ରଂଗ ମନ ଭର୍‌ଭର୍ ରଁଚିଥିସି
ପହିଲ୍ ଗଛର୍ ପହିଲ୍ ଫଲ ନୁରା ନୁରା ଲାଗୁଥିସି
ମୁଲୁକ୍ ଟାକର୍ ପହିଲ୍ ଚିନ୍‌ହା ଚିନ୍‌ହାର୍ ହେବାକେ ଡାକୁଥିସି ।"

'ପଏର୍ଛା ସତୀ' ସମଲପୁରୀ ସାହିତ୍ୟର୍ ପହିଲ କାବ୍ୟ ଇ ବାହିର୍ ସାହିତ୍ୟର୍ ଗୁଟେ ବର୍‌କସ୍ ଚିନ୍‌ହାକେ ଆମେ ବନେ କରି ଚିହ୍ନିଛୁଁ ବଲି କହାଯାଇ ନାଇଁ ପାରେ । ଖଗେସ୍ବର ଶେଠକଁର ସାହିତ୍ୟର୍ ଖଦାନ୍‌ନୁ ସମଲ୍‌ପୁରୀ ସାହିତ୍ୟର୍ ସାଇପୁଁଜିକେ ସାଏତ୍ ସଁଖିଲିଛୁଁ ବଲି ଗଲେ କହାଯାଇ ନାଇଁପାରେ । 'ପଏର୍ଛା ସତୀ'ର୍ ନାତାପତା ନୁର୍‌ବାକେ ଖାସ୍ ଚର୍‌ଚା ହେଇଛେ ବଲି ଗଲେ କହା ଯାଇନାଇଁପାରେ ।

୧୯୪୯ ଇସ୍‌ବୀନେ ଲିଖା ହେଇଛେ ଇ କାବ୍ୟ । କବିକେ ହଉଥିଲା ୪୩ ବଛର୍ ଇ ସମିଆକେ । ରହୁଥିଲେ ବିଜେପୁର ଥାନା ଇଲାକାର୍ ତାଲପଦର୍

ପାଖେ ବୁରୋମାଲ୍ ଗାଁନେ । ଇ' ସମିଆ ତକ୍ ଏନ୍‌ତେଇ ଗୁଟେ ଚରିତ୍ରକେ ଗୁଟ୍‌ରି କରି କାବ୍ୟ ଲିଖିବାକେ ସାହାସ୍ ନାଇଁ କରିଥାଇନ କେହି । ରାଏ ରିକ୍‌ମାର୍ ରାହାନ୍‌ନୁ ଉନିଆଁ ଧର୍‌ସାକେ ହୁରି କାଟ୍‌ବାକେ ଆଗଭର୍ ନାଇଁ ହଇଥାଇନ କେହି । ପଏର୍ଛା ଉନିଆଁ ପନ୍‌ର ଜୀବନ୍‌ବାଦୀ ଚିତ୍ରଟେ ଏତ୍‌କି ଟେକେ ନାଇଁ ଚିତ୍ରିଥାଇନ କେହି । ହେଥିର୍ ଲାଗି ତ 'ପଏର୍ଛା ସତୀ' କାବ୍ୟର୍ ଭୁମିକା ଲିଖିଲା ବେଲେ ଶ୍ରୀ କେଶବ ଚନ୍ଦ୍ର ମେହେର୍ ଲେଖସନ୍-

"ଶଂସିତ ଶେଠ ମହୋଦୟଙ୍କ ପ୍ରଣୀତ 'ପଏର୍ଛା ସତୀ'ଏଇ ଭାଷାରେ ଅଭିନବ ଓ ସର୍ବପ୍ରଥମ କାବ୍ୟ । ଏହାର ନାୟିକା, ବିଷୟବସ୍ତୁର ଚିତ୍ରଣ ରଚନା ଶୈଳୀ ତଥା ଆଳଂକାରିକ ଛଟା ଆମ ଓଡ଼ିଆ ସାହିତ୍ୟରେ ସମ୍ପୂର୍ଣ୍ଣ ନୂତନ ।"(୧)

କାବ୍ୟର ଉନିଆଁପନ୍‌କେ ଉଖିରେଇ କରି ସେ ସମିଆକେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଂପାଦକ ଶ୍ରୀ ଗୌରୀକୁମାର ବ୍ରହ୍ମା ଲେଖସନ- 'ସମାଜରେ ଯେଉଁ କୁସଂସ୍କାର ଗୁଡ଼ିକ ପ୍ରଚଳିତ ହୋଇ ଆସିଛି, ଅଥଚ ପ୍ରତ୍ୟକ୍ଷରେ ସମସ୍ତଙ୍କର ଦୃଷ୍ଟି ସେ ଉପରେ ପଡୁନାହିଁ କବି ନିଜର ଗଭୀର ଅନ୍ତର୍ଦୃଷ୍ଟି ବଳରେ ସାଧାରଣ ଲୋକଲୋଚନକୁ ସେଗୁଡ଼ିକ ଆଣିବାକୁ ଚେଷ୍ଟା କରନ୍ତି । ଏଥିରେ ପ୍ରକାରାନ୍ତରେ ତାହା ହିଁ ଘଟିଛି । କିନ୍ତୁ ସବୁଠାରୁ ବଡ କଥା, ଏହା ଆମୂଳଚୂଳ ସମ୍ବଲପୁରୀ ଭାଷାରେ ଲେଖାଯାଇଛି ।' ସୁତରାଂ ଭାଷାତ୍ତ୍ୱ ଦୃଷ୍ଟିରୁ କବିତାର ମୂଲ୍ୟ ମଧ୍ୟ କଳନାର ଯୋଗ୍ୟ ।(୨)

ଗୁଟା ମୁଟା ନୁଆଁଟି ଧାରାନେ, ନୁଆଁ ନାୟିକାକେ ନେଇକରି କାବ୍ୟ ଲିଖବାର କାରିଗରୀ ନେ ଖଗେଶ୍ୱର ଯେନ୍ ଖର୍ ପର୍‌ଝନା ପରଝିଛନ୍ ତାର୍ ମହକ୍ ଏଛେନ୍ ତକ୍ କହଁରୁଛେ । ଇ ବାହିର୍ ସାହିତ୍ୟ ସଂଗେ ସାମିଲ୍ ସାହିତ୍ୟିକ୍ ମାନ୍‌କୁ ଆକାଭୁତ୍ କରୁଛେ; ହଁଦ୍‌ଲେଇ ଦଉଛେ ଇ କାବ୍ୟ । ଚଟି ବହିଟାକର୍ ଦିହିନେ ଚମ୍‌କେଇ ଦଉଛେ ବଲି ତ 'ପଏର୍ଛା ସତୀ' ର୍ ପହେଚାନ୍ ନୁରିକରି ଡ. ମଂଗଲୁ ଚରଣ ବିଶ୍ୱାଲ ଲେଖସନ୍- "ଓମର ଖୟାମଙ୍କ 'ରୁବାୟତ' ଓ ଡ. ବଚ୍ଚନଙ୍କ 'ମଧୁଶାଳା' ଭଳି 'ପଏର୍ଛା ସତୀ' ମୁଗ୍ଧକର । ବକ୍ତବ୍ୟର ତୀବ୍ରତା, ଶାଣିତ ବ୍ୟଞ୍ଜନା, ମନ୍ତ୍ରଧର୍ମୀ ଭାବାବେଗ ପାଠକକୁ ତନ୍ମୟ କରିପକାଏ । 'ପଏର୍ଛା ସତୀ' ର ନାୟିକା ଏକ ବିଦଗ୍ଧା ନାୟିକା । ମୋରାଭିୟାଙ୍କ La

Ramono ର ଆଦ୍ରିଆନାଙ୍କ ପରି ପ୍ରଥମ ପୁରୁଷରେ ହିଁ ଆପଣାର ମର୍ମବାଣୀ ପ୍ରକାଶ କରିଛି ।"(୩)

ତାର ଉକବୁକିକେ ଉତାରକେ ଉତାର କବି ଉତରେଇଛନ କାବ୍ୟନେ । ନଡ଼ିଆନୁ କତା ଉଁଚ୍‌ଲାଲା ଲେଖେ, କୁସେର ବର୍ଚ୍ଛାନୁ ଲଟା ଚତ୍‌ରାଲା ଲେଖେ କବାର୍‌ନେ ବାରି ଦେଇଛନ ନାୟିକାକେ ନିରୋଲ୍ ନିରୁଆଁ କରି କରି । ଉତରି ଆଇଛେ ଖର୍‌ମୁହାଁ ଧାର୍‌ଟେ ମୂଲୁ ଶେଷ୍‌ତକ୍ ଖଲ୍‌ଖଲାତେଲ୍ । ସେ ଧାର୍ ଗଲା ସମିଆର ମଲା କଥାନେ ପସ୍‌ତେଇ ହେଇ କରି କହୁଛେ-

ନାଇଁ ଖଟି ମୁଇଁ କାଏଁ କହେବ
ଯେନ୍ ପୋ' ଦେଇଥିଲା ଦଏବ;
ସେ ପୋ' ଆଏଜ୍ ଜୀଇଁଥିଲେ କାଏଁ
କଲ୍‌ଜା ଫଟା କଥା ଶୁନ୍‌ତିଁ ? (୪)

ଅଖଟା ବଏସେ ପୁଓ ପାଇଥିଲି ବଲି କହେବାକେ କେତେ ନିଛଲ୍ ଆଏ କାବ୍ୟ ନାୟିକା । କେତେ ବେଫିକର୍, ଫଟିକ୍ ଆବାଜ୍‌ନେ ସେ କହିପାରିଛେ ତା'ର ଅବିହାରୀ ବଏସର ଅପସର୍‌କେ । ସେ କୁଆଁରୀ ବଏସେ ପୁଓ ପାଇଥିଲା; ତାର୍ ବାପ, ମା ସେ ପୁଓକେ ମାରିଦେଲେ; ସେ ଯେତେ ଜୁହାର ବିନ୍‌ତି କଲା ତା'ର କଥା ନାଇଁ ଶୁନ୍‌ଲେ ।

ତା'ର୍ କୁଟୁମର୍ ଲୁକେ ଲୁକାବାକେ ଆଏ ଉପେ କଲେ ଗଲେ ସେ ନାଇଁ ଲୁକେଇ । ଲଉଟେଇ ଖୁଲା ମୁହେଁ ପଚ୍‌ରେଇଛେ କହିଦିଅ କାଏଁ ଦୋଷ୍ କରିଛେଁ ବଲି । ତାହାକେ କିଏ ଜବାବ୍ ଦେଲେ କି ନାଇଁ କିଏ ଜାନେ ହେଲେ ବିକି ଦେଲେ ବୁଢ଼ା ବରଟାକର୍‌ନେ ଟଁକା ନେଇକରି । ତାର୍ କହତିକେ-

"ବାପ୍ ଅଁଟ୍‌କୁରା ଟଁକା ଦେଖଲା
ଦରମରା ଟାକେ ଝଁପେଇ ଦେଲା;
ବନନା ଲୁଗାଥିଁ କନନା ଲାଗଲା
ଲାଖ୍‌ଚୁରି କାଣା ଭାଙ୍ଗ୍‌ତିଁ ହେଥି ।"(୫)

କେତେ କଡା ନୁ କଡା ଆଏ ଏନ୍ତେଇ ପ୍ରଶ୍ନ ଲାଗି ଉ ର ଦେବାର । ନିହାତି କମ୍ ଶବଦନେ ସମାଜ ଲାଗି ଶକତ୍ କଥାକେ ଇଁଚ୍‌ରେଇଛେ ନାୟିକା ।

କହିଛେ ତା'ର ତାଲ୍ ତାଲ୍ ଦୁଖର୍ କଥାକେ । ଉତିଏଲ୍ ପନ୍‌ର ଉମରନେ ସେ କେନତେଇ ଉପଝର୍ ହେଇଯାଇଛେ ବାପର୍ ଲାଗି । ଉଜରି ଯାଇଛେ ତାର ଜୁଆନ ସମିଆର ସପନ । ବିଦ୍‌ରିଯାଇଛେ ସମାଜ ଆଁଖି ତାର ଘରକରା । ହେଲେ ହଦ୍‌ରି ନାଇଁ ଦେଇ ସେ ଜୀବନ ଜୀଇଁବାକେ । ସେ ଜୀବନ୍‌ବାଦୀ ଆଏ । ଜୀବନ ଲାଗି ଜିତାନି ଗୁଡୁ ଖେଲିଛେ, ଭିତରର ଜଲ୍‌ତା ଜୁଏ ଲାଗି ପହଟେନ୍ ଠୁଲେଇଛେ, ହର୍ ଅଭାବକେ ହରୁହରଦମ୍ ପୂରା କରିଛେ । ବେଫିକର୍ ଖୁଲମ୍‌ଖୁଲା ଜୀବନ୍‌ଟେ ଜୀଇଁଛେ । ହେଥିର୍ ଲାଗି କବି ଖଗେଶ୍ୱର ଶେଠ ପଏର୍ଛା ସତୀର ପରିଖିଆ ହେଇକରି ଲେଖସନ୍- 'ପଏରଛା ସତୀ' ସଧବା ନୁହେ କିମ୍ୱା ବିଧବା ନୁହେ- ପତିବ୍ରତା ସତୀ ନୁହେ, ମିଥ୍ୟା ଭାଷିଣୀ ଅସତୀ ନୁହେ । ଏ କେବଳ ମୁକ୍ତପଲ୍ଲୀ ଜୀବନ ସଂପୃକ୍ତ ବିଭିନ୍ନ ଦିଗର ଲୀଳାୟିତ ବ୍ୟଭିଚାରର ସାଂକେତିକା, ବହିଃ ପ୍ରଦର୍ଶନୀ ପୁଣ୍ୟାନୁଷ୍ଠାନର ଚିତ୍ରପଟରେ ଗୁପ୍ତ ପାପଛାୟାର ଜୀବନ୍ତ ମୂର୍ତି । ସୂକ୍ଷ୍ମ ଦୃଷ୍ଟିରେ ପୁଣି ପରିଚୟ ଦେବାକୁ ହେଲେ ଏଇ 'ପଏର୍ଛା ସତୀ' ଟି ଯୁଗୋପଯୋଗିନୀ ସମାଜ ସଂସ୍କାରିକା ମେହେନ୍ତରାଣୀ । ତାଚ୍ଛଲ୍ୟ ଦୃଷ୍ଟିରେ- ସ୍ୱାର୍ଥାନ୍ଧ ପକ୍ଷପାତୀ ସମାଜର ଆମୋଦ ପ୍ରଦାୟିନୀ କ୍ରୀଡ଼ା ପୁତ୍ତଳିକା । (୬)

କେତେକେତେ ଲଉଟିଆ ଉଦୁର୍‌ମାତ୍‌ନେ ମାତିଛେ ପଏର୍ଛା ସତୀ । କେନେ ନିଜର ପନକେ ଜାହିର କରିଛେ ତ କେନେ ସଉକ୍‌କେ ସଁଖିଲବଟଲ କରିଛେ । କେହେନିନେ କିଛି ଲୁକେଇ ନାଇଁ । ସମ୍‌କୁ ଶୁନେଇ କରି କହୁଛେ ସେ ଅଁର୍‌ରା ଘାଟେ ରଗଡ଼ି ହେସି; ସଞ୍ଜବେଲେଁ ଏକ୍‌ଲା ଧୁବେନ କଁଟାକେ ଯାଏସି; ପାଏନ୍‌ଛିଆ ବେଲେ ଲୋକ ଆସିଗଲେ ବେଁକେ ପାନି ବୁଥି ହେସି; ଦୁରିଆ ଗାଁନେ ବନେ ହରିହାଟ ହଉଥିଲେ ବିନ୍‌ତକେ ସେନେ ହାଜର୍ ହେସି; ହରିହାଟ ବାସି ଦିନାଚାରେ ନାଇଁ ଶୁଇଲେ ଦେଖିଯିବାର ଭୁତି ନାଇଁ ମିଲେ ବଲି ଭାବସି; ଭୁତଭୁତିଆ ହଇ ବସ୍‌ଲେଁ ରଥିଦୁତିଆ ଦେଖିଯାଏସି; ଯାହିଁ ଦେଖଲେ ତାର ମିତ୍ ମାହାରସାତ୍; ଗାଁଗଁଡା ଯାହିଁଗଲେ ତାହାକେ ବଡ୍ ଲୁକେ ମାସେ ଦୁଇମାସ ରହ ବଲସନ୍; ସେ ପର୍ଦାବାଲୀ ନୁହେ କି ଢମୀ ଗେଲ୍‌ହେଇ ଚାଲି ନାଇଁ ଜାନେ; ସେ ମୁହୁଁ ମଲ୍‌କା ନାଇଁ ଜାନ୍‌ଲେ ଗଲେ ଲୁକେ ତାକେ

ମଲ୍‌ମଲୀ କଲ୍‌କତୀ କହେସନ୍; ପାନ୍‌ତି ବେଲାନେ ଜୁରା ମଠିଆ ଉହ୍ଲାଲା ଉତାରୁ ତାହାକେ ଦରପନ ପନିଆଁ ନୁରା ଲାଗସି; ଗାଁ ଖୁଲି ଘାଏ ଚହରା ନାଇଁ ଦେଲେ ତାହାକେ ଅଏନ୍ ନାଇଁ ଲାଗେ; ସେ ଘରେ ଏକଲା ରହେସି ହେଲେ କେଭେ କାହାକେ ଶୁଆତି ନାଇଁ କରେ ଲେଖେ କେତେକେତେ କଥା ।

ତାର ସମିଆର ଗଅଁଲି ଗାଆଁନେ ମାଏଝିଟେ ଏନତା କାମ କରୁଛେ ବଲି କହେଲେ ଲୁକେ ଛି ଛି ଥୁ ଥୁ କରୁଥିଲେ । ହେଲେ ସେ ବିନ୍ ପରବାଏ ଦିନ ଜୀଇଁସି ।

କାବ୍ୟନେ ରୋଜ୍ ରୋଜ୍‌ର ଜୀବନକେ ରୋକ୍‌ଠୋକ୍ କହେଲା ବେଲେ ଲେଡବେଡେଇ ନାଇଁ ଯିବାର ପଏର୍ଛା ସତୀ । ତାର ସମିଆର ଉନିଆଁ ମାଏଝି ମାନକରନୁ ଉଁଜା ଉଁଜା ଲାଗୁଛେ ସେ । କହିପାରୁଛେ ପଟୋପଟୋ କଥା ଟାଂଗିଆ ଛିଡା ଲେଖେ । କେହେନି କବାର ଲାଗି ଡର ନାଇଁ କି ଭୟ ନାଇଁ; ପୁଚୁର୍ ପୁଚୁର୍ ନାଇଁ କି ଖୁସୁର୍ ମୁସୁର୍ ନାଇଁ । ମରଦ୍‌ଟାକର୍‌ନୁ ଅଏତ୍‌କା ତାକତ୍‌ନେ ଠାଡ଼୍ ହଉଛେ ସମାଜ ଆଗେଁ ।

'ବିବର୍ତ୍ତନଶୀଳ ମଣିଷର ସଂଗ୍ରାମ' ବହିନେ କହେସନ ଦାର୍ଶନିକ ଶରତ କୁମାର ମହାନ୍ତି– 'ସମାଜର ନୀତିନିୟମ, କଟକଣା, ସମାଜ ଆରୋପ କରିଥିବା ପାପପୂଣ୍ୟରୁ ମୁକ୍ତ ନ ହେଲେ ବ୍ୟକ୍ତି ହେବା ସମ୍ଭବ ନୁହେଁ ।'[୭]

ଗୁହୁଡ଼ିର ଗୁଡାନେ ଗୁପେଇ ନାଇଁ ଯାଇକରି ବାରି ହେବାକେ ଭିନେ ବାଟେ ଯିବାକେ ହେସି । ଇନେ ଗଲେ ଭିନେ ବାଟେ ଚାଲୁଛେ ପଏରଛା ସତୀ । ସେ ବାରି ହଇ ଯାଉଛେ ନା'ର ବେଫିକର ଚାଏଲ୍ ଚଲନ୍ ଲାଗି; ଜୀବନବାଦୀ ଆଚରନ୍ ଲାଗି; ଉସାର୍ ପିସାର୍ ବେଭାର୍ ଲାଗି । ହେଥିର୍ ଲାଗି ତ କହିପାରୁଛେ–

ଲୋକ୍ ନୁରସନ୍ ଧନ୍‌ଜନ୍  
ମୋର୍ ମନ୍‌ଟା ଭିନେ ମନ୍;  
ସବୁଦିନେଁ କାଏଁ ରହେବା ଜୀବନ୍  
ରହେସି ସିନା ଭାବ୍ ପିର୍‌ତି ।[୮]

ସବୁଦିନିଆଁ ଭାବ୍ ପୀର୍‌ତି ପାଏବାକେ ବଛାନିଛା ନାଇଁନ ତାର୍ ଠାନେ । ଗାଁ ପର୍‌ଗାଁ ଯେନେ ହେଲେ ଅଏନ୍ ପିଲାଟେ ଦେଖ୍‌ଲେ ଘାଏ କଥା ହେବାକେ ମନ୍ କର୍‌ସି । ହାଟେବାଟେ ପଚ୍‌ରାସି ବନେ ଅଛ କାଏଁ ? ଡାଣେ ଦୁଆରେ ହେସି ଦୁଖସୁଖ । ଘଡେଛନେ ଥି ଜୁଟାସି ମନ । ଘଡିଘଡିକେ ଯଁଚାସି ସଂଗ ।

କହୁଥାଉନ୍ ପଛେ ଜାଏତ ବିରାଦର ଜାଏତ୍ ଗଲା ବଲି । ଅଡଗି ନେଉଥାଉନ୍ ପଛେ ଜାଏତ୍ ଭିଲ୍‌ନୁ । ନାଇଁ ଚଲଉନ୍ ପଛେ ସମାଜ ସଂଗେ । ସେ ନାଇଁ ଡରେ ଚୁପ୍‌ରାକୁଟା । ହେଥିର ଲାଗି ତ କହେସି-

ପୁଡିଯାଉ ସେ ଚୁପ୍ରାକୁଟା / ମତେ ବଲସନ ଛି ଛି କୁଟା;
ଛି ଛି କୁଟା କାହିଁ ହେଲା / ପ୍ରେମ୍- ସେବା ଯାର ବାଡି ବୁର୍‌ତି ।[୯]

ନିଜର ପଖିଆ ହଇକରି ନୁହିଲା କବାରକେ ଗଲେ ନିଛଲ୍ ଲଗନ୍‌ନେ କରବାକେ ଜଗ୍‌ଜାହିର୍ ଆଏ କାବ୍ୟ ନାୟିକା । ସାଁକୁର୍ ପାଁକୁର୍ ନୁହେ କି କକୋରମୋ ନୁହେ । ଯାହା ବି କରୁଛେ, ଯାହିଁ ବି କରୁଛେ ଜାନତ୍‌କେ କରୁଛେ । ଜାନ୍‌ତକେ କରୁଛେ ବଲି ତ ଜାଏତ୍ ସମାଜନୁ ଜବାବ୍ ମାଗି ପାରୁଛେ । ଜାଏତ୍ ସମାଜ୍‌ନେ ହଉଥିବା ଜାବର୍‌ଜାତ୍ କବାର ଲାଗି କଏଫତ୍ ମାଗି ପାରୁଛେ । ସାମ୍ନାସାମ୍ନି ହଇ ପାରୁଛେ, ଆର୍ କହିପାରୁଛେ-

ଜାତିଆ ମାନେ ହାଁଡି ଖାଏସନ୍
ଗୁଡେଁ ପଡ଼ଲେ ଗାଧି ଯାଏସନ୍
ଜୁହାର୍ ଗୋ ମାଁ ଇ ଜାଏତ୍‌କେ
ନାଇଁ ମିଲୁ ପଛେ ଗତି ମୁକତି । [୧୦]

ଗତି ମୁକ୍‌ତି ନାଇଁ ମିଲୁ ପଛେ, ଜାତି ତାକେ ନାଇଁ ରଖୁନ୍ ପଛେ, ତାର କଥା ପଡ୍‌ଲେ ଜାତିଆମାନେ ଫଁ କରୁନ୍ ପଛେ, ତାର୍ ତିଆରଲା ବାଟେ ହିଁ ସେ ଯିବା । ତାହାକେ ଖରାପ୍ ବଲୁନ୍, ଜାଏତ୍ ବାରନ୍ କରୁନ୍ କିଛି ଯାଏ ଆସେ ନାଇଁ । ସେ କାଣା ନାଇଁ ଜାନିଛେ ଜାତିର୍ ଜାତକ୍ ଯେ କାକରଛାନ୍ ହେବା ? ଶରନ୍ ସମ୍‌ବା ? ମାଫି ମାଗ୍‌ବା ?

ଏନ୍‌ତେଇ ତେଜେ ଟେଁକେ, ବେଁକ ଟେକିକରି କଥା କହୁଥିବା, ବେପରୁଓ୍ୱା ଜୀବନ୍‌କେ ବାହି ନେଉଥିବା, ବାର ଆଡୁ ଫିରି କରି ନିସ୍‌ଫିକର୍ ରହୁଥିବା ନାରୀ ଚରିତ୍ରଟେ ଖୁଜ୍‌ମି ବଏଲେ ସେ ସମିଆର୍ ସାହିତ୍ୟନେ ବନେ ତକଲିଫ୍ କର୍‌ବାକେ ପଡ଼ବା ।

ଏତେ ଉଚା ଆବାଜ୍‌ନେ ଜବାବ୍ ଦଉଥିବା, ଉପଢେଂଗର ହେଲେ ଗଲେ ଉନିଆଁ ଲାଗୁଥିବା, ଉକ୍‌ବୁକି ଭିତରେ ଗଲେ ଉଷତ୍ ମନେ ହଉଥିବା ଉଭାଗର ଚରିତ୍ରଟେ ସେ ସମିଆର ସାହିତ୍ୟନେ ନାଇଁ ମିଲେ ।

'ବିବ ର୍ନଶୀଳ ମଣିଷର ସଂଗ୍ରାମ' ବହିନେ କହେସନ ଦାର୍ଶନିକ ଶରତ ମହାନ୍ତି- 'ଯନ୍ତ୍ରବତ୍ ପାପକାମ କଲେ ମଣିଷ ପାପୀ ହୋଇ ରହିଥିବ, ପାପାତ୍ମା ହୋଇପାରିବ ନାହିଁ । ପାପାତ୍ମା ହେବାପାଇଁ ଅନ୍ତତଃ କିଛି ପରିମାଣରେ ସଚେତନତା ଆବଶ୍ୟକ । ପଙ୍କ ଓ ପଙ୍କଜ ମଧ୍ୟରେ ଯେଉଁ ପ୍ରଭେଦ, ପାପୀ ଓ ପାପାତ୍ମା ମଧ୍ୟରେ ସେଇ ପ୍ରଭେଦ । ଗୋଷ୍ଠୀ ଭିତରୁ ଖସି ଜଣେ ଏକୁଟିଆ ପାପ ପଙ୍କକୁ ଡିଏଁ । ସେଇଠି ରହିଗଲେ ପାପୀ ହୁଏ । ମାତ୍ର ପାପ ପଙ୍କରୁ ପଙ୍କଜ ହୋଇ ଫୁଟି ପାରିଲେ ପାପାତ୍ମା ହୁଏ ।'[୧୨]

ଲାଗ୍‌ସି 'ପଏର୍ଛା ସତୀ'ର୍ ପହେଚାନ୍‌କେ ଇ ଦର୍‌ଜାକେ ଉଠାବାକେ ଖଗେଶ୍ୱର ବନେ ଖେପିଛନ । ଲଉଟିଆ-ପୁଲଟିଆ, ଭିତରି-ବାହାରି, ଉପରୁ-ଭିତରୁ ଫି ଦିଗୁ ପଏର୍ଛା ସତୀକେ ଦେଖିଛନ । 'ପ୍ରେମ ସେବା ଯାର ବାଡିବୁଡି' ବଲି ଯେନ୍ ପଏରଛା ସତୀର୍ ଲାଗି କହିଛନ୍ ତାର୍ ପଖିଆ ହେଇକରି ଫେର ତାର ମୁହେଁ କହେଇଛନ- ସେ କାରତିକ୍ ମାସେ ସଂଗର ଲୁକ୍‌କୁଁ କୁକ୍‌ରାତକ୍ ଉଠେଇ ଆନସି କାରତିକ୍ ଗାଧିଯିବାକେ, ଉଦା ଦିହେଁ ବିଠୁଆ ହେଲେ ସବୁ କୁଡି ଧୁଇହେସି; ଭକ୍‌ତିଠାନେ ତାର ବଡା ମନ; ନାମ କୀର୍‌ତନ୍ ସପ୍ତା ହେଲେ ବରକସି ପାଏନ୍ ବୁହାଡି ହେସି; ଗାଆଁକେ ବାବାଜୀ ମାତାମାନେ ଆଏଲେ ତାକର୍ ନୁ ରାଏତ୍ ସରତା ଗିଆନ୍ ଶୁନ୍‌ସି, ମନ ନିରମଲ୍ ଗଂଗାଜଲ୍ କଥାକେ ବିଶ୍ୱାସ୍ କର୍‌ସି ।

ଗୁଟାମୁଟା ଚରିତ୍ରର୍ ଚଘେନ୍ ଉତ୍‌ରେନକେ ଦେଖଲେ, ଭିତର୍ ଭଁଟାକେ ଢୁଂଗଲେ, ପାଶ ପାଂଜରନେ କିନ୍ଦରିଲେ, ଭାଲ୍ ପାଂଚକେ ଚର୍‌ଚିଲେ

କହିହେସି କେନ୍ କିସମେ ପଏରଛାସତୀର୍ ମେହେଫିଲ୍‌କେ ସଜେଇଛନ ଖଗେଶ୍ୱର ଶେଠ । ସମଲପୁରୀ ସାହିତ୍ୟର ପହିଲ କାବ୍ୟନେ କେନ୍ କିସ୍‌ମେ ରସ ପରସିଛନ, ଭାବ ବରନିଛନ, ଶବଦ ସଜେଇଛନ, ତାଲେ ବାଂଧିଛନ ସେଟା ଜାନି ନାଇଁ ହଏ ପଏରଛାସତୀ କାବ୍ୟ ନାଇଁ ପଢ଼ବାର ତକ ।

ଭିନ୍‌ଭିନ୍ ଗୁନ, ଭିନ୍‌ଭିନ୍ ଦିଗ୍, ଭିନ୍‌ଭିନ୍ ଚଲନ୍, ଭିନ୍‌ଭିନ୍ ଆଚରନ୍ ଗୁଟେ ଚରିତ୍ରନେ ଠୋଲ କରି କରି କବି ଯେନ କବାରଟେ କରିଛନ ସେଟା ଆକାଭୁତ୍ କରିଦେସି ସମାଲୋଚକକେ । ଆହୁରି ଆକାଭୋତ କରସି ପଏରଛା ସତୀର୍ ସିଉକାରନାମା, ରଁକରଁକି, ସଉକି, ରାଗ, ରିସମି ।

'ସତୀତ୍ୱର ନବଦର୍ଶନ' ପ୍ରବନ୍ଧନେ କହେସନ ସରଳାଦେବୀ 'ଯେଉଁ ନାରୀ ସତ୍‌ସେ ସତୀ' [୧୨] ଇ କଥାକେ ହେତୁନେ ରଖିକରି ପଏରଛା ସତୀ ଚରିତ୍ରକେ ଚର୍‌ଚିଲେ କାବ୍ୟକେ ପଢ଼ଲେ ଜାନିହେସି ସେ କେନ୍‌ତେଇ ପଏର୍ଛା ସତୀ ଆଏ ଯେ । ତାର ମୁହୁଁନୁ ଶୁନିହେସି-

ଯେନ୍‌ଠାନେ ମୁଇଁ ଯାହା କରସି
ଯାହା ହଉ ପଛେ ସତ୍ କହେସିଁ;
ମୋର ମନେ ତ ପର୍‌ତେ ଲାଗ୍‌ସି
ଧରମ୍ ଅଛେ ସତ୍ କଥାଥିଁ । [୧୩]

ସତ୍ କଥାଥି ଧରମର୍ ଘରଘାଟ୍ ଯେ ଘାତ୍‌ସି, ସବୁ ସରିଗଲେ ଗଲେ ଯେ ସତ୍ କହେବାକେ ସାମରଥ, ଶକତ୍ ସନାଘଁଟା ସମିଆନେ ଗଲେ ଯେ ସତ୍ କଥା ହିଁ କହେସି, ସମାଜ୍ ତାହାକେ ମାନୁ କି ନାଇଁ ମାନୁ କବି ଖଗେଶ୍ୱର ଶେଠ ଠିକା କହିଛନ ସେ 'ପଏର୍ଛା ସତୀ' ଆଏ ବଲି ।

ସେ ସମାଜକେ ପଏରଛା କରୁ ଦିହିର୍ ଗଲି କଂଦିକେ ପଏରଛା କରୁ, ମୁନୁଷ ମନର ମଏଲାକେ ପଏରଛା କରୁ ବଲି ତାର ନାଁ ଦେଇଛନ 'ପଏର୍ଛା ସତୀ' ।

ପଏରଛା ସତୀକେ ଯେତ୍‌କି ବୁଝିହେସି ସେତ୍‌କି ଅବୁଝା ରହି ଯାଏସି । ଯେତ୍‌କି ଦେଖି ହେସି ସେତ୍‌କି ଅଦେଖା ରହିଯାଏସି । ଉକିଆ ଅଁଧାରର୍ ଇଜ୍‌ମାଲି ଇଲାକାନେ ଜୀଇଁତା ଜୀବନ୍‌ଟେ ନେଇକରି ଠାଡ୍ ହେଇଥିସି 'ପଏର୍ଛା

ସତୀ’ । ଆର୍ ଚିନ୍‌ହଉଥିସି ଇ ବାହିର୍ ପହିଲ୍ କାବ୍ୟର୍ ନାୟିକାକେ । ସମଲପୁରୀ ସାହିତ୍ୟର୍ ମାଥବରୀକେ । କବି ଖଗେଶ୍ୱର ଶେଠକଁର ଖଁଡମଧୁର ସୁର୍‌କେ ।

ସେ ସୁର୍ ଆମକୁ ଶୁଭୁଥାଉ ଅଠିପର୍ ଆର୍ ଆଗ୍‌କେ ବହଁକିବାକେ ତହଁକଉଥାଉ ।


ସାହେଯ୍ ସୀଉକାର–

୧. ମେହେର, କେଶବ ଚନ୍ଦ୍ର– ‘ପଏର୍ଛା ସତୀ’ କାବ୍ୟର ଭୂମିକା,
ଖଗେଶ୍ୱର ଗ୍ରନ୍ଥାବଳୀ, ପ୍ରଥମ ଭାଗ, ପ୍ରଥମ ସଂସ୍କରଣ (୧୯୫୮)
୨. ବ୍ରହ୍ମା, ଗୌର କୁମାର– ମୁଖବଂଧ, ଖଗେଶ୍ୱର ଗ୍ରନ୍ଥାବଳୀ,
ପ୍ର. ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ।
୩. ବିଶ୍ୱାଳ, ମଂଗଲୁ ଚରଣ– ପୃଥକ୍ ପରିଚୟ–
ସୁଖଦୁଖ ପବ୍ଲିକେସନ, ସମ୍ବଲପୁର–୨୦୦୭ ।
୪. ଶେଠ, ଖଗେଶ୍ୱର– ‘ପଏର୍ଛା ସତୀ’, ଖଗେଶ୍ୱର ଗ୍ରନ୍ଥାବଳୀ
(ପୃ–୨୩୧, ୨୩୨, ୨୩୭, ୨୩୮, ୨୩୯, ୨୪୩) ।
୫. ଶେଠ, ଖଗେଶ୍ୱର– ସୂଚନା, ‘ପଏର୍ଛା ସତୀ’ (ମୁକ୍ତାନୁବାଦ),
ଖଗେଶ୍ୱର ଗ୍ରନ୍ଥାବଳୀ ।
୬. ମହାନ୍ତି, ଶରତ କୁମାର– ବିବ ର୍ନଶୀଳ ମଣିଷର ସଂଗ୍ରାମ,
ଅଗ୍ରଦୂତ–କଟକ, ୧୯୯୦ ।
୭. ସରଳାଦେବୀ– ସତୀତ୍ୱର ନବଦର୍ଶନ– ସ୍ୱାଧୀନତା ପରବ ର୍ୀ
ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ପ୍ରକାଶକ, ସାହିତ୍ୟ ଅକାଦେମୀ–୨୦୦୮ ।

*ଶିବମ୍ କଲୋନୀ, ଅଏଁଠାପାଲି*
*ସମ୍ବଲପୁର*
*୬୩୭୧୯୬୫୬୧୬*

# 'ପଏର୍ଛା ସତୀ'ର୍ ନିରମଲ୍ ଭାବ୍

*ଡ. ସତ୍ୟନାରାୟଣ ଠାକୁର*



ସ୍ୱାଧୀନତାକେ ଭଲ ପାଏବାରଟା ଜୀବର ସହଜାତ ପ୍ରକୃତି ଆଏ । ଇଟା ଗୁଟେ ଇନ୍ତା ଅବସ୍ଥା ଆଏ ଯେନଥି ଗମିକରି ଜୀବ ନିଜକେ ଖୁଲାଖୁଲି ପରିପ୍ରକାଶ କରି ପାର୍‌ସି । ନିଜର ପୂର୍ଣ୍ଣତା ଭାବରେ ଅନୁଭବ କରି ପାର୍‌ସି । ଭରପୁର ଜୀବନଟେ ଜିଇଁକରି ସାର୍ଥକତା ଅନୁଭବ କରି ପାରସି । ଇ ସଂସାରେ ଜନମ ନେବାରଟା ଗୁଟେ ବଡ଼ ରହସ୍ୟ ଆଏ । ଜୀବନ ତ ତାରନୁ ଆଉ ବଡ ରହସ୍ୟ ଆଏ । ରହସ୍ୟକେ ରହସ୍ୟ ଥି ଭେଦକରି ମୁକ୍ତିର ରହସ୍ୟକେ ବୁଝି ପାରବାର ସାମରଥ ସେତେବେଲେ ଝନକର ପାଖେ ହେଇପାରବା ଯେତେବେଲେଁ ସେ ମୁକ୍ତ ଜୀବନ ଜିଇଁବାର ଅନୁଭବ କରି ପାରବା । ନ ଇଟା ଯେନ୍ କିସ୍‌ମେ ଅତି ସହଜ ଭାବେ କହି ଦିଆଗଲା ସେତେ ସହଜ ନୁହେସେ ।

ଫ୍ରାନ୍ସର ଦାର୍ଶନିକ ରଷୋଙ୍କର କହେବାର ଅନ୍‌ସାରେ ମୁନୁଷ ଇନ ମୁକ୍ତ ହେଇକରି ଜନମ ହେସି ନା ଚାର୍‌ହି କୁତି ସେ ସିକ୍‌ଲାଥି ବାନ୍ଧି ହେଇ ଯାଏସି । ବନ୍ଧନର ଶିକଲା ତାହାକେ ମରବାରତକ ମୁକଲେଇ ନାଇଁ ପାରେ । ଗୁଟେ ଜନମ୍ କାଣା, ଜନମ୍ ଜନମ୍ ସାତ୍ ଜନମ୍ ତକ ମୁକଲି ନାଇଁ ପାରେ ଯଦି ଅସଲ ମୁକ୍ତି କେନ ଅଛେ ଖୁଜି କରି ନାଇଁ ପାଏଲା ବଏଲେ । ଭାରତ ଲେଖେନ ଦେଶେଁ, ଯେନ ଆଧ୍ୟାତ୍ମିକତାର ଶ୍ରେଷ୍ଠତା ଗୁଟେ ଫାଲେ ପ୍ରତିପାଦିତ

ହେଇଛେ ବଏଲେ ଆର୍ ଗୁଟେ ଫାଲେଁ ଜାତି ପ୍ରଥା, କୁସଂସ୍କାର, ଅନ୍ଧବିଶ୍ୱାସ, ମୁନୁଷ, ମାଏଝିର ପାତର ଅନ୍ତର କେନ୍‌ଯୁଗୁଁ କଁଟା ଝଁଟା ହେଇକରି ଜୀବମାନଙ୍କୁ ରକତ୍ ସରସର କରି ପକଉଛେ ଯେ ତାର ହିସାବ ନାଇଁ । ଇନର ଦର୍ଶନତା କହେସି ବ୍ରହ୍ମମୟ ଏ ଜଗତ, 'ଗଛଲତା ଲୁକ ବାକ ସବୁ ବାସୁଦେବ', ହେଲେ ଏତକି ଗହୀର ଜ୍ଞାନର ସାଗର୍ ଭିତ୍‌ରେ ବୁଡ଼ବାର ସଉକ କେତେ ଲୁକର୍ ଅଛେ ? ଇନ ଜହ କରି ଜୀବନ୍ ଗୁଟେ ଖାଲି ଜିଇଁ ଯାଉଛନ୍ । ଜୀବନ ଜିଇଁବାର କଲା ଶିଖବାର୍‌କେ ଜହତିରି ଲୋକମାନକର ପସନ୍ଦ ନାଇଁ । ହେଥିରଲାଗି ଜୀବନ ସମ୍‌କର ଏକ ଆଏ ଇ ଭାବକେ ଅନୁଭବ କରି ନାଇଁ ପାରେ ଜୀବନସାରା ଉଁଚ-ନୀଚ, ପାତର-ଅନ୍ତର ଭାବ୍ ଭିତ୍‌ରେ ବୁଡ଼ିକରି ଉକ୍‌ବୁକେଇ ହଉଛେ । ଇଟା ତାର ସହଜାତ ପ୍ରକୃତି ପାଲ୍‌ଟି ଯାଇଛେ ।

ନାନା ରକମର ଭେଦଭାବ ଭିତ୍‌ରୁ ଗୁଟେ ବଢେଟେ ଭେଦଭାବ ହେଲା ନାରୀ-ପୁରୁଷ ଭିତରର୍ ଭେଦ୍ ଭାବ । ସଂସାରେ ସବୁବେଳେ ନାରୀ ପୁରୁଷନୁ ଦୁର୍ବଲ ଆଏ ବଲି ଗନା ଯାଏସି । ଯେତେବେଲେ କି ଇଟା ମୁଲ୍‌ହୁ ସତ୍ ନୁହେ ସେ । ଈଶ୍ୱର ଇ ସୃଷ୍ଟି ରଚନା କରିଛନ ଯୋଗମାୟାରେ ବଲେଁ । ଜୀବନର ଉତ୍ପତି -ସ୍ଥିତି-ପ୍ରଗତି-ପ୍ରଳୟ ନିର୍ଭର କରସି ନାରୀ ଉପରେ । ଶକ୍ତି-ସମ୍ପଦ-ଜ୍ଞାନ-ପ୍ରଜ୍ଞ । ଯାହାକିଛି ଐଶ୍ୱର୍ଯ୍ୟ ଇଥରର ଲାଗି ଦରକାର ସବୁ ଥିର ଅଧିକାରୀ ନାରୀ ଆଏ । ଦୁର୍ଗା ଶକ୍ତିର ଦେବୀ । ଶକ୍ତି ବିନା ସ୍ଥିତି ଅସମ୍ଭବ । ଲକ୍ଷ୍ମୀ ସମ୍ପଦର ଅଧିକାରୀ ।

ସମ୍ପଦ ବିନା ସ୍ୱପ୍ନ ସାକାର କେଭେ ନାଇଁ ହେଇପାରେ । ଜ୍ଞାନର ଦେବୀ ସରସ୍ୱତୀ । ଶ୍ରେଷ୍ଠତା ହାସଲ କରବାର ଲାଗି ଜ୍ଞାନ ଥିବାର ଜରୁରୀ । ପ୍ରଜ୍ଞାର ଦେବୀ ଗାୟତ୍ରୀ । ବିନା ପ୍ରଜ୍ଞା ଥି ଜୀବନର ସାର୍ଥକତା ଭାବି ନାଇଁ ହୁଏ । ଜନ୍ମଦାତ୍ରୀ ମା ହଉଛେ ନାରୀ । ଜୀବନ ଜିଇଁବାର ଠାନ ପୁର୍ଥି ହଉଛେ ନାରୀ । ମୁଲୁ  ଶେଷ୍‌ତକ ଜୀବନର ଯାହା ଯାହା ଦରକାର ସବୁ ଆମକୁ ନାରୀନୁ ମିଲି ପାର୍‌ସି  । ତଥାବି ତାର ତ୍ୟାଗ, ଉଦାରତା ଗୁଣର ଲାଗି ତାହାକେ ଅବଲା, ଦୁର୍ବଲା ସାବିତ କରସି ପୁରୁଷ । ତାର ମହାନ ଗଣୁ ମାନକୁ ବୁଝି ନାଇଁ ପାରିକରି ନିଜର ଉଙ୍ଗଲିଥି ନଚାମି ବଲି ଭାବସି ପୁତ୍‌ଲି ନଚାଲା ଲେଖେନ୍ । ଯେତେବେଲେଁ ସେ ଇଥୁ ବିଫଲ ହେସି କେତେ ପର୍‌କାର ଅସ୍‌କଟିଆ ଭାବ

ଜଗାସି ନିଜର ଭିତ୍ରେ ନାରୀକେ ନେଇକରି । ଯଦି ବି ଇ ଦୁନିଆଁ ଗୁଟେ ଈଶ୍ୱରର ଅଂଶ ଆଏ ତଥାପି ସୃଷ୍ଟିର ସବୁ ଉପାଦାନର ସ୍ୱାତନ୍ତ୍ର୍ୟ ରହିଛେ । ନାରୀ ଗୁଟେ ଜାତି, ପୁରୁଷ ଗୁଟେ ଜାତି । ନାରୀକେ ପୁରାପୁରି ପୁରୁଷ ବୁଝି ନାଇଁ ପାରେ କି ପୁରୁଷକେ ନାରୀ ପୁରାପୁରି ଚିହ୍ନି ନାଇଁ ପାରେ । ସେମାନେ ନିଜର ନିଜର ଠାନେ ସ୍ୱୟଂ ସମ୍ପୂର୍ଣ୍ଣ ଆନ୍ ତଥାବି ଚାଲିଥିସି ବଞନା ବଛନା । ପୁରୁଷ ମାଏଝୀ ଭିତ୍‌ରେ କେତେ ରକମର କେଚ୍‌କେଚା ଜିନିଷ ଦେଖସି ।

ତାହାକେ ନିନ୍ଦା, ବଦନାମ ଦେଇ ଖିନଖିନାଲି କରି ପକାସି । ଆଲୋଚ୍ୟ ପ୍ରସଙ୍ଗଥି ଏନ୍ତା ଝନେ ନାରୀର କଥା କୁହାଯାଇଛେ ଯିଏ ଖୁଲା,ମେଲା ସ୍ୱାଧୀନ ଜୀବନଟେ ଜିଇଁକରି ସମାଜର ଆଁଖିଥି ଅପମାନିତ ହେଇଛେ ତଥାବି ନିଜକେ ଯେନ୍ତା ମନ୍ ହେଲା ହେନ୍ତା ଜୀବନଟେ ଜିଇଁଛେ ।

'ପଏର୍ଛା ସତୀ' ନାମ କରଣ କବି ଖଗେଶ୍ୱର ଶେଠ୍‌ଙ୍କର 'ପଏର୍ଛା ସତୀ' କାବ୍ୟର ନାୟିକାର ନା ନାଇଁନ । ମୁଲୁ ଶେଷ ତକ୍ ତାର କେଚ୍‌କେଚା ଜୀବନର ଉପସ୍ଥାପନ କରଲାବେଲକେ କବି ତାର ମୁହୁଁଥୁ ତାର ବାବଦେ ବକ୍ତେଇଛନ୍ । ଉପର ଠଉରିଆ ଭାବେ ପଢ଼ଲେ କାବ୍ୟର ନାଁଟା ବ୍ୟଙ୍ଗାତ୍ମକ ବାଗିର ଲାଗବା । ସାଧାରଣ ପାଠକ ଇଟାକେ ହାଲକା ଭାବେ ନେଇପାରେ । ନ ଯିଏ ସୁହୃଦ୍, ବିଦଗ୍ଧ ପାଠକ ହେଇଥିବା ଇ ନା ପଛଆଡ଼େ ତାହାକେ କେତ୍‌ନି କେତେ ଚିତ୍ର, ଚିତ୍ରକଳ୍ପ, ଇତିହାସ, କିମ୍ବଦନ୍ତୀ, ପୁରାନା, ବାସ୍ତବତା ଗୁଚର ହେବା । ଉପର ଠଉରିଆ ଭାବେ ପଢ଼ଲେ 'ପଏର୍ଛା ସତୀ' ନା ଟା ସମାଲୋଚନାତ୍ମୋକ, ବ୍ୟଙ୍ଗାତ୍ମକ ଲାଗଲେ ଘରେ ଇତାର ଭିତରକେ ଗଲେ ଜାନି ହେସି କାକଁରି ଇନ୍ତା ନା ରଖଲେ କବି ଖଗେଶ୍ୱର ଶେଠ୍ । ସମାଜ, ସଭ୍ୟତା, ସଂସ୍କୃତ, ନୀତି ଭଲ ଆଉ ଖରାପକେ ନେଇକରି ଲକ୍ଷ୍ମଣଗାର କାଟିଛେ । ପବିତ୍ରତା, ମର୍ଯ୍ୟାଦା, ସୁସଭ୍ୟତା, ଆଚାର, ବେଭାର, ସୁକରମ ଶବଦମାନେ ଶୁଦ୍ଧ ବଲି ଧରାଯାଇଛି ଆଉ ସେ ସବୁର ଉଲ୍‌ଟାଟାମାନକୁ ଅଶୁଦ୍ଧ କରି ଗନାଯାଏସି । ସେ ନିୟମଥି ଯଦି ସମାଜ କାବ୍ୟ ନାୟିକାମାନେ ଦେଖବା ବଏଲେ ହେତାକେ ପଏର୍ଛାସତୀ ବଲ୍‌ବାର୍‌ଟା ମୁସ୍କିଲ କଥା ଆଏ । ତଥାବି କବି ଖଗେଶ୍ୱର ଇନ୍ତା ନାଁଟେ ବାଛିଛନ୍ । ତାର ପଛଆଡର ମୂଳ କାରଣଟା ଦେଖଲେ ଜନା ପଡ଼୍‌ସି ଯେ ନାୟିକାର ଚରିତ୍ର ଯେନ୍ତା ଥାଉ ପଛେ

ତାର ଅନ୍ତରଟା ନିମର୍ଳ ଆଏ । ଭାଗବତ କହିଛେ ପରେ । 'ମନ ନିମର୍ଳ ଯାର ଦେହି, ଉଦ୍ଧବ ଗଙ୍ଗାଜଳ ସେହି', ଭଗବାନ ନିମର୍ଳ ହୃଦୟ ମୁନୁଷକେ ବହୁତ ଭଲ ପାଏସନ କାଁ କରି ବଏଲେ ସେ ଉପରେ ଗୁଟେ ଆଉ ଭିତ୍ରେ ଗୁଟେ ନାଇଁଥାଏ । ଯେନ୍‌ଟା ଆଏ ସେଟା ହିଁ ସମ୍‌କୁ ଦିସ୍‌ବା । ଇ କାବ୍ୟଟା କବି ଯେନ୍ ବିଷୟ ବସ୍ତୁ ଉପସ୍ଥାପନ କରିଛନ ସେଟା ପଢଲେ ଲାଗସି ସତୀର ଜୀବନ ଯେନ୍ତା ଗୁଟେ ମହାଭାରତ ଯୁଦ୍ଧ ଆଏ । ସେ ଇନ ହମେସା ଯୁଦ୍ଧ ଲଢୁଛେ ନିଜର ବାଟେ ଯାଇକରି । ତାର କାମେ କାହାକେ ଆଘାତ୍ ହେଲା, କିଏ ହିନସ୍ତା ହେଲା, କାହାର ନାକ କଟଲା ସେ ନାଇଁ ବିଚାର କରି । ନାନା ରକମ୍‌ର ଅବସ୍ଥାକେ ବରି ନେଇକରି ସ୍ଥିତପ୍ରଜ୍ଞ ଲେଖେନ୍ ରହିଛେ ସମାଜର ଗୁନ୍ଦାଲ ପାଏନ ଭିତ୍ରେ ସୁରୁଟେ ଝୁରି ହେଇକରି ନିଜର ବାଟ ଫିଟେଇ ଜିଇଁବାର କୁସିସ କରିଛେ କେତେ ରକ୍‌ମର୍ ବାଧାକେ ଡେଗି ମାଡ଼ିକରି । ତାର ଗୁଣ ଗରାମ ବିଷେଥି କବି ଯାହା ଲେଖିଛନ ସେ ସବୁ ଇ ତଥାକଥିତ ସଭ୍ୟ ସମାଜ ଭଲ ବଲିକରି ଗ୍ରହଣ ନାଇଁ କରେ । ହେଥିର୍ ଲାଗି ତାହାକେ କେତେ ରକମର ନା ଦେଇକରି ଡାକିଛେ । କେତେବେଳେ ବାନ୍‌ଝେନ, କେତେବେଳେଁ ଛାର୍‌ରି, ଘଏତା ଖାଇ, ନଟୀ ତ ଫେର୍ କେତେବେଳେ ବିଛାତି ବଲି ଲୋକ ଡାକିଛନ୍ । ଇ ଶବଦମାନେ ଆମର ଭାଷାର ଖାଲି ଆଏ । ଝନ୍‌କର ଚରିତ୍ର ଯଦି ଖରାପ ଆଏ ବଏଲେ ଯେନ୍ ଯେନ୍ କାରନ ଥି ଖରାପ୍ ଆଏ ସେ ଭିତ୍ର ଇ ପାଂଚଟା ହଉଛେ କାରନ୍ ।

ତଥାପି କବି ନାୟିକାକେ ନିମର୍ଳ ଆଏ ବଲି ଭାବିକରି ପଏରଚ୍ଛା ସତୀ କହିଛନ୍ । ଇନ ପଏର୍ଚ୍ଛା ଆଉ ସତୀ ଦୁଇଟା ଶବଦ ଅଛେ । ପଏର୍ଚ୍ଛାମାନେ ପୁରାପୁରି, ଏକ୍‌ବାରି, ସମ୍ପୂର୍ଣ୍ଣ, ସଫା, ନିମର୍ଳ, ବିଶୁଦ୍ଧ । ସତୀର ଅର୍ଥ ହଉଛେ ସାତ୍ତ୍ୱିକ ବିଚାରଧାରୀ ନାରୀ, ସାତ୍ତ୍ୱିକ ବୃତିଧାରୀ ନାରୀ, ସାତ୍ତ୍ୱିକ ଜୀବନଧାରୀ ନାରୀ, କାୟ, ମନ, ବାକ୍ୟଥି ପତି ପରାୟଣା ନାରୀ । ଇ ଅନୁସାରେ ଦେଖଲେ ପଏର୍ଚ୍ଛା ସତୀର ଅର୍ଥ ହେଉଛେ ସମ୍ପୂର୍ଣ୍ଣ ସାତ୍ତ୍ୱିକ ବିଚାରଯୁକ୍ତ ନାରୀ । ସାତ୍ତ୍ୱିକ ଶବଦ ସେତେବେଳେ ପ୍ରୟୋଗ ହେଇପାରବା ଯେତେବେଳେ କେନ୍‌ସି ଟିକେ ବି ଅପବିତ୍ରତା ନାଇଁ ମିଶିଥିବା । ଟିକେ ସାତ୍ତ୍ୱିକ, ଜହ ସାତ୍ତ୍ୱିକ ହେନ୍ତା କିଛି ନାଇଁନ । ସାତ୍ତ୍ୱିକ ଶବ୍‌ଦ ଟା ହିଁ ଶହେ ଭାଗ ଶୁଦ୍ଧ କେ ବୁଝାବା । ବଏଲେ

ଫେର୍ ପଏର୍ଛା ସତୀ କାଏଁ ହେଲା ଯେ କୁହାଗଲା । ଅହଲ୍ୟା, ଦ୍ରୌପଦୀ, କୁନ୍ତୀ, ତାରା, ମନ୍ଦୋଦରୀ, ଅନୁସୂୟା, ସୁଲକ୍ଷଣା, ସାବିତ୍ରୀ, ସୀତାଙ୍କୁ ତ ଖାଲି ସତୀ ବଲି କୁହାଯାଏସି । ସତୀ ତ ସତୀ, ସେଥି ଫେର କମ୍ ସତୀ, ଜହ ସତୀ, ପୁରା ସତୀ, ଅଧାସତୀ ହେନ୍ତା ନାଇଁ ହେଇପାରେ ।

ଶହେ ଭାଗ ଯେଂଟା ପବିତ୍ର ଆଏ ସେଟା ନ ସତୀ ଆଏ । 'ପଏର୍ଛା ସତୀ' ଶହେ ଭାଗ ସତୀ ଆଏ ବଲି କବି କହେବାର୍‌କେ ଚାହିଁକରି ଖାଲି ସତୀ ନାଁ ନାଇଁ ଦେଇକରି ପଏର୍ଛା ସତୀ ଦେଇଛନ ବଲି କହେବାରନୁ ଇଟା କହେଲେ ବେଶୀ ଭଲ ହେବା ଯେ ସମାଜ ନାୟିକାକେ କେତେ ରକମର ଟପା, ଦାଏକା ମାରି କଥା କହୁଥିଲା । ଆଉ ସେ ଭିତରୁ ଗୁଟେ ହଉଛେ ପଏର୍ଛା ସତୀ । ହେଥିର ଲାଗି କବି ନାୟିକାର ମୁହୁଁଥି କାବ୍ୟର ମୂଳେ କହିଛନ୍- ଶୁନ ଗୋ ମା ବେହେନ ମୋର୍ ନାଆଁଟା ପଏର୍ଛା ସତୀ । ମତେ ବଲ୍‌ସନ୍ ବାଞ୍ଝେନ ଛାର୍ଗୀ ଘଏତାଖାଇ ନଟୀ ବିଛାତୀ । ଖାଲି ହେତ୍‌କି ନୁହେ ମଲମଲି ବଲିକରି ଭିଲ କୁହାଯାଇଛେ । ଗୁଟେ ନାରୀକେ ଯଦି ଇ ସବୁ ବଲିକରି ଲୋକ ଭାବୁଛନ ବଏଲେ ସେମାନକର ନଜରଥି ସେ ନାରୀ ଅସତୀ ଆଏ । ଅସତୀକେ ସେମାନେ ବ୍ୟଙ୍ଗକରି 'ପଏର୍ଛା ସତୀ' ବଲି କହିଛନ୍ ।

**ବିଷୟବସ୍ତୁ:-** 'ପଏର୍ଛା ସତୀ' କାବ୍ୟର ବିଷୟବସ୍ତୁ ଅବ୍‌ଗା ସହଜ ଆଏ । ଟୁକେଲଟେ ପିଲାମାନଙ୍କର ଆଡ୍‌କେ ଆକର୍ଷିତ ହେଇକରି ନିଜର ଯୌବନକେ ଭରପୁର ଉପେଭୋଗ କରିଛେ । ଇଟାକେ ସେ ଭୁଲ କାମ ବଲି ନାଇଁ ଭାବ୍‌ବାର । ତାର ଇନ୍ତା କାମ୍‌କେ ସମାଜ ଭଲ ନଜରଥି ନାଇଁ ଦେଖବାର, ତାହାକେ ଟପା, ଦାଏକା ମାରିଛନ୍ ନ ଟୁକେଲଟା ସେମାନକର କଥାଥି ଭାଙ୍ଗି ନାଇଁ ପଡ଼ିକରି ନିଜର ହିସାବେ ତାର୍କି ଜବାବମାନେ ଦେଇଛେ । ବିପରୀତ ଲିଙ୍ଗ ଆଡ଼କେ ଆକର୍ଷିତ ହେବାରଟା ମୁନ୍‌ଷର ପ୍ରକୃତି ଆଏ । ହେ ଆକଷର୍ଣଟା ଯଦି କାମନା-ବାସନା ମିଶାହେଇ ଆଗକେ ବଢ଼ଲା ବଏଲେ ବ୍ୟାଭିଚାର ଆଡ଼କେ ମନ ଡାକସି । ହେ ସମସ୍ୟାର ସମାଧାନର ଲାଗି ସମାଜେ ବିହା ପରମ୍ପରା ସୃଷ୍ଟି କରିଛନ୍ ଜ୍ଞାନୀ ବିଜ୍ଞାନୀମାନେ । ଅବିହାଡ଼ି ଲୋକ୍ କି ମାଏଝି ଯଦି ବିହା ହେଲା ମୁନୁଷ ଲେଖେନ ଆଚରନ ନିଜର ବିପରୀତ ଲିଙ୍ଗ ଆଡ଼କେ କରଲେ ବଏଲେ ସମାଜ ହେଟାକେ ଭଲ ଆଁଖିଥି ନାଇଁ ଦେଖେ । ଭାବ୍‌ସି

ଇନ୍ତା ଯଦି ହେବା ବଏଲେ ସମାଜ କଲୁଷିତ ହେଇଯିବା । ମୁନୁଷ ସମାଜ ଥି ଜିଇଁସି ଯେତେବେଲେ ଇଟାକେ ସାଫ୍ ସୁତର୍ ରଖିବାର୍ କାମ୍ ତାର ଆଏ । ଜିଏ ଇଟାକେ ମଏଲା କରୁଛେ ତାହାକେ ନାନା କିସମେ ଶାସ୍ତି ଦେବାର ବ୍ୟବସ୍ଥା ଅଛେ । ସେ ଭିତରେ ଗୁଟେ ଶାସ୍ତି ହଉଛେ ସମାଲୋଚନା । ଝନକର ଯଦି ଗୋଡ଼ ପିଛଲି ଯାଉଛେ ଖରାପ୍ କାମ୍ ଆଡ଼େ ତାହାକେ ସମାଲୋଚନା କଲେ ଭାଏଲ ତାର ଛାତିକେ ବାଧବା ଆଉ ସେ ଆଗ୍‌କେ ଭୁଲ୍ କାମ୍ ନାଇଁ କରେ ।

ଆର୍ ଯଦି ଝନେ ଭୁଲ୍ କାମ୍ କରି ଠିକ୍ କରୁଛେଁ ବଲି ଭାବୁଛେ ବଏଲେ କେନ୍‌ସି ସମାଲୋଚନାକେ ଖାତିର ନାଇଁ କରେ ଆଉ ସେମାନକୁ ଉଲ୍‌ଟା ଜବାବ ଦେବା ଯେନ୍‌ମାନେ ତାହାକେ ଭୁଲ ପ୍ରମାଣିତ କରବାରକେ ଚାହୁଁଛନ । ପଏର୍ଛା ସତୀ କାବ୍ୟଥି ଇନ୍ତା କଥା ଦେଖିବାର୍‌କେ ମିଲ୍‌ସି । କାବ୍ୟର ନାୟିକା ପଏର୍ଛା ସତୀ ଯେନ ବରଷ ଜୁଆନ ହେଲା ସେ ବର୍ଷେ ତାର ଘରପାଖେ ପିଲାମାନେ ନାଟ ଶିଖୁଥିଲେ । ସେମାନ୍‌କର ଭିତ୍ରୁ କାହାକେ ଗୁଟେ ସେ ନିଜର ଦିହି ଦାନ କରିଥିଲା । ସେତ୍‌କି ଦିନୁ ତାହାକେ ଲୋକ ପଏର୍ଛା ସତୀ ବଲିକରି କହି ବସଲେ ।

ଚରିତ୍ରହୀନ ବଲି ତ ତାର ଡାକ ପଡୁଥିଲା ତାର ସାଙ୍ଗେ ସାଙ୍ଗେ ତାହାକେ ଲୋକ ବାଂଝେନ୍, ଛାର୍‌ରୀ, ଘଏତାଖାଇ, ନଟୀ, ବିଛାତି ବଲି ଗାଲି ଦେଉଥିଲେ । ଇ ଗାଲିମାନକର ବାବଦେଁ କହେବାରକେ ଯାଇକରି ପଏର୍ଛା ସତୀ ନିଜର ବୟାନ ଦେଇଛେ । ପହେଲା ଗାଲି ହେଲା ବାଂଝେନ୍ । ସନ୍ତାନହୀନା ବିଶେଷଣ ନାରୀ ଜୀବନର୍ ଲାଗି ଛାତିଫଟା ଶବଦ ଆଏ । ମା ନାଇଁ ହେଇପାର୍‌ଲେ ନାରୀ ଜୀବନ ସାର୍ଥକ ନାଇଁ ହୁଏ ବଲି ବିଶ୍ୱାସ ଅଛେ । ଇଟାକେ କାବ୍ୟ ନାୟିକା ବିଶ୍ୱାସ କର୍‌ସି ହେଥିର ଲାଗି ତାହାକେ ଯେତେବେଲେ ଲୋକ ବାଂଝେନ୍ ବଲି କହିଛନ ସେ ମନ୍ ଦୁଃଖ କରି କହିଛେ

'ନାଇଁ ବିହାହଇ କାଏଁ କହେବ ଯେନ୍ ପୁଓ ଦେଇଥିଲା ଦଏବ
ସେ ପୁଓ ଆଏଜ ଜିଇଁଥିଲେ କାଏଁ କଲଜା ଫଟା କଥା ସହେତିଁ ॥

କୁଆଁରି ଚୁକେଲ୍ ମାଁ ହେବାରଟା ସମାଜଥି ଗ୍ରହଣୀୟ ନାଇଁ ହେଇପାରେ ହେଥିର ଲାଗି ନାୟିକାର ସନ୍ତାନକେ ତାର ମା, ବୁଆ ମାରିଦେଲେ । କରତି

ହେଲା ମା'ର କଲଜା ଭିତରୁ ଛୁଆକେ ନାଇଁ ମାର ବଲି ଯେତେ ବିନ୍‌ତି କରଲେ ଭିଲ୍ ସେମାନେ ସମାଜକେ ଡରଲେ ଆଉ ତାର କଥା ନାଇଁ ଶୁନ୍‌ଲେ । ମା, ବୁଆ ତାର କଥା ନାଇଁ ଶୁନ୍‌ଲେ ବଲି ସମାଜ ଆଜି ଭାବୁଛେ ଟୁକେଲଟା ବାଂଝେନ୍ ଆଏ । ଯଦି ଛୁଆଟା ବଁଚିଥିତା ଲୋକ ଇ କଥା ନାଇଁ କହୁଥିତେ । ବାଂଝେନ୍ ଗାଲିନୁ ବିଚ୍ରି ବଅଁଚି ଯାଇଥିତା ।

ଗୁଟେ ନାରୀର ଲାଗି ବାଂଝେନ ଗାଲିଟା କେତେ ଦୁଃଖ ଦାଏକ ଆଏ ସେଟା ସେ ଏକା ଅନୁଭବ କରି ପାରୁଥିବା । ଟୁକେଲଟା ବିହା ହେଇଥିଲା ନ ତାର ଘଏତା ତାହାକେ ଲେଉଟେନ୍ ଆଏଲା ଉତାରୁ ଘରକେ ନାଇଁନେଲା । କାଁକରି ନାଇଁନେଲା ଯେ ଟୁକେଲଟା ବୁଝି ନାଇଁ ପାରଲା । ସେ ଭିଲ୍ ପିଲାକେ ଖାତିର୍ ନାଇଁ କଲା । ସମାଜ ତାହାକେ ଆଗକେ ଛିଛିକାର କରବା ଇଟା ଅନ୍‌ମାନ କରି ନାଇଁ ପାରି କି କାଁକରି ପିଲାଟା ତାହାକେ ନାଇଁ ନେଲା ସେଟା ବି ଜାନବାରକେ କୁସିସ ନାଇଁ କରି ଆଉ ନିଜର ଆତୁ ଶାଶଘରକେ ନାଇଁଯାଇ । ଜିଦି କରି କହିଛେ ।

ପଏସା ମୁଡ଼ି ପଶ୍‌ଲା ବାଗିର୍ ବର୍‌କଷା କାଏଁ ଢୁକିଁ ଯାଏତାଁ । ଇଥିର ଲାଗି ସମାଜର ଲୋକମାନେ ତାହାକେ ଛାର୍‌ରି ବଲିକରି କହେଲେ । ଟୁକେଲର ବୁଆ ପଏସା ନେଇକରି ଗୁଟେ ଦରମରାଟାକେଁ ତାର ଝିକେ ଫେର ଘାଏ ବିହା କରିଦେଲା ଯେ ଲୋକଟା ମରିଗଲା । ସମାଜ ଭାବଲା ଟୁକେଲଟାକେ ବିହାହେଲା ଯେ ପିଲାଟା ମରିଗଲା । ସେ ଦିନୁ ତାହାକେ ଘଏତାଖାଇ ବଲି ଡାକଲେ । ଟୁକେଲଟା ରାଆଁଡ଼ି ହେଲେ ଘରେ ଲାଖଚୁରି ନାଇଁ ଭାଙ୍ଗିକି ରାଆଁଡ଼ି ଲେଖେନ୍ ନାଇଁ ଜିଇଁ । ସାରା ଜୀବନ ସମାଜ ବନାଲା ରାଆଁଡ଼ି ଜୀବନ ଜିଇଁବାରକେ ସେ ନାପସନ୍ଦ କରିଛେ । ଜାନିଜାନି ଜୀବନଟାକେ ମାଟି ମିଶେଇ ଦେବାରଟା ବୁଦ୍ଧିମାନୀ ନୁହେଁ ବଲି କରି ସେ ଭାବୁଥିଲା । ସେ ଭାବୁଥିଲା ଟୁକେଲ ରାଆଡ଼ିଁ ହେଲା ପରେ ଯେ ଆଉ ତାର ଜିଇଁବାର ଅଧିକାର ନାଇଁନ ହେନ୍ତା ନୁହେସେ । ଯିଏ ଗଲା ତାର ସାଙ୍ଗେ ତା ଆଉ ଯାଇ ନାଇଁହୁଏ ଉଲ୍‌ଟିଆ ଯେତେଦିନ ଜୀବନ ଅଛେ ହେତେ ଦିନତକ ଭଲ ଜୀବନଟେ ଜିଇଁବାର କୁସିସ୍ କରବାର କଥା । ରାଆଁଡି ମାଏଝି ମନ୍‌ଥିଲେ ଭିଲ ପାପର୍ ଡର୍‌ହେ ବାପ୍ ଘରେ ଗୁଟେ ଜିନିଷ୍‌ଟେ ଲେଖେନ୍ ରହିଥିସି । ସେ କୁହିଲା ନ କି

ବିଲିଗଲାନ ଦେଖବାର ଲାଗି, ଜାନବାର ଲାଗି, ବୁଝବାର ଲାଗି କିହେ ନାଇଁଥାନ । ରାଆଁଡ଼ି ମାଏଝିର ବି ଜୀବନ ଅଛେ, ମନ ଅଛେ, ଇଚ୍ଛା ଅଛେ, ଆଶା ଅଛେ, ସପନ ଅଛେ ଇ କଥା ପରିବାର, ସମାଜର ଲୋକ ମୁଲ୍‌ହୁ ଚିନ୍ତା ନାଇଁ କରନ । ସେମାନେ ଯଦି ଚିନ୍ତା ନାଇଁ କରନ ବଏଲେ ନିଜର କଥା ନିଜେ ଯଦି ରାଆଁଡି ମାଏଝିଟା ନିଜେ ଚିନ୍ତା କଲା ବଏଲେ ଇଥି ଭୁଲ୍ କେନ ବଲି ଟୁକେଲଟା ଭାବୁଛେ । ବ୍ରାହ୍ମଣ ଜାତିର ଲୋକମାନେ ବିଧବା ବ୍ୟବସ୍ଥାକେ ଯେନ୍ କିସ୍‌ମେ ବଅଁଚେଇ କରି ରଖିଛନ୍ ହେଟାକେ ସୋରକରି ନାୟିକା କହିଛେ । ପଏତାପିନ୍ଧା ଝି ନୁହେଁ ତ ରହିଁଗଲେଁ ଭାଏଲ କୁହିଁଯାଏତିଁ । ଇନୁ ଜନା ପଡୁଛେ ନାୟିକା ବ୍ରାହ୍ମନେନ ନୁହେ ସେ । ନାୟିକାର ରାଆଁଡ଼ି ହେବାର ପରର ଜୀବନକେ ଅନୁଧ୍ୟାନ କରଲେ ଯେନଟା ଦେଖବାରକେ ମିଲ୍‌ସି ସେଥିଁ ଅନମାନ କରି ଲୋକମାନେ ତାହାକେ ନଟୀ ଆର ବିଛାତି ବଲି କହିଛନ୍ । ସେ ନାଚଗୀତକେ ସଉକ କରୁଥିଲା । ଡାଲଖାଇ ନାଚିକରି ଟଙ୍କା, ଶାଢ଼ୀ ପୁରସ୍କାର ପାଇଥିଲା ବଲି ଲୋକ ବଏଲେ ନଟୀ । ଇତାକେ ନେଇକରି ବି ସେ ଜିଦିବାଦି କରି କହିଛେ ଝନେ ଯଦି ଡାଲଖାଇ ନାଚଲା ବଏଲେ ସେ ନଟୀ ନାଇଁ ହେଇଯାଏ । ସେ ଭଲକରି ବୁଝି ପାରିଥିଲା ବାଗିର ଲାଗୁଛେ ଯେ ଡାଲ୍‌ଖାଇ ଆମର ଅଂଚଳର ଗୁଟେ ମହାନ ପରମ୍ପରା ଆଏ ଆରୁ ଇ ପରମ୍ପରାକେ ବଅଁଚେଇ ରଖବାର, ଆଗକେ ନେବାର ଆମର ମାନକର କତର୍ବ୍ୟ ଆଏ । କତର୍ବ୍ୟ ଭାବିକରି ହଉ କି ସଉକ ଥି ହଉ ନାୟିକା ଯଦି ଡାଲଖାଇ ନାଚଲା ବଏଲେ ସେ ନଟୀ ବଲା ନାଇଁ ଯିବାର କଥା । କାଣା କରିଥିଲେଁ ସେ ନଟୀ ହେଇଥିତା ସେ କଥା ଭିଲ୍ କହୁଛେ । "ବାଜୁଥିତା ଢୁବି ତବ୍‌ଲା ଗିନି ନାଚୁଥିତି" ମୁଇଁ ସାଜୋ ପିନ୍ଧିଁ । ଦେଖୁଥିତେ ଲୋକ୍ ଟିକଟ୍ ଘିନି, ନଟୀ ବଏଲେଁ ହଁ ବଲତିଁ ।" କଲାର ବ୍ୟବସାୟୀ କରତାର ବ୍ୟବସ୍ଥା ଭିତ୍ରେ ଯେନ୍ କଲାକାରମାନେ ଛନ୍ଦି ହେସନ ସେମାନେ ନ ନଟ ଆଉ ନଟୀ ଆନ୍ ବଲି କାବ୍ୟ ନାୟିକା ତର୍କ ଦେଇଛେ । ନ ସେ ନାଟକ କରବାରକେ ପସନ୍ଦ କରିଛେ । ଯଦି ଟିକେ ଭଲକରି ପଢ଼ାଲେଖା କରିଥିତା ବଏଲେ ଇ କଲାକେ ପରିବେଷଣ କରି ପାରିଥିତା । ତାହାକେ ଲୋକ ବିଛାତି ବଲି ଗାଲି ଦେସନ୍ । ସେ ବ୍ୟାଭିଚାର କରସି ବଲି ସମାଜର୍ ଲୋକ୍ ମାନକର ଧାରଣା । ହେଥିର ଲାଗି ଇ ନାଥି

ତାହାକେ ସମାଲୋଚନା କରସନ । ସେ ଖାତିର ନାଇଁ କରେ । ସେ ତର୍କ ଦେଇକରି କେହସି ଯେ ସେ ଗୁଟେ ପବିତ୍ର ଜୀବନେଟ ଜିଇଁସି । ପବିତ୍ର କାର୍ତିକ ମାସେ କୁକରା ଡଖୁଁ ସାଙ୍ଗମାନକୁ ଉଠେଇ ଆନକରି କାର୍ତିକ ବୁଡ଼ିଯାଏସି । ସେ ହୁସିଆର୍ ହେଇକରି ଚଲସି  ଯେନ୍ତା ବିଠୁଆ ନାଇଁ ହେବା ବଲି । ଏନ୍ତା ହିସାବେ ଦେଖଲେ ତାହାକେ ସମାଜ ଯେନ୍ ଯେନ୍ ଗାଲି ଦେଇଛେ ସବୁକେ ତର୍କ ଦେଇକରି ବିରୋଧ କରିଛେ । ଗୁଟେ ସାହାସୀ ନାରୀର ପରିଚଏ ଦେଇଛେ । ସମାଜର ଆଲୋଚନା, ସମାଲୋଚନା ବ୍ୟକ୍ତିର ସ୍ୱାଧିନତାଥି ବାଧକ ନାଇଁ ହେଇପାରେ ଯଦି ସାହାସ ଥିବା ଆଉ ମନ ଭିତ୍‌ରେ ତାକତ୍ ଥିବା । ମାଏଝି, ମୁନୁଷ ସୁରୁଷ୍ଟିର ଗୁଟେ ଗୁଟେ ଉପାଦାନ ଆନ । ନିଜର ନିଜର ଠାନେ ସେମାନେ ସମ୍ପୂର୍ଣ୍ଣ ଆନ୍ । କାହାକେ କାହାର୍‌ନୁ କମ୍ କି ଜହ ଭାବ୍‌ବାର୍‌ଟା ଠିକ୍ ନୁହେସେ । ଇଟା ପାତର ଅନ୍ତର ଭାବ ଆଏ । ଝନେ ଯଦି ବୁଝିଛେ ଯେ "ପିଣ୍ଡ ବ୍ରାହ୍ମଣ ଏକମତ, ଜାଣନ୍ତି ସୁଜ୍ଞାନୀ ପଣ୍ଡିତ" ତାର ଭିତ୍ରେ ବାଛ ବିଚାର ନାଇଁ ରହିପାରେ । ମଲମଲି ପଏର୍ଚ୍ଛା ସତୀ ନାରୀ ପୁରୁଷ ଭିତ୍ରେ କିଛି ବି ଫରକ ନାଇଁ ଜାନିପାରେ । ହେଥିର ଲାଗି ଅଁରରା ଘାଟେ କେତ୍‌ନି କେତେ ବେଲତକ୍ ଗାଧସି । ଗୁଡାଖୁ କର୍‌ସି, ସାବୁନ ମାଖସି, ରଗଡ଼ି ହେସି । ସଞ୍ଜବେଲେ ଗାଁର ଧୁବେନ୍ କଁଟାକେ ଏକ୍‌ଲା ବାହାର୍‌କେ ଯାଏସି, ତାର ଭିତ୍‌ରେ ଡର୍‌ଭଏ ନାଇଁ । ହେଲେ ତାର ଭିତ୍‌ରେ ଘଲେ ଲାଏଜ ବଲ୍‌ବାର ଜିନିଷଟା ଅଛେ, ସେ ପାଏନ୍ ଛିଇଁଲା ବେଲ୍‌କେ ମୁନୁଷ ଲୋକ ଆସିଗଲେ ବେକେଁ ପାନିଥି ଯାଇକରି ବୁଥି ହେସି । ସେବା, ଦାନ, ପୁଇନ, ଭକ୍ତି ଆଡେ ନୁନିର ବଡା ମନ । ଗାଁଥି କୀତର୍ନ, ଭାଗବତ, ପବର୍ଚନ ହେଲେ ତାର ଦେଇ ଯେତେ ହେସି ସେବା କରସି । ସମିଆ ଦେସି । ଲୋକବାକ୍ ତାହାକେ ଯେତେ ଯାହା ବଲୁନ ପଛେ ନିଜର ମା' ମାଏଟ୍‌କେ ଗଙ୍ଗା, ଗୟାନୁ ବଡ଼ିକରି ଭାବସି । ମନ ଭିତର୍‌ଟା ନିର୍ମଲ ହେଲେ ସବୁ ଜାଗା ଭଲ ଆଏ ବଲି କରି ତାର ବିଚାର । ନାଟ୍ ଡାମ୍‌ସାକେ ସଉକ କରସି ବଲି ସାଜୋବାଜୋ ହେଇକରି ଆଘୋ ଯାଏସି । କେନ୍ ପିଲା ଯଦି ଭଲ, ପାଟ୍ କରୁଥିବା ତାର ଆଡ଼େ ମନ ଘିଚି ହେସି । ଘାଏ ଘାଏ ତ ସପନ ବି ଦେଖସି, ଭର୍‌ମିସି ଭିଲ୍ ।

ଇଟା କାଣା ନୂଆଁ କଥା ଆଏ । ସମ୍‌କର ଜୀବନଥି ଇନ୍ତା ଘଟ୍‌ସି । ବୁଦ୍ଧି ଖୁଲା ମନ ବଲି ଆଏ ବଲି ଖୁଲି କହିଦେସି ଯେ ଲୋକ ତାହାକେ ବିଛାତି ବଲ୍‌ସନ । ଯିଏ ମନଖୁଲି କରି କଥା ନାଇଁ ହୁଏ ଭାବନାକେ, ଅନୁଭବକେ ଭିତ୍‌ରେ ଲୁକେଇ କରି ରଖି ପାରସି ସେ ଖାଲି କାଣା ମର୍ଯ୍ୟାଦାବାନ ଆଏ । ମନୋବିଜ୍ଞାନ ତ କହୁଛେ ହାଲକା ଅନୁଭବ କରବାର ଲାଗି ଯଦି ଚାହୁଁଛ ବଏଲେ ଭାବ ଦିଆନିଆ କର । ଦୁଇପଦ ହଁସିକରି ଖୁଲା କଥା ହ । ନୂଆଁତି ଜିଇଁବାର ଲାଗି ମନ୍ ହେବା । ଇ ଦୁନିଆଁଥି ସମ୍‌କର ଭିତ୍ରେ କିଛିନା କିଛି ଦୋଷ ରହେବାରଟା ସ୍ୱାଭାବିକ ଆଏ । କଥା ହେଲା ଆମେ ଯେତେବେଲେଁ ଦୁସ୍ରା ଲୁକର୍ କେନ୍‌ସି ଦୋଷ ଦେଖସୁଁ ନିଜେ ସୁଲହ ଅନା ଭଲ୍ ବଲି ଭାବିନେସୁଁ ଆଉ ଦୁସ୍ରା ଲୁକର ଦୋଷ୍‌କେ ଦେଖିକରି କେତେ କାଣା କହି ଆନସୁ, "ଭାବିନେସୁ" ଯେ ତାର ଠିକନା ନାଇଁ । 'ପଏର୍ଚ୍ଛା ସତୀ' ଯୁଆନ ପିଲା ଦେଖଲେ ବିଚ୍ରି ବୁଢ଼ି ବୁଢ଼ି ପାଏନ୍ ନାଇଁ ପିଇ । ବାବା ତାହାକେ ସାଙ୍ଗେ ଯିବାରକେ କହେସନ, ପାଲାର ମାହାଲ ଶାଢ଼ୀ ଦେସନ୍, ପାଲା ଶିଖାମି ବଲ୍‌ସନ୍ ଇଟାକେ ସମାଜ କେନ୍ କିସ୍‌ମେ ଦେଖିବା ଯେ ହେଥି ନାୟିକାର କାଏଁ ଦୋଷ । ସବୁଥିର ଲାଗି କାମନା, ବାସନା, ରୂପ , ଯୌବନକେ ଦାୟି କର୍‌ବାର୍‌ଟା କେତେ ଠିକ ଆଏ ହେଟା ବିଚାର କରବାର ବିଷେ ଆଏ । ମୁନୁଷ ଭିତ୍ରେ ଭାବ ବଲି କିଛି ଗୁଟେ ଭିଲ୍ ଥିସି । ଦୟାଭାବ, ଭକ୍ତିଭାବ, ବାତ୍ସଲ୍ୟାଭାବ, ସ୍ନେହଭାବ, ଆଦର ଭାବ, ପ୍ରେମ ଭାବ । ଇଟା ମାନଙ୍କୁ ଅପବିତ୍ର ଆଁଖିଥି ଦେଖିକରି, ହାଲକା ଭାବେ ନେଇକରି ଖାଲି କାମନା, ବାସନାକେ ଦାୟି କର୍‌ବାର୍‌ଟା ଛୋଟମାନକର୍ କାମ୍ ଆଏ । କଥାଥି ଅଛେ ଯାହାର ମନ୍ ଯେଡେ ତାର ମାହାପ୍ରୁ ତେଡେ/ ନାୟିକା ନିଜର ଲୋକ, ନିଜର ଗାଁକେ ଖୋବ୍ ଭଲ୍ ପାଏସି ବଲି ସେମାନଙ୍କୁ ନିଜର ଭାବିକରି ଯାହା ବଏଲେ ଶୁନ୍‌ସି । ନିଜର ଜୀବନକେ ଏକଦମ୍ ଖୁଲାଭାବେ ଜିଇଁସି । ଗାଁତ ଗାଁ ଦୂରିଆ ଜାଗାଥି ଘଲେ ହରିହାଟ୍, ରଥ ଦୁତିଆ ହେଲେ ଦେଖିଯାଏସି । ଉସିନ୍ଦ୍ରା ହେଇକରି ରାଏତ୍ ରାଏତ୍ ଦେଖସି । ଆଉ ଯାତ୍ରା ସରିଗଲା ଉତାରୁ ତିନ, ଚାଏରଦିନ ଶୁଇ ଶୁଇ ଝୁମରାକେ ଭରନା କରସି । କେନ୍‌ସି ନ ତାର ଅସୁବିଧା ନାଇଁ । ଗାଁ ଗଁଡା ମାନ୍‌କେ ତ ପଏର୍ଚ୍ଛା ସତୀକେ ଲୋକମାନେ ଏତ୍‌କି ସଉକ୍ କରସନ ଯେ

ମାସେ ଦୁଇମାସ ରଖି ପକାସନ ଆଉ ଟୁକେଲଟା ଭିଲ୍ ଖୁସିଥି ରହିଯାଏସି । ସମାଜର ବାଛବିଚାର, ନାମ ବଦନାମ କେନ୍‌ସିଥିର ପରବାଏ ନାଇଁ ତାହାକେ । ଟୁକେଲଟେ ରାଏତ୍ ରାଏତ୍, ମାସ ମାସ ପରହର ଘରେ ରହିଗଲେ ସମାଜ ତାହାକେ ହୀନ ନଜରଥି ଦେଖବାର ଗୁଟେ ପରମ୍ପରା ଚାଲି ଆଇଛେ ବଏଲେ ଚଲେ । ବିଂଶ ଶତାବ୍ଦୀର ପହେଲା ଭାଗେ ତ ସମାଜଥି କେତ୍‌ନି କେତେ କୁସଂସ୍କାର, ଅନ୍ଧବିଶ୍ୱାସ, ସ୍ୱାଧୀନଚେତା ମୁନୁଷକେ କଲବଲ କରୁଥିଲା ହେନ୍ତା ସମିଆଥି 'ପଏର୍ଛାସତୀ' ଲେଖା ହେଇଛ ହେଥିର ଲାଗି ସେ ସମିଆର ଚିତ୍ର କାବ୍ୟଥି ପର୍କଟ ହେଇଛେ । ଆଏଜ ପଂଚସ୍ତୋର ବଛର ଉତାରୁ ସମାଜକେ ଦେଖଲେ ତାର ମତିଗତି ଜହ ନୁହେଁ ବଦଲେ ଲେଖେନ୍ ଲାଗ୍‌ସି । ଯଦର୍‌ଭି ବହୁତ କଥାଥି ନାରୀ ସ୍ୱାଧୀନତାର ସ୍ୱାଦ ଚାଖୁଛେ ତଥାବି ପୁରୁଷର ବଡ଼ ନିଆଁ ଅହଁକାର ଭାବ ଆଏଜତକ ଅଛେ । ନାରୀ ନିଜର ହିସାବେ ପୁରା ଜୀବନଟା ଜିଇଁଯିବାର ସମିଆ ଆଏମି ଆଏମି ବଲୁଥିଲେ ଭିଲ୍ କେନ ଗୁଟେ ଅଟ୍‌କି ଯାଇଛେ । ସେ ଆଏଜ ଭିଲ୍ ଖୁଲାମେଲା କଥା ନୁହେଁ ଲାଗି ପାରେ ସମ୍‌କର ସାଙ୍ଗେ । ମର୍ଯ୍ୟାଦାର ଦୁଆରବନ୍ଧକେ ଇ ଫାଲେ ପୁରୁଷ ଆଏଁଖ ମୁଜିକରି ଜୁଗି ଜିଇଥିଲା ବେଲ୍‌କେ ଇଟା ଦେଖିକରି ନାରୀ ଟିକେ ଦବି ଯାଉଛେ । ନ ପଏର୍ଛା ସତୀ କାହାକେ ଡର୍‌ନେବାଲି ନୁହେ ସେ । ସେ ନିଜର ସୁନ୍ଦର ଚେହେରାକେ ନେଇକରି ଯେତେ ଖୁସି ଜାହିର କର୍‌ସି, ତାର ଚାଖି, ଚାହାନିଥି ମୁନୁଷ ପିଲା ଭମର୍ ବାଗିର୍ ଘିଚି ହେଇଯାଏସି ବଲି ଛାତି ବି ଫୁଲାସି । ଯେନ ପୁରୁଷ ଜାଏତ ତାହାକେ ହିନମାନ କରସନ୍ ସେମାନେ ଏକା ହେତାର୍ ଚେହେରାଥି ମାତ୍ ହେଇଯାଏସନ୍ । ନିଜର ଗୁତ ସମ୍ପର୍କ ଆଉ ତାର୍ ପ୍ରଭାବକେ ସମକୁ କହି ପାର୍‌ବାର କଲ୍‌ଜା କେତେ ଲୁକର୍ ପାଖେ ଅଛେ । କାବ୍ୟ ନାୟିକା ଯୁକ୍ତିକରି କହେସି । ଲୋକ ନୁର୍‌ସନ୍ ଧନ୍‌ଜନ୍ ମୋର୍‌ଟା ଭିନେମନ୍ । ସବୁ ଦିନେ କାଏଁ ରହେବା ଜୀବନ୍ ରହେସି ସିନେ ଭାବ୍ ପୀରତି । ତାର ନଜରଥୁ କେନ୍‌ସି ଜୁଆନ ପିଲା ବର୍ତି ନାଇଁ ପାରେ । ନିଜର ଆଉ ହେଲେ ପଦେ କଥା ହେବା । ହେ ଚଲନର ଲାଗି ଲୋକ ତାହାକେ ହୀନ ନଜରଥି ଖାଲି ଦେଖସନ୍ ହେତ୍‌କି ନୁହେ ସେ ଜାତିନୁ ନିକଲେଇ ନେଇଛନ । ଏତ୍‌କି ହେଇକରି ବି ତାର ପରବାଏ ନାଇଁ । ସେ ଯେନ୍ କାମ୍ କର୍‌ସି ହେଟା ତାର ଲାଗି ପ୍ରେମ ସେବା

ଆଏ । ‘ପଏର୍ଛା ସତୀ’ ଜାତିକେ ନେଇକରି ବନେ ଖୁଲାମେଲା କଥାମାନେ କହେସି । ସେମାନକର ସବୁ କଥାକେ ସହିଛେଁ ବଲସି ଆଉ ଅଭିମାନ କରି କହେସି “ଜାତିଆ କୁଲର ଭାଏ ବାପ୍ ଯାହା କାଲେଁ ଭି ସବୁ ମାଫ୍ । ମାଏଝି ଚୁନା ଅଁରା ସୁନା କହିଛେ ପରେ ମନୁ ସୁରତି” ମନୁସ୍ମୃତିକେ ସେ ସମାଲୋଚନା କରିଛେ । ଅଁର୍ରା ଯାହା କରଲେ ମାଫ୍ । ମାଏଝି ସବୁଥିର ଲାଗି ଦୁଷି । ଇଟା କେନ୍ତା ନିଅମ ଆଏ ବଲି ସେ ପଚରେଇଛେ ସମାଜକେ । ଧରତୀ ମାଁ ନାରୀ ଜାତିର ପ୍ରତୀକ ଆଏ । ସେ ସବର୍ସଂହା, ଉଦାର ଆଏ ବଲି ସବ୍‌କୁ ସହେସି । “ଦଶମାସ ମାଆଁ କେତେ କଷ୍ଟେଁ ଜୀଆଁବା ପେଟେଁ, ଶୁଆବା ଖଟେଁ ବଡ଼ ହେଲେଁ ଛୁଆ ମାର୍‌ବା ଆଁଟେଁ, ବାପର୍ ପୁଓ ବଲି ମାକର ଚିତି” ଇ ପଦ୍‌ନୁ ଜନାବାରକେ ଚାହିଁଛେ ଯେ ପୁରୁଷ କେନ୍ତା ନାରୀର ମାନ୍‌କେ ନାଇଁ ରଖେ ଖାଲି ନିଜର ବଡିମା ଦେଖାବାରକେ ମନ୍ କର୍‌ସି । ଯିଏ ସତିଆ ଆଏ ସେ କିଛିକେ କାଁ ଯେ ଲୁକାବା । ଯଦି ଲୁକଉଛେ ବଏଲେ ଏନ୍ତାମାନକୁ ବିଶ୍ୱାସଘାତୀ କୁହାଯାଏସି । ପଏର୍ଛା ସତୀର ନାୟିକା ବିଶ୍ୱାସଘାତୀ ନୁହେ ସେ । ସେ ଆଗଆଡ଼େ ଯେନ୍ତା ପଛ ଆଡ଼େ ସେନ୍ତା । ସେ ତାର୍କିକ ଯୁକ୍ତି ବାଢ଼ି କହିଛେ ଅଁର୍ରା ପିଲାମାନଙ୍କୁ ତ ଭମର ପୋକ୍ କୁହାଯାଏସି । ହେଲେ ସେମାନେ ଫୁଲ୍ ମାନକର ଉପ୍ରେ ଦିନେ ନାଇଁ ବସିକର ରାତି କାଁ ଯେ ବଏସନ୍ । ଇ ସମାଜଥି ଯେନ ଆଇନ ବନିଛେ ପୁରୁଷ ଇଟାକେ ବନେଇଛେ । ତାରଲାଗି କେତେ କଥାକେ ମାଫ୍ କରିଥିଲାବେଲେ ଦୋଷମାନ୍‌କୁ ନାରୀ ଉପରେ ଲଦି ଦେଇଛେ । ଯେନ୍‌ମାନେ ନିଜକେ ଜ୍ଞାନୀ ସାଧୁବଲି ଦେଖେଇ ହେସନ୍ ସେମାନେ ମୁହେଁ ଖାଲି ମାହାପୁରୁ ନା କେ ଜପୁଥିସନ୍ ହେଲେ ଭିତ୍‌ରେ ତାକର ପାପ୍ କଥାମାନେ ଭରିଥିସି । ପଏର୍ଛାସତୀ ସିନାମା ସିଏନ୍ ମାନକୁ ତାରନୁ ବି ହୀନ ଭାବିଛେ । ତାର ଭିତର୍‌ରେ ସେ କିଛି ନାଇଁ ଲୁକେଇକରି ମନର ଭାବେ ଖୁଲାକରି କହିଛେ । ପାପ୍ କର କି ପୁଇନ୍ କର ସତ୍ କଥେଁ କାଏଁ ଲାଜ୍ ଡର୍ । ପାନି ବୁଡି ପାଏନ୍ ପିଇଲେଁ ହେଲେଁ ନାଇଁ ଜାନେ କାଏଁ ଜଲ୍ ଦେବତୀ । ତାର କଥା ବିଶ୍ୱାସ ଅଛେ ଯେ ସତ୍ କଥାର ଲାଗି ଧରମ୍ ଅଛେ । ସେ ଲୋକମାନକୁ ଅବଏସ୍ ପଏର୍ଛା ସତୀ ଧଏନ୍ ବଲି କହିଛେ ଯେନ୍ ମାନ୍‌କର ଝି, ବହେନମାନକର ଚାଲ୍ ଚଲନ୍ ଭଲ୍ ଆଏ । ସତ୍ କଥା ଯେନ୍‌ମାନେ ନା କହି ନାଇଁ ପାରନ୍ କି

ସହି ନାଇଁ ପାରନ୍ ସେମାନକୁ ନାୟିକା ପାପୀ ବଲି କହିଛେ ଆର୍ କପିଲ ଧାରେ ସେମାନକର୍ ପାପ୍ ଛଡାବା ବଲୁଛେ । ନାରୀ ଗୁଟେର୍ ଏଡ଼େ ସାହାସ୍ । ପୁରୁଷମାନକୁ ଜବାବ ଦେବା । ଇଟା ଗୁଟେ ଅଜନ ଦାରାଟେ ଆଏ । ସମଲପୁରୀ ଭାଷାଥି ଗୁଟେ ସାହାସୀ ନାରୀର କଥାକେ ନେଇକରି କାବ୍ୟଟେ ପଂଚୋସ୍ତରୀ ବରଷ ଆଘଲୁ ଲେଖା ହେଇଥିବା ବଲି ଭାବ୍‌ଲା ବେଲ୍‌କେ ଇ କାବ୍ୟର ସ୍ରଷ୍ଟା ଖଗେଶ୍ୱର ଶେଠ୍‌ଙ୍କର କଥା ସୋର ପଡ଼ସି । କାବ୍ୟର ଦର୍ଶନ୍ ବିଚାର, ଭାବ, ଉପମା, ଅଲଙ୍କାର ସବୁ କିଛି କବିର ଦେନ୍ ଆଏ । 'ପଏର୍ଛା ସତୀ' ଲେଖେନ୍ ଚରିତ୍ର ସେ ସୃଷ୍ଟି ନାଇଁ କରି । ସମାଜଥି ଇନ୍ତା ଚରିତ୍ରମାନେ ଥିସନ୍ । ନ ସେମାନଙ୍କର ଜୀବନକେ ନେଇକରି ସାହିତ୍ୟ ଚର୍ଚ୍ଚା କର୍‌ବାର୍‌ଟା ବଡା କାଏଡ୍ ଆଏ । ମାଡ୍ ଖାଏବାର୍ ବୁଧି କହେଲେ ଚଲେ । ଉଁଚାଜାତିର ଲୋକମାନେ ସେତେବେଲେଁ ଇ କାବ୍ୟକେ ପଢିଥିବେ ଆର୍ କାଣା ଭାବିଥିବେ, କବିଙ୍କୁ କେନ୍ ରକମେ, ହଏରାନ୍ ହେବାର୍‌କେ ପଡ଼ିଥିବା ସେଟା ଖାଲି ଅନ୍‌ମାନ କରାଯାଇପାରେ ।

ପଏର୍ଛା ସତୀ ବାଗିର୍ ନାରୀବାଦୀ ଦମ୍‌ଦାର୍ ସମ୍ବଲପୁରୀ ଲେଖା ସମ୍ବଲପୁରୀ ଭାଷାଥି ୧ ୯ ୪ ୨ ମସିହାନ ଲେଖାଯାଇଥିଲା, ଭାବି ନାଇଁ ହେବାର, ସେଟା ଫେର୍ ଗାଁର ପରିବେଶଥି । ବ୍ରାହ୍ମଣବାଦ ଆଉ ନାରୀବାଦ ଭିତ୍‌ରେ ଘିଚାଟନା ଏକଦମ୍ ଫଟିକ୍ ଭାବେ ଇ ବହିଥି ଦେଖବାରକେ ମିଲ୍‌ସି ।

କାବ୍ୟର ମୂଳେ ନାୟିକା ମା, ବହେନ୍ ମାନକୁ ସମ୍ବୋଧିତା କରିଥିଲାବେଲେ ଶେଷକେ ପୁରୁଷ ଲୋକମାନଙ୍କୁ କହିଛେ "ହେନ୍ତା ନିଲଜ ପାପୀମାନ୍‌କର କପିଲ ଧାରେଁ ପାପ୍ ଛଡାତିଁ" । କବି ଖଗେଶ୍ୱର ନାରୀ ଗୁଟେକେ ପଏର୍ଛା ସତୀ ବି ସଜେଇଛନ ଆଉ ନାରୀ ସବୁଠାନୁ ଉଦାର ବଲି ଭି କହିଛନ୍ । ଇ ଉଦାର ଭାବ୍‌ର ଲାଗି ସେ ସମ୍‌କୁ ସହି ପାର୍‌ସି, ସୁନି ପାର୍‌ସି ବଲି ସିଉକାର କରିଛନ୍ । ବ୍ରାହ୍ମଣବାଦୀ ନୀତି ନିୟମକେ ଏତେ ଖୁଲାଖୁଲି ବିରୋଧ ବିଦ୍ରୋହ ସୁରୁଷ୍ଟି କରଲା ଲେଖେଁ ହେଇଛେ । ସାମ୍ୟବାଦୀ ବିଚାରକେ ଆଶ୍ରାକରି କବି ବ୍ରାହ୍ମଣ ବାଦକେ ସମାଲୋଚନା କରିଛନ ଲେଖେଁ ଜନା ପଡ଼ସି । ଇଉରୋପଥି ମଧ୍ୟ ଯୁଗେଁ ଯେତେବେଲେଁ ନବ ଜାଗରଣର ସୂତ୍ରପାତ ହେଲା ଲିଓ ନାଡୋ ଡାର୍ଭିଥି ଗୁଟେ ଚିତ୍ର କାଟିଥିଲେ । ତାର ନାଁ ଥିଲା ମୋନାଲିସା । ମୋନାଲିସା

କେନ୍ ଭାବ୍‌କେ ନେଇକରି କଟା ଯାଇଥିଲା ଆଏଜ୍ ତକ୍ ଚିନ୍ତକ, ବିଚାରକ, ଜ୍ଞାନୀ, ବିଜ୍ଞାନୀ ମାନେ ଜାନି ନୁହେ ପାର୍‌ବାର୍ ତାଏଲ । 'ପଏର୍ଚ୍ଛା ସତୀ' ଯେତେଯେତେ ପଢୁଥିଲେ ମନ ଭିତ୍ରେ ନୂଆଁ ନୂଆଁ ଭାବମାନେ ପାନିର ଫୁଟ୍‌କା ଲେଖେନ୍ ସୁରୁଷ୍ଟି ହେଇଥିସି ଆଉ ଉଭି ଯାଉଥିସି । ନା ମନ ଭିତ୍ରେ ଗାରଟାନି ଦେସି ଯେ ନାରୀକେ ଖେଖେଲ୍ଲି ଉଡାବାର କଥା ନୁହେ ସେ । କେତେବେଲେ ଦ୍ରୌପଦୀର ଭାବ, କେତେବେଲେ କୁନ୍ତୀର ଭାବ, କେତେବେଲେ ଅହଲ୍ୟାର ଭାବ, ତ କେତେବେଲେ ତାରା, ମନ୍ଦୋଦରୀ, ବୃନ୍ଦାବତୀର ଭାବଥି ଛାତି ଭିତରଟା କରତି ହେସି । କୁନ୍ତି ପାଂଚଟା ପୁଓର ମା' ଥିଲେ । ତାକର ସାଙ୍ଗେ ସତ୍ ଥିଲା, ଧରମ ଥିଲା ମାହାପ୍ରୁ ଥିଲେ । ତଥାପି ଜୀବନ ସାରା ଦୁଃଖ ପାଏଲେ ଆଉ ଶେଷକେ ମାହାପ୍ରୁକେ ଦୁଃଖ ମାଗଲେ । ସେ ବଏଲେ ମାହାପ୍ରୁ ଯେତେ ପାରୁଛ ମତେ ଦୁଃଖ ଦିଅ ଯେ ସଦାବେଲେ ତୁମ୍‌କୁ ସୋର୍ କରୁଥିମି । ପଏର୍ଚ୍ଛା ସତୀକେ ଲୋକ କେତେ ଟପା ଦାଏକା ମାରିଛନ୍ ଖରାପ୍ ନଜରଥି ଦେଖିଛନ ତଥାପି ସତ୍ ଧରମ୍ ଉପ୍ରେ ତାର ବିଶ୍ୱାସ ଅଛେ । ଇ ମୁନୁଷ ଅର୍ଦ୍ଧନାରୀଶ୍ୱର ଆଏ । ତାର ଭିତ୍ରେ ଦୁହିଝନକୁ ବୁଝି ପାର୍‌ଲା ଲେଖେନ୍ ତାକତ୍ ଥିଲେ ଭିଲ୍ ଅଜ୍ଞାନ ହେଇକରି ହେଟାକେ ଭୁଲି ଯାଇକରି ଗୁଟେ ରକ୍‌ମେ ନିଜକୁ ନିଜେ ଅପମାନିତ କରିଛେ । ଇଟା ସୃଷ୍ଟିର ନିୟମର ଖିଲାପ ଆଏ । ସୃଷ୍ଟିର ନିୟମର ଖିଲାପ କର୍‌ଲେ ପର୍‌ଲଏ ହେସି । ଆଉ ସେତାର କାରଣ ହେସି ପର୍ଲଏ । ଇଟା ବି ସତ୍ ଆଏ ଯେ ଶେଷ୍‌କେ ପ୍ରଲୟନୁ ବି ବଅଁଚାସି ନାରୀ । ହେଥିର ଲାଗି ନାରୀକେ ହୀନ ଭାବବାରଟା ଯେତେ ଜଲଦି ହେବା ଛାଡ଼ି ଦେବାର ଚାହି ।

*ବାଲିବନ୍ଧା, ସମ୍ବଲପୁର*
*୯୪୩୯୨୨୨୨୧୬*

# ‘ପଏର୍ଛା ସତୀ’-ଗୁଟେ ଉଲ୍‌ଗୁଲାନ୍

*ସାଗରିକା ପାଣିଗ୍ରାହୀ*



‘ପଏର୍ଛା ସତୀ’ ଗୁଟେ ଛୋଟ୍ କାବ୍ୟ ଆଏ । ଇଟା ପହେଲା କରି ୧୯୪୮-୪୯ ମସିହାନୁ ଗୁଟେ ସ୍ୱତନ୍ତ୍ର ବହି ହେଇକରି ବାହାରିସାରିଛେ । ସେ ସମିଆର୍ ସମାଜ୍ ଲାଗି ଇଟା ଗୁଟେ ପର୍‌କାରର୍ ଉଲ୍‌ଗୁଲାନ୍ ଆଏ । ଇହାଛିନିର୍ ସମାଜ୍ ଲାଗି ବି ଇଟା ଉଲ୍‌ଗୁଲାନ୍ ଆଏ ।

‘ପଏର୍ଛା ସତୀ’ର ସତୀତ୍ୱକେ ବୁଝ୍‌ବାର୍ ଅଛେ । ବୁଝ୍‌ବାର୍ ଅଛେ ମନ୍‌ଟା ନିର୍‌ମଲ୍ ଥିଲେ ଯାଇ ଝନେ ସତୀ ହେଇପାର୍‌ସି, ସତ୍ କହି ପାର୍‌ଲେ ଯାଇ ଝନେ ସତୀ ହେଇପାର୍‌ସି । ଶରୀର୍ ସିନା ଅଶୁଦ୍ଧ ହେସି ମନ୍‌ଟା କେବେ ନାଇଁ ହୁଏ । ନାହେଲେ ସକାଲୁ ସକାଲୁ ଲୁକେ ଇ ଶ୍ଳୋକ୍‌ଟା ନାଇଁ ପଢ଼୍‌ତେ ।

“ଅହଲ୍ୟା, ଦ୍ରୌପଦୀ, କୁନ୍ତୀ, ତାରା, ମନ୍ଦୋଦରୀ<br>
ପଂଚସତୀ ସ୍ମରେ ନିତ୍ୟ ମହାପାତକନାଶନମ୍ ।”

ଇ ଉପ୍‌ରେ ଲେଖାଯାଇଥିବାର୍ ପଂଚସତୀମାନେ ନିର୍‌ମଲ୍ ମନ୍ ନେଇକରି ସତ୍ କହିଥିଲେ । ତ କଥା କହେବାର୍ ଲାଗି ଯେନ୍ ସାହସ୍ ଦର୍‌କାର୍ ଇଥିର୍ ଲାଗି ଦୃଢ଼ ମନ୍‌ଟେ ଧର୍‌ବାର୍ କଥା ବଲି ଶାସ୍‌ତର୍ କହୁଛେ ସେମାନେ ନିର୍‌ମଲ୍ ହୁରୁଦ୍‌ଟେ ରଖିଥିଲେ, କାଚ୍ ଲେଖେ ସଫା ମନ୍‌ଟେ ରଖିଥିଲେ, ଯେନ୍‌ଟାକି ପଏର୍ଛା ସତୀର୍ ମୁହେଁ କବି ଶେଷେ କହିଛନ୍ –

"ସତ୍ କଥା ଯିଏ କହି ନାଇଁ ପାରେ
ସତ୍ କଥାକେ ସହି ନାଇଁ ପାରେ
ହେନ୍ତା ନିଲଜ୍ ପାପୀମାନ୍‌କର୍
କପିଲଧାରେଁ ପାପ୍ ଛଡ଼ାତିଁ ।"

ଗୁଟେ କଥା ଯେନ୍ତା ଶେଷ୍‌ନୁ ବି ମୁଲ୍ କରି ହେସି, ମୁଲ୍‌ନୁ ଶେଷ୍ ନାଇଁ ହୁଏ ଇଟା । ହେନ୍ତା ଶେଷେ ଫେର୍ ଗୁଟେ ମୂଲ୍ ହେଇଛେ, ଶେଷ୍ ବଲି କହି ନାଇଁ ହୁଏ । ଇନୁ ମୂଲ୍ ହେଇଛେ ଗୁଟେ ନୂଆଁ ସମାଜର୍, ଯେନୁ କି ସଭେ ସତ୍ କହେବାର୍ ସାହସ୍ ରଖୁଥିବେ, ସତ୍ ଶୁନ୍‌ବାର୍ ସାହସ୍ ରଖୁଥିବେ ।

ସତୀତ୍ୱ ବଏଲେ ଲୁକେ ବୁଝ୍‌ସନ୍ କାଣାକେ ତାର୍ ସଂଜ୍ଞା କାଣା ଆଏ । ଆଏଜ୍‌ତକ୍ ସତୀ ସୀତା ବି ଆନ୍ ସାବ୍‌ତିରି ବି ଆନ୍ ଆରୁ ଦ୍ରୁପଦୀ ବି ଆନ୍ । ନାରୀର୍ ଜୀବନ୍‌ଥି କଷ୍ଟ ସହେବାର୍‌ଟା ନିୟମ୍ ଲେଖେ ଲେଖାହେଇଛେ । ଜୀବନ୍‌ଥି ଯେ ଯେତେ କଷ୍ଟ ସହି ପାରଲା ସେ ସେତେ ବଡ୍ ସତୀ ଆଏ । ସୀତାକେ ରାମଚନ୍ଦ୍ରର୍ ଯେତେବେଲେ ଅଗ୍ନି ପରୀକ୍ଷା ଦେବାର୍‌କେ କହିଛନ୍ ସୀତା ବିନା ଦୁଷେ ଚରିତ୍ରର୍ ନାଁ ଥି କଲଙ୍କ୍ ନାଇଁ ଲାଗୁ ବଲି ଦେଇଛନ୍ । ସତେ ଯେନ୍ତା ଚରିତ୍ରର୍ ରଙ୍ଗ୍‌ଟା ଧୋବ୍ ଆରୁ ଟିକେ କାହାର୍ ଛାଏଁ ପଡ଼ିଗଲେ ବି ସେଟା ଦାଗ୍‌ଟେ ହେଇ ମାଏଝିର୍ ଜୀବନ୍‌ଥି ଛାପ୍‌ଟେ ଛାଡ଼ିନେସି । ତାର୍ ଦ୍ୱାରା ସୀତାଙ୍କର୍ ଆତ୍ମସମ୍ମାନ୍ ଥି ବାଧା ନାଇଁ ହେଇ ଭାଏଲ୍ ? ହେଇଥିଲେ ବି ସେ ମୁହୁଁ ନାଇଁ ଖୁଲି । ସତୀର୍ ଉଦାହରଣ୍‌ଥି ହେଥିର୍ ଲାଗି ତାକର୍ ନାଁ ଆଗୋ ଆଏସି । ମାଏଝିକେ ସରବ୍ ସହନି ବଲି କହିକରି ମାଁ ବଲି ଡାକି କରି କି ଦେବୀର୍ ଆସନ୍ ଥି ବସେଇ କରି ସବୁଦିନ ଇନ୍ତା ତାର୍ ସନ୍‌ମାନ୍, ଗାରିମାକେ ତଲେ ଉପିନେଇଛେ ସମାଜ୍ । ମୁନୁଷ୍ ପ୍ରଧାନ୍ ସମାଜ୍‌ଥି ମାଏଝିର୍ ଜାଗା ସବୁବେଲେ ତାର୍ ପାଦ୍‌ତଲେ ବଲି ଯେନ୍ ବିଶୁଆସ୍‌ଟେ ରଖିଛନ୍, ସମାଜର୍ ବଡ଼ ପଁଡାମାନେ ପଏର୍ଛା ସତୀ ତାକର୍ କଥାକେ ଦାଁଡ଼େ ଘାଟେ କହିକରି ସେମାନ୍‌କର୍ ମୁଁଡ଼ ତଲ୍ କର୍‌ବାର୍‌ଟା ଗୁଟେ ଉଲ୍‌ଗୁଲାନ୍ ନୁହେଁ ତ ଆର୍ କାଣା ଆଏ ? ମହିଷାସୁର ହଉ କି ଶମ୍ଭୁ ନିଶମ୍ଭୁ

ଲେଖେଁ ଅସୁର୍ ସେମାନ୍‌କୁ ମାର୍‌ବାର୍ ଲାଗି ଦେବୀକେ ଦିହିଁନୁ କପଡ଼ା ଅଲଗାବାର୍ ପଡ଼୍‌ସି । ପଏର୍ଛା ସତୀ ସେମାନ୍‌କର୍ ମୁଖାକେ ହଉ କି ଦିହର୍ କପଡ଼ାକେ ହେଉ ଖୁଲ୍‌ବାର୍ ଲାଗି ସଫଲ୍ ହେଇଛେ ।

ଆଘୋନୁ ବି 'ନଗରବଧୂ' ମାନକର୍ ନିକେ ରଜା ହଉ କି ରଜା ଘରର୍ ଲୁକେ ହଉନ୍ ସଭେ ଯାଉଥିଲେ । ଲୁକାଚୁରା ନାଇଁ ଥାଇ । ସେ ବି ନଗରବଧୂ ବଲି ଲାଜେ ମୁହୁଁ ନାଇଁ ଲୁକଉଥାଇ । ତାର୍ ଜୀବନ୍‌କେ ସେ ସ୍ୱାଧୀନ୍ ଭାବେ ଜୀଉଁଥିଲା । ଲେକିନ୍ ସମିଆ ବଦ୍‌ଲିବାର୍ ସାଁଗେ ବଦ୍‌ଲିଗଲିଛେ ସମାଜ୍, ସମାଜର୍ ରୀତିନୀତି । ଇ ବଦ୍‌ଲିବାର୍‌ଥି ଧିରେ ଧିରେ ସୁରୁଷ୍ଟି ହେଇଥିବା / ଗଁତିଆ ଲେଖେଁ କିଛି ଧନୀକେ ଶ୍ରେଣୀର୍ ଲୋକ୍‌ମାନେ ଲୁକାଚୁରା ହିସାବେ କରିବସ୍‌ଲେ ବ୍ୟଭିଚର୍ । ଜନକର୍ ଇଚ୍ଛା (ମନ୍) ବିରୁଦ୍ଧଥିଲେ ଯାଇକରି ତାକେ ନିଜର୍ ରାତିର୍ ସାଥି କର୍‌ବାର୍‌ଟା କେତେ ଦୂର୍ ଠିକ୍ ଆଏ । ଖଗେଶ୍ୱର ସେଠ୍ ତାକେ ପଏର୍ଛା ସତୀର୍ ମୁହୁଁଥି ସବୁ କଥାକେ କିନ୍ଦ୍‌ରେଇ ବୁଲେଇ କରି କହିଛନ୍ –

"ଦେହେ ପା'......
ଯାହା ଖାଏଲେ ଲାଗ୍‌ସି ବାଁତି ।"
"ଗଁତ୍ୟା ଯେନ୍ତା ସୋର୍ ପାଏସନ୍
କାଏଁ କାଏଁ ଚେର୍ ପଠେଇଦେସନ୍
ବାଟି କରି ସେଟା ପିଇ ନେସିଁକି
ବନେ ଲାଗ୍‌ସି ସେ ତୁର୍‌ତି ।"

ଇନୁ ସ୍ପଷ୍ଟ ବାରି ହେଇ ପଡୁଛେ ଯେ ତାର୍ ସାଙ୍ଗେ ଶୁଇକରି ତାକେ ବାରମ୍ବାର୍ ଥର୍‌କେ ଥର୍ ପେଟେ କରି ସାରି ଉଷୋ ଦେଇଛନ୍ । ନିଜର୍ ମୁହୁଁନୁ ସେ କହିଛେ ଇଟା କେଭେ ମିଚ୍ ନାଇଁ ହଇପାରେ, ନିଜର୍ ମୁହେଁ କିଏ କହି ପାରବା ବଡ଼ ଲୁକର୍ କଥା । ଇଥିର୍ ଲାଗି ଦୁଇଟା ଛାତି ଦର୍‌କାର୍, ଯେନ୍‌ଟା ପଏର୍ଛା ସତୀର୍ ଅଛେ, ସେଥିର୍ ଲାଗି ସେ ନିସାହା ହେଇଛେ । କେତେ ଲୁକର୍ ନୁ ଟପା ଦାଏକା ସହିଛେ, ଏତେ କହେଲା ପରେ ସେ ସରବ୍‌ସହନୀ 'ସତୀ' ହିଁ ଆଏ । ଖଗେଶ୍ୱରଙ୍କର୍ ଭାଷାଥିଁ – ନଟୀ ବିଛାତି ।

ପଏର୍ଛା ସତୀର୍ ମୁହେଁ କହିକରି ନିଜେ କବି ସମାଜର୍ ବିଧି ବ୍ୟବସ୍ଥାକେ ଘୃଣା କରିଛନ୍ । ଯେନ୍‌ଥିର୍ ଲାଗି ପଏର୍ଛା ସତୀ କହିଛେ –

"ବାଲୁତ୍ ରାଆଁଡ଼ି ପାପର୍ ଡର୍‌ହେଁ
ସଢ଼ି ଯାଉଥିବା ବାପର୍ ଘରେଁ
ଟଁଟି ଭିଜାଲେ ଝିଇକେ ପାପ୍
ବାପ୍ ରଖୁଥିବା ନାରଙ୍ଗି ଲେଡି ।"

ଇନୁ ପଏର୍ଛା ସତୀର୍ ମୁହେଁ କବି ସମାଜ୍‌ନୁ ବାଲୁତ୍ ବିହାକେ ମନା କରି ନୂଆଁ ସାମାଜିକ୍ ଚିନ୍ତାଧାରାଟେ ସୁରୁଷ୍ଟି କରିଛନ୍ । ଯୁଆନ୍ ଝି ନିଜର୍ ଦିହିର୍ ଭୋକ୍ ଶୋଷ୍ ମାରି ଆଉ ଥରେ ବିହା ନାଇଁ ହଇକରି ନିର୍ଜଳା ଏକାଦଶୀ କରୁଥିଲେ ସେ ସମିଆ ନ । ସେମାନ୍‌କର୍ ଲାଗି ଫେର୍ ଥରେ ବିହା ହେବାର୍‌ଟା ନିଷେଧ୍ ଥିଲା । ଲେକିନ୍ ବାପ୍‌ଟା ବୁଢ଼ା ପଛେ ହେଇ ଯାଇ ଥାଉ ଯଦି ଘରର୍ ସିଆନୀଟା ମରିଗଲା ତାର୍ ଲାଗି ଉପାସ୍‌ବଲା ତ ଦୂରର୍ କଥା ଫେର୍‌ଥରେ ବିହା ହେବାର୍‌ଟା ବି ନିୟମ୍ ବଲି ରହିଥିଲା । ଇନୁ ସୋର୍ ପଡ଼୍‌ସି ନେଡି ନେଡି ଉପନ୍ୟାସର୍ ପ୍ରବୃ ି ଆଉ ନିବୃ ି କଥା ।

ପ୍ରବୃ ି ଥି (ଭୋଗ୍) ମୁନୁଷ୍‌ମାନେ ବୁଡ଼ି ରହେବାର୍ ଲାଗି ବାରଣ୍ ନାଇଁନ ଲେକିନ୍ ନିବୃ ିର୍ (ତ୍ୟାଗ୍) ବାଟ୍‌ଟା ଖାଲି ମାଏଝିମାନ୍‌କର୍ ଲାଗି ଲେଖାହେଇଛେ । ପଏର୍ଛା ସତୀ ବ୍ୟଙ୍ଗକରି କହିଛେ ସେମାନେ ପଏତା ପିନ୍ଧା ବାମ୍‌ହନ୍ ତ ହେଥିର୍ ଲାଗି ସେମାନ୍‌କୁ ସାତ୍ ଖୁନ୍ ମାଫ୍ ଆଏ । ଆଉ ହେଥିର୍ ଲାଗି ପଏର୍ଛା ସତୀ ନଟୀ ବିଛାଡି ଆଏ ।

ସମାଜର୍ ବଡ଼ ପଁଡାମାନେ କେଭେ ତାଁକର୍ ଦୁଇ ନମ୍ବରି ରାଏତ୍ ଅଧିଆ କାମ୍‌କେ ଟୁଁଡ଼େ କହନ୍ ନାଇଁ କି କିଏ କହେଲେ ସହନ୍ ନାଇଁ । ଲେକିନ୍ ଡାଲ୍‌ଖାଇ ନାଚୁଥିବା ଛୋଟ୍ ଜାଏତର୍ ଝି'କେ ଟଁକା ପଏସା ଫିକିକରି ନିଜର୍ ମନର୍ ଅଶ୍ଳୀଳ ଭାବ୍‌ନାକେ ଦେଖାସନ୍ । ତାକେ ତାର୍ ଇଚ୍ଛା ବିରୁଦ୍ଧଥି ଭୋଗ୍ କର୍‌ସନ୍, ସକାଲ୍ ପାଏଲେ ସେମାନେ ଶୁଦ୍ଧ ହେଇ ଝକ୍‌ଝକାସନ୍, ମନ୍ଦିରେ ମହାପୁରୁକେ ଗଙ୍ଗାଜଲ୍‌ଥି ଧୁଇକରି ପୂଜା କର୍‌ସନ୍ ଆଉ ଦେବତାର୍ ଭୋଗ୍ ଲାଗିସାରିଥିବା ଅଏଁଠା ଲେଖେ ପଏର୍ଛା ସତୀକେ ଫିକି ପାର୍‌ସନ୍ ନଲିଆକେ ।

ପଏର୍ଛା ସତୀକେ ସତୀ କର୍‌ବାର୍ ଲାଗି ସେ ସମିଆର୍ ବାପା ମାଁର୍ ଭୂମିକା ବି କମ୍ ନୁହେଁ । ସେମାନେ ତାଁକର୍ ଛୋଟ୍ ବଏସର୍ ଝି' କେ ହାତ୍ ଧରେଇ ପାର୍‌ସନ୍ ବୁଢ଼ା ହଡ଼ାର୍ ହାତେ, ତାର୍ ଗରଭର୍ ଛୁଆକେ ଟଁଟି ବି ଚିପି ପାର୍‌ସନ୍ । ଅସହାୟ ପଏର୍ଛା ସତୀ ସମାଜ୍‌ନ ସେ ସତୀ ହେବାର୍‌କେ ବାଧ୍ୟ, ଚରିତ୍ର ପରେ ଧୋବ୍ ଦିହର୍ ଦାଗ୍‌କେ ଧୁଇନେଲେ ଝକ୍‌ଝକ୍, ହେଲେ ମନର୍ ଦାଗ୍ ମେଟାବା କିଏ ? ତାର୍ ଦୁଖ୍ ତ ଗାଉନି ଗାଉଛେ, ହେଥିର୍ ଲାଗି ସେ କବି ତାକେ ତାର୍ ଟୁଡେଁ କହିଛନ୍- 'ମୁଇଁ ପଏର୍ଛା ସତୀ' ।


ସେ ଜାନେ ତୁଲସୀକେ ନିଜେ ଭଗବାନ୍ ଭୋଗିଥିଲେ ଛଲ୍‌କପଟ୍ କରି । ଲେକିନ୍ ତାକେ ଲୁକେ ତୁଲସୀ ନାଇଁ କହିକରି 'ବିଛାତି' ଶବଦ୍‌ର ପ୍ରୟୋଗ୍ କରସନ୍ । ମହାପୁରୁ ନିଜେ ଗୁପିମାନ୍‌କର୍ ସାଙ୍ଗେ ରାସ୍‌ଲୀଲା କଲେ, ସିନେମାର୍ ହିରୋଇନ୍ କେତେ ପରକାରର୍ ନାଚ୍ ନାଚି କରି ଦେଖାସି । କିନ୍ତୁ 'ନଟୀ' ହେସି ସେ ନିଜେ କାଁ କରି ଆଉ କାଏଁଥିର୍ ଲାଗି ବଲି ପର୍‌ଶନ ଟେ କବି ଫିଙ୍ଗିଛନ୍ ସମାଜ୍‌କେ ।

ଆଜିକାଲି ସଭେ ସତୀ, ଶରୀର୍‌ଥି, ମନ୍ ଭିତ୍‌ରେ ପଛେ ହଜାରେ ମୁନୁଷ୍ ଥାଉନ୍, ସେମାନେ ଅସତୀ ହେବେ କାଏଁ ହେଲାଜେ । ମୁବାଇଲ୍ ଯୁଗ୍‌ଥି ତ ସତୀତ୍ୱ ଆଉ ଚାଟିଙ୍ଗ୍‌ଥି । ଶହେ ଅଶ୍ଳିଲ୍ ଭିଡ଼ିଓ ପଛେ ଥାଉ ମୁଁଡ୍ ଟେକି କରି ବାଟ୍ ଚଲ୍‌ସନ୍ ତଥା କଥିତ୍ ସତୀମାନେ ସେମାନ୍‌କୁ କିହେ ନଟୀ ବିଛାତି ବଲି ଗାଲି ନାଇଁ ଦିଅନ୍ । ସେମାନ୍‌କର୍ ଅନ୍‌ଲାଇନ୍‌ରେ ଜହ କାଟ୍‌ତି । କାହାର୍ ଜିଭେ ହାଡ୍ ଅଛେ ନିଜର୍ ମୁହୁଁନୁ କହେବା ବଡ଼ବଡ଼ିଆମାନ୍‌କର୍ କାର୍‌ନାମା ଯେ କହେଲା ସେ ଇତିଶ୍ରୀ, ମମିତା ଲେଖେଁ ମରାହେବା । ଇନ ତ କାଷ୍ଟିଂ କାଉଚ୍ ହେସି, ହନିଟ୍ରାପ୍ ମେତାର୍ କେତେ କେତେ କଥା ଆଉ ଘଟ୍‌ନା ହେଉଛେ ଲେକିନ୍ କେହିନିଟା ମୂଲ୍ ନୁଁ ଶେଷ୍ ତକ୍ ନାଇଁ ପୁହୁଁଚି ପାର୍‌ବାର୍ । କପିଲ୍‌ଧାର୍ ପାପ୍ ଛଡ଼ାବାର୍ ଜାଗା ବି ଆଉ ନାଇଁ ହେଇ । ଲୁକେ ପାପ୍ କରିଛନ୍ କିମ୍ବା ପାପ୍ କର୍‌ବାର୍ ଲାଗି ଋଷିକେଶ, ବୃନ୍ଦାବନ୍ ଯାଇପାରୁଛନ୍ । ପାପ୍ ଛଡ଼ାବାର୍‌କେ ଋହୁଁଛେ କିଏ, ପାପ୍ ବଏଲେ କାଣା ଆଏଜ୍ କାଲି ସମିଆ ଜାନି ବଦ୍‌ଲୁଛେ । ସମାଜ୍ ଗୁଟେ ନୁହେଁ ଗୁର୍‌ଦୁଟେ ପଏର୍ଛା ସତୀକେ ଋହିଁ ବସିଛେ ।

*ଗଙ୍ଗାଧର ନଗର, ବରଗଡ଼*
*୯୫୫୬୦୪୫୮୭୫*

# ଖଗେଶ୍ୱରଙ୍କ ସତୀ ଭିତ୍‌ରେ 'ପଏର୍ଛା ସତୀ'

*ଜିତେନ୍ଦ୍ର ପର୍ଡିଆ*



କବି ଖଗେଶ୍ୱର ସେଠ୍ ( ଜନମ୍ ୧୯୦୬ - ମରନ୍ ୧୯୮୭) ସମ୍ବଲ୍‌ପୁରୀ ଲେଖନ୍‌କାର୍ ଭିତ୍‌ରେ ସଲିଟ୍ ଲେଖ୍‌ନ୍‌କାର୍ ଲୋକ୍‌ଟେ । ସେ ବର୍‌ଗଡ଼୍ ଜିଲ୍ଲାର୍ ସର୍‌ସରା ଗାଁର୍ ଗୁଟେ କେଉଁଟ୍ କୁଟୁମ୍‌ନ ଜନମ୍ ନେଇ ଥିଲେ । ବାଲୁତ୍ ବେଲୁ ତାଂକର୍ ଦିହି ଭିତ୍‌ରେ ଦୁଖ୍ ଉପ୍‌ରେ ଦୁଖ୍ ପଡ଼ିଥିଲେ ବି ସେଟା ଦିହିସୁହା ହେଇଯାଇଥିଲା । ଇ କଥାକେ ସେ କେଭେ ଚିନ୍ତା ଭି ନାଇଁ କରି । ଯାର୍ କରମ୍ କପାଲ୍ ଉଚ୍ଥିସି ତାହାକେ ଯେତେ ଦୁଖ୍ ପଡ଼୍‌ସି, ସେ ଉତ୍‌କି ଉତ୍‌କି ସୁଖ୍ ଭାବିକରି କାହାକେ ଖାତ୍‌ରି ନାଇଁ କରି ମାଡ଼ିମାଡ଼ି ଚ୍‌ଲ୍‌ସି । ଯେନ୍‌ତା ହିସାବେ ପଏର୍ଛ୍‌ସତୀ ଲୋକ୍‌ମାନ୍‌କର୍ ନ ତାଲ୍ ଦେଇକରି ଆଗ୍‌କେ ଆଗ୍‌କେ ମାଡ଼ି ଚ୍‌ଲିଥିଲା ।

ଏନ୍‌ତା ହିସାବେ ଦେଖ୍‌ବାର୍‌କେ ଗଲେ କବି ଖଗେଶ୍ୱରଙ୍କ ପଏର୍ଛା ସତୀ  ଗୁଟେ ଲମ୍ବା ଚୌଡ଼ା କବିତା ଆଏ । ଇଟା କର୍‌ମା ସୁର୍‌ନ ଲେଖା ହେଇଛେ, ଆର୍ ସତୋର୍ ପଦ୍‌ନ କବିତାକେ ଯୁଟା ହେଇଛେ । ଇ କବିତାନ କବି ଦେଖେଇ ଦେବାର୍ ନ ଚ୍‌ହିଁଛନ୍ ଯେ ସତୀ ବଲ୍‌ବାର୍ ଜିନିଷ୍‌ଟା କାଣା ଆଏ । ସତୀ କାହାକେ ଆମେ କହେମା  ? ତାର୍ ବାହାର୍‌ଟା ଯେନ୍‌ତା

ହେଇଥାଉଭି  ଭିତର୍ ଜଦ୍‌ରି ସଫା ଅଛେ  ତାହାକେ ସତୀ ବଲ୍‌ମା, କି ବାହାର୍‌ଟା ଦେଖ୍ ସୁନ୍ଦ୍‌ରି ଫଲ୍‌ସା ଫୁଲ୍ ଲେଖାନ୍ ଥିବା ଆର୍ ତା'ର୍ ଭିତର୍‌ଟା ଆଁଠେ ନର୍କନ ପୁରିକରି ରହିଥିବା, ତାହାକେ ସତୀ ବଲ୍‌ମା । ସାଧାରନ୍ ଲୋକ୍ ଯେନ୍ ଭାବେ ସମାଜ୍‌କେ ଦେଖ୍‌ସି, କବି ତାହାକେ ଦେଖ୍‌ସି ଉଲ୍‌ଟିଆ ।

କବି ପଏର୍ଚ୍ଛା ସତୀ ଘୁଷା ପଦେ ଗୁଟେ ନାରୀ ହୃଦର୍ ହାହାକାର୍ ଚିତ୍ରଟେ ଦେଇଛନ୍ । ଯାର୍ କି ତା'ର୍ ଦୋଷଗୁନା ଯେତେ ଥାଉ ସେତେ ଥାଉ ସମାଜ୍ ତାହାକେ ଟିକେ କଥାଥିଁ ବଡ଼୍‌ବଡ଼୍ ନାମଦାଗ ଦେଇକରି ତଲିତଲାନ୍ତ୍ କରିଦେସି । ଇ କଥାଟା ସେ ଆର୍ କାହାକେ କହେବା, ବରଂ ନାରୀ ହୃଦର୍ କଥାଟା ନାରୀ ମାନ୍‌କୁ କହୁଛେ –

''ଶୁନ ଗୋ ମାଁ ବହନେ<br>
ମୋର୍ ନାଁ ଟା ପଏର୍ଚ୍ଛା ସତୀ<br>
ମତେ ବଲ୍‌ସନ୍ ବାଂଝେନ୍ ଛାର୍ରୀ<br>
ଘଏତାଖାଇ ନଟୀ ବିଛାତି ।''

କବି ସମାଜର୍ ଆଘର୍ କଥା ସବୁ ନେଇ କରି ଗୁଟେ ମାଏଝି ଜୀବନ୍‌ର କଥା କହିଛନ୍ । ମାଏଝି ଜୀବନ୍ ଜନମ୍‌ରୁ ମର୍‌ବାର୍ ତକ୍ ଖଁଡ଼ାଧାରେ ଚଲ୍‌ବାର୍ ଜୀବନ୍ । ଟୁକେଲ୍ ଗୁଟେ ଜନମ୍ ହେଇ ସାଏଲା ପରେ ନିଜର୍ ମାଁ ବୁଆ ଭି ତାହାକେ, ତାର୍ ଜୀବନ୍‌ଟାକେ କେଚ୍‌କେଚ଼ କରିଦେସନ୍ । ସେ କିଛି ନାଇଁ ଜାନ୍‌ବାର୍ ଆଗ୍‌ରୁ ଛୁଆବେଲୁ ତାହାକେ ବିହା କରିଦେସନ୍ । ତା'ର୍ ମୁନୁଷ୍ ଯେନ୍‌ଟା ହେବା ବୁଢ଼ାଟେ କି କାଣାଟେ ସେ ଭି ନାଇଁ ଜାନିଥାଏ । ତାର୍ ଘଏତା ଯେନ୍‌ଟା ହେବା ସେ ବୁଢ଼ା ମରିଗଲେ ଟୁକେଲ୍‌ଟା କିଛି ନାଇଁ ଜାନିକରି ଭି ରାଏଁଡ଼ି ହେସି । ଇଥିର୍ ଲାଗି ନିଜର୍  ମାଁ ବୁଆ ତା'ର୍ ଟଁଟି ମାଡ଼ି ଦେବାର୍ ନୁଁ ଅତ୍‌ପର୍ ଆଏ । ଏନ୍‌ତା ବି ହେସି ଗୁଟେ ଟୁକେଲ୍ ଯାହାକେ ତାର୍ ମା ବୁଆ ଛୁଆନୁ ବିହା କରି ଦେଇଥିସନ୍ ସେ ମୁନୁଷ୍ ଯଦି ତାହାକେ ନାଇଁ ହେଲା, ସେଥିରେ ଭି ସେ ମାଟି ହେଇଗଲା । ସେତ ଜବର୍‌ଦସ୍ତ୍ ତାର୍ ଘର୍‌କେ ଢୁକି ନାଇଁ ଯାଇ  ପାରେ । ଗୁଟେ ଟୁକେଲ୍ ଜୀବନ୍‌ଟାକେ ମାଟି କର୍‌ବାର୍ ନ ତାର୍ ମାଁ ବୁଆ ହେଉଛନ୍ ପ୍ରଥମ୍ ଦାୟୀ । ହେତିର୍ ଲାଗି ପଏର୍ଚ୍ଛା ସତୀ ତାର୍ ବୁଆକେ ନିର୍ଧୁମ୍ ଗାଳିଦେଇଛେ ।

''ବାପ୍ ଅଁଟ୍କୁରା ଟଁକା ଦେଖ୍ଲା
ଦର୍ମରାଟାକେ ଝପେଇ ନେଲା
ବନ୍ଦ୍ନା ଲୁଗାଥି କନ୍ଦ୍ନା ଲାଗ୍ଲା
ଲାଖ୍‌ଚୁରି କାଣା ଭାଙ୍ଗ୍‌ତିଁ ହେଥିଁ ?''

ଟୁକେଲ୍ ଜୀବନ୍‌ନ ତାହାକେ ଅନେକ୍ ପ୍ରକାର୍ ଘଏତା ଖାଇ, ପଏସା ମୁଡ଼ି , ଆଦି ଅନେକ୍ ନବରଙ୍ଗ କଥା ତାହାକେ ସୁନ୍‌ବାର୍‌କେ ମିଲ୍‌ସି । ଇଥିର୍ ଲାଗି ତା'ର୍ ଜୀବନ୍‌ଟା ବିଦ୍ରୋହ ହେଇକରି ବୁଡ଼ିଗଲା ଗୁଡ୍ ତଲ୍‌କେ ତଲ୍‌କେ ହେଇକରି ଆହୁରି କେଚ୍‌କେଚ ହେଇଯାଏସି । ଲୋକ୍‌ମାନ୍‌ଙ୍କର୍ ନୁଁ ବଁଚ୍‌ବାର୍ ଲାଗି ତାହାକୁ ଖଡ଼ୋଖଡ଼ୋ ଜବାବ୍ ଦେଇ ଶିଖ୍‌ସି । ଆସ୍ତେ ଆସ୍ତେ

ତା'ର୍ ବିଦ୍ରୋହ ମନ୍ ଦେଖ୍‌ବାର୍‌କେ ପାଏସି ମାଁ ବୁଆର୍ ନୁ ହେଇକରି ସମାଜ୍‌ନ ଯେନ୍ ଲୋକ୍‌ମାନେ ଭଦ୍ରଲୋକ୍ ସାଧୁ ବଲିକରି ଝର୍ ମାରୁଥିସନ୍ ସେନ୍‌ତା ଲୋକ୍‌ମାନେ ଭି କେନ୍‌ତା କରି ଢ଼ପୋ ଦେଖେଇ ହେଉଛନ୍ । ସେମାନଙ୍କର୍ ମୁଖା ଭିତ୍‌ରେ ହଲାହଲ୍ ବିଷ୍ ଭରି ରହିଛେ । ସେଥିର୍ ଲାଗି ତାର୍ ଜୀବନ୍ କେଭି ପର୍‌ବାଏ ନାଇଁକରି ଢ଼ାଲ୍‌ଖାଇ ହେଉ ଡୁବିତବ୍‌ଲା ଜାଗା ହେଉ ସବୁଆଡ଼େ ତା'ର୍ ଗତି । ସେ ଯେ ଗାଲି ଦେଲେବି ଚିନ୍ତା ନାଇଁ କରି କାର୍ତ୍ତିକ୍ ମାସେ ବୁଡ଼୍ ପକାନୁ ଆରମ୍ଭ କରି, ଅଁର୍ଗା ଘାଟ୍‌ନ ରଗଡ଼ି ହେବାର୍ ତକ୍ ତା'ର୍ ଚିନ୍ତା ନାଇଁ । ଦିନ୍ ରାତ୍ ଭି ତା'ର୍ ଲାଗି ସମାନ୍ । ଯେନ୍‌ମାନେ ଭି ନିଜ୍‌କେ ସାଧୁ , ବାବା, ସନ୍ୟାସୀ ବଲିକରି କହୁଛନ୍ ସେମାନଙ୍କର ଭିତ୍‌ରେ ଭି ହଲାହଲ୍ ବିଷ୍ ଭରି ରହିଛେ । ସେମାନେ ଖାଲି ଉପ୍‌ରେ ଉପ୍‌ରେ ସାଧୁ, ଭିତ୍‌ରେ ଭିତ୍‌ରେ ଗାଧୁ । କବି ସେମାନଙ୍କର୍ କଲାକାର୍‌ନାମା ଦେଖେଇ ଦେଇଛନ୍ –

''ଗାଁ କେ ଆସ୍‌ଲେ ବାବଜୀମାତା
ଗିଆନ୍ ଶୁନ୍‌ସି ରାଏତ୍ ସର୍‌ତା
ସଂଗେ ନେବାର୍‌କେ କହେସନ୍ ବାବା
ଦେଖିକରି ମୋର୍ ସେବା ଭକ୍‌ତି ।''

କବିର୍ 'ପଏର୍ଛା ସତୀ' ଜାନି ପାରିଛେ ଯେ ଯାର୍ ମନ୍ ନିର୍‌ମଲ୍ ସେଟା ହେଉଛେ ଗଂଗାଜଲ୍ । ତା'ର୍ ମନ୍‌କେ ସବୁଆଡ଼େ ଢୁକେଇଛେ ହେଲେ,

ସବୁଆଡ଼େ ଦେଖିବାର୍‌କେ ପାଇଛେ ଠକ ଭଣ୍ଡ ଫମ୍ପା ଆବାଜ୍ । ସେଥିର୍ ଲାଗି 'ପଏର୍ଛା ସତୀ'କେ ଆଧାର୍ କରି ସମାଜର୍ ମୁଖାକେ ଇ କବିତାନ ଖୁଲି ଦେଇଛନ୍ । ଯିଏ ଗାଁର୍ ଗଁତିଆ ହେଇଛେ, ସଭାସମିତିନ ବଡ଼୍‌ବଡ଼୍ କଥା କହୁଛେ ତା'ର୍ ଭିତ୍‌ରେ ବି କେନ୍‌ତାଟା, ଇନ ତାହାକେ ଭଲ୍ ଭାବେ ଜାନ୍‌ବାର୍‌କେ ପାଏମା –

''ଦେହେ ପା' ମୋର୍ ନଶେ ଆଘୋ
ଆଏଜ୍ କାଏଲ୍ ମୁଇଁ ନୁହେ ଜାନେଁ ଗୋ
ଥରେ ଥରେ ଏକା କାଏଁ ହେସି ଯେ
ଯାହା ଖାଏଲେ ଲାଗ୍‌ସି ବାଁତି ।
ଗଁତ୍ୟା ଯେନ୍‌ତା ସୋର୍ ପାଏସନ୍
କାଏଁ କାଏଁ ଚେର୍ ପଠେଇ ନେସନ୍
ବାଟିକରି ସେଟା ପିଇନେସିଁ କି
ବନେ ଲାଗ୍‌ସି ସେ ତୁର୍‌ତି ।''

ଇଥିର୍ ଲାଗି ବାପ୍ ନୁ ଆରମ୍ଭ କରି ଜାତିହାତୀ ତକ୍ ସଭେ ତାହାକେ ଘୃଣା କରିକରି ହିନିସ୍ତା ହଟ୍‌ହଟା କରିଛନ୍ । ସମାଜ୍ ତାହାକେ ଛି ଛାକର୍ କରିଛେ ହେଲେ ସବୁକଥାକେ ସେ ସହିଯାଇଛେ । ଜାତିଆମାନେ ''ହାଣ୍ଡିରେ ଖାଉଁ ଗୁଡ଼୍‌ରେ ପଡ଼ିଲେ ଗାଧେଇ ଯାଉଁ ''କଥାକେ ଠିକ୍ ଭାବେ ଜାନିଛେ । ମାଏଝି ଜୀବନେ ସବୁ ପାପ୍ , ଅଁରା ମାନ୍‌କୁ ସବୁ ମାପ୍ ସମାଜର୍ ଇ କଥାକେ ଭି ଭଲ୍‌ଭାବେ ଜାନିଛେ, ଜାନିଛେ ବଲିକରି ମାଁ ଧର୍‌ତୀ ଲେଖାଁନ୍ ସବୁ ସହିଛେ ।

କବି ସମାଜ୍‌ନ ଯେତ୍‌କି ଯେତ୍‌କି ସତୀ ଅଛନ୍ ସମସ୍ତଙ୍କର୍ ଉପ୍‌ରେ ରହିଛେ 'ପଏର୍ଛା ସତୀ' । ତା'ର୍ ସତ୍ କଥାକେ ସମାଜ୍‌ନ ଖୁଲିକରି କହିଦେଇଛେ , ତା'ର୍ ପେଟ୍ ଭିତ୍‌ରେ କିଛି ଭି ନାଇଁ ରଖି । ସତ୍ କଥା କହିକରି ଯାହା ବଦ୍‌ନାମ୍ ହେଲେଭି ତା'ର୍ ପର୍‌ବାଏ ନାଇଁ । ଅନ୍ୟ ମାନ୍‌କର୍ ଲେଖାଁନ୍ ଭିତ୍‌ରେ ଭିତ୍‌ରେ ଅସତ୍ କାମ୍‌କରି ସତୀ ଦେଖେଇ ନାଇଁ ହେଇ । ସତ୍ ଟା ସବୁବେଲେ ସତ୍ । ସେ ଜୀବନ୍‌ନ ଯାହା କରିଛେ, ସବୁ କଥାକେ

ସତେ ସତେ କହି ଦେଇଛେ –

''ପାପ୍ କର୍ କି ପୁଇନ୍ କର
ସତ୍ କଥେଁ କାଏଁ ଲାଜ୍ ଡ଼ର ?
ପାନି ବୁଡ଼ି ପାଏନ୍ ପିଇଲେଁ ହେଲେଁ
ନାଇଁ ଜାନେ କାଏଁ ଜଲ୍ ଦେବ୍ତୀ ।''

ସତ୍ କଥାନ ଧର୍ମ ଅଛେ । ସତ୍ ହିଁ ଭଗବାନ୍ । ଯିଏ ସତ୍ କହେସି ତାହାକେ କୁହାଯିବା ସତୀ । ଇ କଥାଟା ପଏର୍ଛ୍ଣା ସତୀ ଠିକ୍ ଭାବେ ଜାନିଛେ । ସେଥିର୍ ଲାଗି ତାର୍ ପାପ୍ ପୁଇନ୍ କେ ଡ଼ର୍ ନାଇଁନ । ଇ ପାପ୍ ପୁଇନ୍ କଥାତ ମୁନୁଷ୍ ତିଆରି କରିଛେ । ଯେନ୍ ମୁନୁଷ୍ ମାଏଝିମାନେ ସତ୍‌କଥାକେ ଡ଼ରିକରି ମିଛ୍ କହୁଛନ୍ , ସେ କଥାଟା କାଣା ତାକର୍ ଦିହି ଭିତ୍‌ରେ ଥିବାର୍ ଭଗବାନ୍‌ଟା ନାଇଁ ଜାନିପାର୍‌ବାର୍ ? ସେମାନେ କାହାକେ ଠକୁଛନ୍ ? ସେଟା ତ ଭଗବାନ୍ କେହିଁ ଠକୁଛନ୍ । ଠକାଠକି କରୁଥିବାର୍ ମୁନୁଷ୍‌ମାନ୍‌କୁ କବି ପାପୀ ଅଧର୍ମୀ ବଲି ସେମାନଙ୍କୁ କହିଛନ୍ । କବି ଧର୍ମଟା କେନ୍ ଜାଗାନ ଅଛେ, ତାହାକେ ଦେଖେଇ ଦେଇ କହିଛନ୍ –

''ସତ୍ କଥା ଯିଏ କହି ନାଇଁ ପାରେ
ସତ୍ କଥାକେ ସହି ନାଇଁ ପାରେ
ହେନ୍ତା ନିଲଜ୍ – ପାପୀମାନ୍‌କର
କପିଲ୍‌ଧାରେଁ ପାପ୍ ଛଡ଼ାତିଁ ।''

କବି ଖଗେଶ୍ୱର ସେଠ୍ କହିଛନ୍ ଯେ 'ପଏର୍ଛ୍ଣା ସତୀ' ତା'ର ଜୀବନ୍‌ରେ ଯାହାବି କରିଛେ ତାହାକେ ଗୁଟ୍‌ଗୁଟ୍ କରି ସମାଜ୍ ଆଘେ କହିଦେଇଛେ । ସେଥିର୍ ଲାଗି ତା'ର୍ ଚିନ୍ତା ଅରଥ୍ କିଛି ନାଇଁନ । ସେ ହେଉଛେ ସତ୍ ମୁନୁଷ୍ । କିନ୍ତୁ ସେ ଗୁଟେ କାମ୍, ଅନ୍ୟ ଜଣେ କରୁଛେ, ଭିତ୍‌ରେ ଭିତ୍‌ରେ ତାହାକେ ରଖିକରି, ଧନ୍ ଜନ୍ ମନ୍‌କେ ଉପଭୋଗ୍ କରି ସତୀ ଦେଖେଇହେଉଛେ । ଇଥିରୁ ବିଚ଼ର୍ କର୍‌ବାର୍ କଥାଯେ କାହାକେ ଆମେ ସତୀବଲିକରି କହେମା । ସମାଜ ନ ଏନ୍‌ତା ଲୋକ୍ ମାନେ ଅଛନ୍ ସେମାନେ ଗୁଟେ ଗୁଟେ ମୁଖା ପିନ୍ଧିଥିବାର୍ ମୁନୁଷ୍ । ଦୁନିଆଁ ନ ଯେତେ ପ୍ରକାର

ଅସତ୍ କାମ୍ ଅଛେ ମାଏଝି ହେଉ କି ମୁନୁସ୍ ହେଉ ସବୁଥିରେ ସେମାନେ ହାଜର୍ ହେଲେ ଭି ସମାଜ୍‌ରେ ସେମାନେ ଭଦ୍ରଲୋକ ବଲିକରି ଦେଖେଇ ହେଉଛନ୍ । ଇନ୍‌ତାଲୋକ୍‌ମାନେ ସମାଜ୍‌କେ ଠକି ପାର୍‌ବେ ହେଲେ ଉପର୍‌ବାଲାକେ ଠକି ନାଇଁ ପାରନ୍ । ନିଜର୍ ଭିତ୍‌ରେ ଥିବାର୍ ଭଗବାନ୍‌କେ କେଭେ ବି ଠକି ପାର୍‌ବେ କାଏଁ । ସେମାନେ ସବୁବେଳେ ଅସତୀ ଭାବେ ରହିଥିବେ । ହେଲେ ଯିଏ ପରିସ୍ଥିତି ପରିବେଶ୍‌ନ ପଡ଼ିକରି ତଲିତଲାନ୍ତ୍ ହେଉଛେ ସେ ଦେହେଦୁରୁବ୍ ହେଇଗଲେ ଭି ସବୁ ଯୁଗେ ସବୁ ସମୀୟାନ ସତୀ ଭାବେ ପୂଜାପାଉଥିବା । କବି ତାହାକେ ପର୍ଏ୍‌ଛା ସତୀ ନ ପ୍ରମାଣ କରି ଦେଖେଇ ଦେଇଛନ୍ । ହେଥିର୍ ଲାଗି ଖଗେଶ୍ୱର ସେଠ୍ ସମ୍ବଲପୁରୀ ସାହିତ୍ୟନ ଗୁଟେ ଉଛା ଦରର୍ କବି ଭାବେ ପରିଗଣିତ୍ ହେଉଥିବେ ।


*ପ୍ରଧାନ ଶିକ୍ଷକ*

*ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ*

*ଝାରବାହାଲି, ବିନିକା*


*୯୪୩୭୭୬୫୭୩୯*


ଆମର ସାହିତ୍ୟ ଉତ୍ସବ
A Literary Festival of Western Odisha


ସାହିତ୍ୟ ଉଚ୍ଛବ୍, ପଦମ୍‌ପୁର
(କବିତା ପାଠ ଆର୍ ଆଲୋଚନା)


ଆମର ସାହିତ୍ୟ ଉତ୍ସବ




We are thrilled to invite you to the
inaugural ceremony of
"aamarsahitya.com"
SIGNUP, WRITE YOUR POST, SUBMIT & IT WILL BE LIVE.
A platform to serve and showcase
WESTERN ODISHA LITERATURE
on the auspicious tithi of Vijaya Dashami

